# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 • ISSUE-56 • WEDNESDAY • 20 AUGUST 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୫୬ • ବୁଧବାର • ୨୦ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




ଆୟରଙ୍କୁ ମିଳିଲାନି ସ୍ଥାନ

ପୃଷ୍ଠା ୧୨ ଦେଖନ୍ତୁ...

# ରେଳଯାତ୍ରୀ ଦେବେ ଲଗେଜ୍ ଚାର୍ଜ



## ଓଜନ ଅନୁଯାୟୀ ଆଦାୟ ହେବ ଭଡ଼ା

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ବିମାନଯାତ୍ରୀଙ୍କ ପରି ଏଣିକି ରେଳ ଯାତ୍ରୀ ବି ଦେବେ ବ୍ୟାଗେଜ୍ ଓ ଲଗେଜ୍ ଚାର୍ଜ। ଯାତ୍ରା ସମୟରେ ସାଥୀରେ ନେଉଥିବା ସାମଗ୍ରୀ, ବ୍ୟାଗ୍ ଓ ଲଗେଜ୍ ଓଜର ଅନୁସାରେ ଯାତ୍ରୀଙ୍କୁ ଫି' ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ପ୍ରୟାଗରାଜ ଓ ଲକ୍ଷ୍ନୌ ଷ୍ଟେସନରୁ ଏହା କାର୍ଯ୍ୟକାରୀ ହେବ; ପରବର୍ତ୍ତୀ ସମୟରେ ଏହା ସାରା ଦେଶରେ ପ୍ରଚଳନ କରାଯିବ। ରେଳଯାତ୍ରୀଙ୍କ ପାଇଁ ଏହି ନିୟମ କଠୋର

### ପ୍ଲାଟଫର୍ମରେ ଯାଞ୍ଚ ହେବ ବ୍ୟାଗ୍‌ର ଆକାର ଓ ଓଜନ

### ବିମାନବନ୍ଦର ପରି ଯାତ୍ରୀଙ୍କୁ ଦିଆଯିବ ବୋର୍ଡିଂ ପାସ୍

ଭାବରେ ଅନୁପାଳନ କରାଯିବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି ।

ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀଙ୍କ ଲଗେଜ୍‌ର ଓଜର ଓ ଆକାର ସମ୍ପର୍କରେ ପୂର୍ବରୁ ନିୟମ ଥିଲେ ହେଁ ଏହାକୁ ଅନୁପାଳନ କରାଯାଉ ନାହିଁ । ମାତ୍ର ଏବେ ରେଳ ବିଭାଗ ଏହି ନିୟମକୁ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛି। ନୂଆ ନିୟମ ଅନୁସାରେ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କୁ ଇଲେକ୍‌ଟ୍ରୋନିକ୍ ଓଜନ ମେସିନରେ ସେମାନଙ୍କର ଲଗେଜ୍ ଓଜନ କରିବାକୁ ପଡିବ। ଯଦି ଲଗେଜ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ କିମ୍ବା ▶ପୃଷ୍ଠା-୭

ଉପରାଷ୍ଟ୍ରପତି ନିର୍ବାଚନ

# ବି ସୁଦର୍ଶନ ବିରୋଧୀ ମେଣ୍ଟ ପ୍ରାର୍ଥୀ



## ଅଡୁଆରେ ଫସିଲା ତାମିଲନାଡୁ ଏବଂ ଆନ୍ଧ୍ର ରାଜନୀତି

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି ବିରୋଧୀ ଦଳ ଇଣ୍ଡିଆ ବ୍ଲକ୍ । ତାଙ୍କର ମୁକାବିଲା ଶାସକ ଏନ୍‌ଡିଏର ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନଙ୍କ ସହିତ ହେବ। ରାଧାକ୍ରିଷ୍ଣନଙ୍କ ଘର ତାମିଲନାଡୁ ହୋଇଥିବା ବେଳେ ରେଡ୍ଡୀଙ୍କ ଘର ହେଉଛି ଆନ୍ଧ୍ର ପ୍ରଦେଶରେ। ଏହି ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଅଡୁଆରେ ପକାଇପାରେ ବୋଲି କୁହାଯାଉଛି ।

ଆଜି ଇଣ୍ଡିଆ ବ୍ଲକର ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ସୁଦର୍ଶନ ରେଡ୍ଡୀଙ୍କ ନାମ ଘୋଷଣା କରିଥିଲେ। ସେ କହିଥିଲେ ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଲାଗି ଏହା ହେବ ଆଦର୍ଶଗତ ଲଢେଇ। ଆଜି ସନ୍ଧ୍ୟାରେ ଶ୍ରୀ ରେଡ୍ଡୀ ଦିଲ୍ଲୀରେ ପହଞ୍ଚିବା ପରେ ଆସନ୍ତାକାଲି ଇଣ୍ଡିଆ ବ୍ଲକ୍ ନେତାମାନଙ୍କର ବୈଠକ ହେବ। ଆସନ୍ତା ୨୧ ତାରିଖରେ ରେଡ୍ଡୀ ମନୋନୟନପତ୍ର ଦାଖଲ କରିବେ। ଶ୍ରୀ ଖଡ଼ଗେ କହିଲେ ଯେ ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଲେ ▶ପୃଷ୍ଠା-୭

ଭୋଟ ଅସଙ୍ଗତି

# ସିଇସିଙ୍କୁ ଭେଟିଲା ବିଜେଡି

■ ଭୁବନେଶ୍ୱର, ୧୯।୮ (ସମିସ): ଭୋଟ ଅସଙ୍ଗତି ପ୍ରସଙ୍ଗରେ ପୁଣିଥରେ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି। ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ସିଇସିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି। ପ୍ରାୟ ୨ ଘଣ୍ଟା ଧରି ଚାଲିଥିବା ଏହି ସାକ୍ଷାତ ଆଲୋଚନାରେ ବିଜେଡି ନେତାମାନେ ଗତ ସାଧାରଣ ନିର୍ବାଚନରେ ଘଟିଥିବା ଅସଂଗତି ସମ୍ପର୍କରେ ସିଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦଳ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନରେ ନିର୍ବାଚନ

### ଫର୍ମ-୧୭ସି ପ୍ରଦାନ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ

### ବିହାର ପରି ଏସ୍‌ଆଇଆର୍ ହେଲେ ତୀବ୍ର ବିରୋଧ

### ଫର୍ମ ୧୭ ସି ପ୍ରଦାନ ଆବଶ୍ୟକ ଥିଲା: ସିଇସି

ଅଧିକାରୀମାନଙ୍କ ଅବହେଳା, ଫର୍ମ ୧୭ ସି ପ୍ରଦାନ ନ କରିବା ପ୍ରସଙ୍ଗ ମଧ୍ୟ ବିଜେଡି ଏହି ଅବସରରେ ଉଠାଇଛି। ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିଶନଙ୍କ ଏପରି ମନୋଭାବ ଗଣତନ୍ତ୍ର ପାଇଁ ଅହିତକର ବୋଲି ଉଲ୍ଲେଖ କରି ବିଜେଡି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଆବେଦନ କରାଯାଇଥବା ଫର୍ମ ୧୭ ସି ଏଯାଏ ମିଳି ନ ଥିବା ପ୍ରସଙ୍ଗରେ ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି ▶ପୃଷ୍ଠା-୭

# ରାମେଶ୍ୱର-ଟାଙ୍ଗୀ ୬ ଥାକିଆ ରାସ୍ତାକୁ ମଞ୍ଜୁରୀ

## ୧୧୧ କିମି ପାଇଁ ବ୍ୟୟହେବ ୮୩୦୮ କୋଟି

■ ଭୁବନେଶ୍ୱର, ୧୯।୮ (ସମିସ): ଦୀର୍ଘ ଦେଢ଼ ଦଶନ୍ଧି ପରେ ରାଜଧାନୀ ଭୁବନେଶ୍ୱର ଓ କଟକ ବର୍ହିଭାଗରେ ରିଙ୍ଗରୋଡ଼ ନିର୍ମାଣ ଦାବିକୁ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିୟନ୍ ରିଂ ରୋଡ(ଭୁବନେଶ୍ୱର ବାଇପାସ୍) କୁ ମଞ୍ଜୁର ମିଳିଛି। ୧୧୧ କିଲୋମିଟର ଏହି ରିଙ୍ଗ ରୋଡ୍ ରାସ୍ତା ପାଇଁ ୮୩୦୭.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ରିଙ୍ଗ ରୋଡ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। ଏନଏଚ-୫୫,

### ମୋଦୀ ଓ ଗଡ଼କରୀଙ୍କୁ ଧନ୍ୟବାଦ ଦେଲେ ମୋହନ

ଏନଏଚ-୫୭, ଏନଏଚ୍-୬୫୫ ଓ ଗୋଟିଏ ରାଜ୍ୟ ରାଜପଥ ଏସଏଚ୍-୬୫କୁ ▶ପୃଷ୍ଠା-୭



ପ୍ରସ୍ତାବିତ ଭୁବନେଶ୍ୱର ବାଇପାସ୍‌ର ନକ୍ସା




# ମୂଷଳଧାରା ବର୍ଷା: ଭାସୁଛି ମୁମ୍ବାଇ

## ଲୋକାଲ ଟ୍ରେନ ସେବା ବାତିଲ, ୨୫୦ରୁ ଅଧିକ ବିମାନ ବିଳମ୍ବିତ

ମୁମ୍ବାଇ, ୧୯।୮ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୂଷଳ ଧାରାରେ ବର୍ଷା ହେଉଛି। ଏହା ଜଳ ପ୍ରଳୟ ସୃଷ୍ଟି କରିଛି। ଫଳରେ ରାଜଧାନୀ ବୁଡୁଛି, ସହର ଭାସୁଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆର୍ଥିକ ରାଜଧାନୀ ମୁମ୍ବାଇ ଏହି ବର୍ଷାରେ ସର୍ବାଧିକ ପ୍ରଭାବିତ ହୋଇଛି। ସ୍ଥିତି ସଙ୍ଗୀନ ହୋଇଯାଇଛି। ରବିବାର ରାତିରୁ ଜାରି ବର୍ଷା ଥମିବାର ନା ଧରୁନି। ଏହାର ପ୍ରଭାବରେ ଅନେକ ସ୍ଥାନରେ ଅଣ୍ଟେ ଉଚ୍ଚା ପାଣି ଜମି ରହିଛି। ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଛି। ଅନେକ ଘରେ ପାଣି ପଶି ଯାଇଛି। ଦୋକାନବଜାର ଏବଂ ଟ୍ରେନ ଲାଇନ ବୁଡି ରହିଛି। ଏଥିଯୋଗୁଁ ଲୋକାଲ ଟ୍ରେନ ଚଳାଚଳ ବନ୍ଦ ରହିଛି। ୨୫୦ରୁ ଅଧିକ ବିମାନ ଉଡ଼ାଣ ମଧ୍ୟ ବିଳମ୍ବିତ ହୋଇଛି। ଅନେକ ସ୍ଥାନରେ ଗାଡ଼ିମୋଟର ଭାସୁଥିବା ଦେଖାଯାଉଛି। ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକୃତି ଏବଂ ମାନବିକ ଅବରୋଧ ଲାଗି ସୃଷ୍ଟି ହୋଇଥିବା ଏହି ସ୍ଥିତି ଆଗରେ ଲୋକେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଯାଇଛନ୍ତି। ଆଜି ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ବର୍ଷା ଜନିତ ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଗଲାଣି। ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ମୁମ୍ବାଇ, ଥାନେ, ରାୟଗଡ଼, ରତ୍ନାଗିରୀ ଏବଂ ସିନ୍ଧୁଦୁର୍ଗ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ୪୪୨ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ମନୋରେଲ ପ୍ରବଳ ବର୍ଷା ଯୋଗୁଁ ଅଟକି ରହିଛି। ଏହା ପ୍ରାୟ ୩ ଘଣ୍ଟା ଅଟକି ରହିବା ପରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ଭିଡ଼ ଯୋଗୁଁ ବିଦ୍ୟୁତ ଯୋଗାଣ ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଅଧିକାରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭୀସ କହିଛନ୍ତି ଯେ ବାଦଲ ଫଟା ବର୍ଷା ଯୋଗୁଁ ନାନ୍ଦେଡରେ ୮ ଜଣଙ୍କ ମୃତ୍ୟୁ ହୋଇଛି।

### ନାନ୍ଦେଡରେ ବାଦଲ ଫଟା ବର୍ଷା; ୮ ଜଣଙ୍କ ମୃତ୍ୟୁ

### ବଢୁଛି ଯମୁନା, ଦିଲ୍ଲୀ ପ୍ରତି ବିପଦ

ପ୍ରାୟ ୫୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୁମ୍ବଇରେ ପ୍ରାୟ ୩୦୦ ମିମି ବର୍ଷା ହୋଇଛି। ସକାଳେ ମିଠି ନଦୀର ଜଳସ୍ତର ୩.୯ ମିଟର ବଢ଼ିଥିଲା। ଏଥିଯୋଗୁ କ୍ରାନ୍ତି ନଗର ଅଞ୍ଚଳରୁ ୩୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସହରରେ ଆଜି ବି ସ୍କୁଲ-କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ପାଣି ଭର୍ତ୍ତି ହୋଇଥିବା ଯୋଗୁଁ ଅନ୍ଧେରୀ ସବ୍‌ୱେ ବନ୍ଦ ରହିଛି।



ଅନେକ ଅଣ୍ଡର ବ୍ରିଜରେ ୪ ଫୁଟର ପାଣି ଜମି ରହିଛି। ହାର୍ବର ଲାଇନର ଟ୍ରାକ ପାଣିରେ ବୁଡ଼ି ରହିଛି। ଅନ୍ୟପକ୍ଷରେ ଯମୁନା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଦିଲ୍ଲୀବାସୀ ହନ୍ତସନ୍ତ ହେଉଛନ୍ତି। ନଦୀ ଫୁଲିବାରୁ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯମୁନା ପାଣି ବଜାର ଅଞ୍ଚଳରେ ପ୍ରବେଶ କରିଛି। ତେଣୁ ଦିଲ୍ଲୀ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟପଟେ ହିମାଚଳ ପ୍ରଦେଶ କୁଲୁରେ ସୋମବାର ରାତି ୧ଟାରେ ବାଦଲ ଫଟା ବର୍ଷା ହୋଇଛି। ପ୍ରଖର ସ୍ରୋତରେ ୩ଟି ଦୋକାନ ଭାସି ଯାଇଛି। ଭୂତନାଥ ପାସ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପୋଲ ମଧ୍ୟ ଭାସିଯାଇଛି। ରିପୋର୍ଟ ଅନୁଯାୟୀ ମଣିପୁର, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଗୋଆରେ ଅଧିକ ବର୍ଷା ହୋଇଛି। ସେହିପରି ଉତ୍ତର ପ୍ରଦେଶର ନୋଏଡ଼ା-ଗ୍ରେଟର ନୋଏଡ଼ାରେ ଭୀଷଣ ବର୍ଷା ଲାଗି ରହିଛି।

# ବଦଳିବନି ତାମିଲନାଡୁ ରାୟ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲକୁ ମଞ୍ଜୁରୀ ପ୍ରଦାନ କରିବା ନିମନ୍ତେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରି ଗତ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏସଂପର୍କରେ ରାଷ୍ଟ୍ରପତି ଲୋଡ଼ିଥିବା ମତାମତ ଉପରେ ଅଦାଲତ ତାଙ୍କର କେବଳ ମତ ଦେବେ। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ବେଞ୍ଚ ଆଜି ଏହା କହିଛନ୍ତି। ଏପ୍ରିଲ ୧୨ ତାରିଖରେ ସୁପ୍ରିମ କୋର୍ଟ ଯେଉଁ ରାୟ ଦେଇଥିଲେ ତାହା ଆଇନ ଦୃଷ୍ଟିରୁ ଠିକ୍ କି ନୁହେଁ, ସେସଂପର୍କରେ ରାଷ୍ଟ୍ରପତି ।।ଦ୍ରୌପଦୀ ମୁର୍ମୁ ସର୍ବୋଚ୍ଚ ଅଦାଲତଙ୍କର ମତାମତ (ପ୍ରେସିଡେନସିଆଲ ରେଫେରେନ୍ସ) ଲୋଡ଼ିଛନ୍ତି। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ଏହି ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

ଆଜି ଶୁଣାଣି ବେଳେ ପ୍ରେସିଡେନସିଆଲ ରେଫେରେନ୍ସକୁ ବିରୋଧ କରିଥିଲେ ତାମିଲନାଡୁ ଏବଂ କେରଳର ପ୍ରତିନିଧିତ୍ୱ କରୁଥିବା ଓକିଲ। ସେମାନେ ଯୁକ୍ତି କରିଥିଲେ ଯେ ଏପ୍ରିଲ ୧୨ ତାରିଖ ରାୟକୁ ବଦଳାଇବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମତାମତ ଲୋଡ଼ିଛନ୍ତି। ଏହାର ଉତ୍ତର ଦେବାକୁ ଯାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି, ଏପ୍ରିଲ ୧୨ ରାୟକୁ ଚାଲେଞ୍ଜ କରି ନାହାନ୍ତି।

### ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି

ତେଣୁ ସୁପ୍ରିମ କୋର୍ଟ କେବଳ ତାଙ୍କର ମତାମତ ଦେବେ। ସେହି ରାୟକୁ ରଦ୍ଦ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହାସହିତ ସେ କହିଥିଲେ ଯେ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ଡିଏମ୍‌କେ ମାମଲାରେ କୋର୍ଟ ତାଙ୍କର ରାୟ ଶୁଣାଇଛନ୍ତି। ରାଜ୍ୟପାଳ ବିଧାନସଭାରେ ପାରିତ ୧୦ଟି ବିଲକୁ ଅନୁମୋଦନ ନଦେଇ ତାହା ଉପରେ ଦୀର୍ଘ ଦିନ ଧରି ବସି ରହିଥିଲେ। ରାଜ୍ୟପାଳ ରବିଙ୍କ ଏଭଳି ଆଚରଣ ବେଆଇନ ଓ ଏକତରଫା ଥିଲା। ସେ ଫେରାଇଲା ପରେ ବିଲ୍ ଦ୍ୱିତୀୟ ଥର ତାଙ୍କ ପାଖକୁ ଆସିଥିଲା ଏବଂ ଏହାକୁ ।।ସେ ଅନୁମୋଦନ ପ୍ରଦାନ କରିବା ଉଚିତ ଥିଲା ବୋଲି କୋର୍ଟ କହିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସମ୍ବିଧାନର ଧାରା ୧୪୩ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିପାରିବେ ରାଷ୍ଟ୍ରପତି। ତେଣୁ ସେହି ଅନୁସାରେ କୋର୍ଟ ତାଙ୍କର ମତାମତ ଦେବେ, କିନ୍ତୁ ରାୟକୁ ରଦ୍ଦ କରିପାରିବେ ନାହିଁ।

ଅନ୍ୟପକ୍ଷରେ ତାମିଲନାଡୁ ଏବଂ କେରଳ ସରକାରଙ୍କ ପକ୍ଷରୁ ଅଭିଷେକ ସିଂହଭି ଏବଂ କେକେ ବେଣୁଗୋପାଲ ଯୁକ୍ତି କରିଥିଲେ ଯେ ପ୍ରେସିଡେନସିଆଲ ରେଫେରେନ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ୧୪ଟି ପ୍ରଶ୍ନ ଉତ୍ଥାପନ କରିଛନ୍ତି , ତାହାର ଉତ୍ତର ଏପ୍ରିଲ ୧୨ ତାରିଖ ରାୟରେ ଉଲ୍ଲେଖ ରହିଛି। ତେଣୁ ଯେଉଁ ମାମଲା ଉପରେ ରାୟ ଦିଆଯାଇଛି, ତାହାର ସମୀକ୍ଷା କରିବା ଲାଗି ମତାମତ ନେବା ଆଳରେ ରାଷ୍ଟ୍ରପତି ସମ୍ବିଧାନର ଧାରା ୧୪୩ର ଆଶ୍ରୟ ନେଇପାରିବେ ନାହିଁ। ବେଣୁଗୋପାଳ କହିଥିଲେ ଯେ ରିଭ୍ୟୁ ପିଟିସନ ଦାଖଲ କରିବା ପରିବର୍ତ୍ତେ ସୁପ୍ରିମ କୋର୍ଟର ଏହି ରାୟକୁ ଲାଇନଚ୍ୟୁତ କରିବା ଲାଗି ଭାରତ ସରକାର ଉଦ୍ୟମ କରୁଛନ୍ତି। ତାଙ୍କୁ ସମର୍ଥନ ଜଣାଇ ସିଂହଭି କହିଥିଲେ ଯେ ରିଭ୍ୟୁ ବା ରାୟର ପୁନର୍ବିଚାର ଲାଗି ଧାରା ୧୪୩ର ପ୍ରୟୋଗ କରାଯାଇ ପାରିବ ନାହିଁ।

## ଶେଷରେ ବିହାର ଏସ୍‌ଆଇଆର୍‌ରେ ଯୋଡ଼ିହେଲା ଆଧାର

ପାଟନା, ୧୯।୮: ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିହାର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)ରେ ଆଧାର କାର୍ଡକୁ ସାମିଲ କରାଯାଇଛି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନରେ ଯେଉଁମାନଙ୍କ ନାମ କଟିଛି, ସେମାନେ ଆଧାର କାର୍ଡ ଦେଖାଇ ତାଲିକାରେ ନିଜ ନାମ ସାମିଲ କରିପାରିବେ। ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟିଛି, ସେମାନଙ୍କର ତାଲିକା ବ୍ଲକ ଅଫିସ, ପଞ୍ଚାୟତ ଅଫିସ, ପୌର କାର୍ଯ୍ୟାଳୟ ଓ ବିଭିନ୍ନ ବୁଥମାନଙ୍କରେ ଲଗାଯାଇଛି। ଏହି ତାଲିକା ଦେଖି ଭୋଟରମାନେ ଆବଶ୍ୟକ ସଂଶୋଧନ କରିପାରିବେ। ସୂଚନାଯୋଗ୍ୟ ଯେ ଭୋଟର ତାଲିକା ସଂଶୋଧନ ବେଳେ ନିର୍ବାଚନ କମିସନ ପକ୍ଷରୁ ଯେଉଁ ପ୍ରମାଣପତ୍ର ମଗାଯାଇଥିଲା, ସେଥିରେ ଆଧାର କାର୍ଡ ନଥିଲା। ଏହାକୁ ନେଇ ବଡ଼ ଧରଣର ବିବାଦ ଦେଖାଦେବାରୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଆଧାର କାର୍ଡକୁ ସାମିଲ କରାଯାଇଛି।

## ମୋଦୀଙ୍କୁ ଭେଟିଲେ ଚୀନ୍ ବିଦେଶମନ୍ତ୍ରୀ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନଏସଏ ଅଜିତ ଡୋଭାଲଙ୍କୁ ସାକ୍ଷାତ କରିଛନ୍ତି। ମୋଦୀ ଏହାର ଫଟୋ ସେୟାର କରିଛନ୍ତି। ଗତ ବର୍ଷ କାଜାନରେ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଭେଟିବା ପରଠାରୁ ଭାରତ-ଚୀନ୍ ସମ୍ବନ୍ଧରେ ଅଗ୍ରଗତି ଘଟିଛି। ଚୀନ୍‌ରେ ହେବାକୁ ଥିବା ଏସ୍‌ସିଓ ବୈଠକରେ ଜିନପିଙ୍ଗଙ୍କୁ ଭେଟିବା ପାଇଁ ଅପେକ୍ଷା କରିଛି ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ଡୋଭାଲଙ୍କ ସହ ୱାଙ୍ଗ ସୀମା ବିବାଦ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗତ କିଛି ବର୍ଷ ହେଲା ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା ତାହା ଉଭୟ ଦେଶବାସୀଙ୍କ ସ୍ୱାର୍ଥରେ ନ ଥିଲା ବୋଲି ୱାଙ୍ଗ କହିଥିଲେ। ସେ ଗତ ବର୍ଷର ମୋଦୀ-ଜିନପିଙ୍ଗ ସାକ୍ଷାତ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହି ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଦିଗ ଦେବ ଏବଂ ସୀମା ବିବାଦର ସମାଧାନ ଲାଗି ନୂଆ ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ସେହିପରି ଗତ ଆଲୋଚନା ପରି ଏହା ମଧ୍ୟ ସଫଳ ହେବ ବୋଲି ଡୋଭାଲ ତାଙ୍କୁ ଭରସା ଦେଇଥିଲେ।

## ବିଶ୍ୱର ସବୁଠୁ ବଡ଼ ରକେଟ୍ ନିର୍ମାଣ କରୁଛି ଇସ୍ରୋ

ହାଇଦରାବାଦ, ୧୯।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବିଶ୍ୱର ସବୁଠାରୁ ବଡ଼ ରକେଟ୍ ନିର୍ମାଣ କରୁଛି। ଏହି ରକେଟ୍‌ର ଉଚ୍ଚତା ୪୦ ମହଲା କୋଠା ସହ ସମାନ ହେବ। ଏହା ୭୫ ହଜାର କେଜି ତଥା ୭୫ ଟନ୍ ପର୍ଯ୍ୟନ୍ତ ପେଲୋଡ ନେଇ ମହାକାଶ ଯାଇପାରିବ। ଏହା ଭାରତୀୟ ମହାକାଶ କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ପ୍ରକଳ୍ପ। ଏହାର ନିର୍ମାଣ ଦ୍ୱାରା ଭାରତର ଉପଗ୍ରହ ଉତ୍‌କ୍ଷେପଣ କ୍ଷମତା ଅଧିକ ବୃଦ୍ଧି ପାଇବ। ଭାରତର ମହାକାଶ ଜ୍ଞାନକୌଶଳ ମଜବୁତ ହେବା ସହିତ ଅନ୍ତର୍ଜାତୀୟସ୍ତରରେ ଦେଶର ପ୍ରଭାବ ବଢ଼ିବ ବୋଲି ଇସ୍ରୋ ମୁଖ୍ୟ ଭି ନାରାୟଣନ କହିଛନ୍ତି। ହାଇଦରାବାଦ ସ୍ଥିତ ଉସମାନିଆ ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ସେ ଏହି ସୂଚନା ଦେଇଛନ୍ତି। ଇସ୍ରୋ ମୁଖ୍ୟ କହିଛନ୍ତି ଯେ ଚଳିତ ବର୍ଷ ଆମେରିକାର ୬,୫୦୦ କେଜିର ସଞ୍ଚାର ଉପଗ୍ରହ ଉତ୍‌କ୍ଷେପଣ, ଏନ୍୧ ରକେଟ, ନାଭିଗେସନ ୱିଥ୍ ଇଣ୍ଡିଆନ କନଷ୍ଟେଲେସନ (ନାଭିକ) ଉପଗ୍ରହ ଏବଂ ନୌସେନାର ଜିସାଟ-୭ଆର ଉପଗ୍ରହ ଉତ୍‌କ୍ଷେପଣ କରିବାକୁ ଯାଉଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଭାରତ ଶୀଘ୍ର ୪୦-୫୦ ମହାକାଶ ଯାତ୍ରୀଙ୍କ ଟିମ୍ ପ୍ରସ୍ତୁତ କରିବ। ଏମାନେ ଭବିଷ୍ୟତ ଅଭିଯାନର ନେତୃତ୍ୱ ନେବେ। ୨୦୩୫ ସୁଦ୍ଧା ଭାରତ ୫୨ ଟନ୍ ଓଜନର ମହାକାଶ ଷ୍ଟେସନ ନିର୍ମାଣ କରିବ। ଏହି କାର୍ଯ୍ୟକ୍ରମରେ ଇସ୍ରୋ ମୁଖ୍ୟଙ୍କୁ ତେଲଙ୍ଗାନା ରାଜ୍ୟପାଳ ବିଷ୍ଣୁଦେବ ବର୍ମା 'ଡକ୍ଟରେଟ ଅଫ୍ ସାଇନ୍ସ' ଉପାଧି ପ୍ରଦାନ କରିଥିଲେ।

# ହେବନି ଅସ୍ତ୍ରବିରତି; ଏବେ ତ୍ରିପାକ୍ଷିକ ବୈଠକ

ୱାଶିଂଟନ, ୧୯।୮ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଆମେରିକାର ହ୍ୱାଇଟ ହାଉସରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓଭାଲ ଅଫିସରେ ନିଜ ୟୁକ୍ରେନ ସମକକ୍ଷ ଭୋଲ୍‌ଡାମିର ଜେଲେଁସ୍କିଙ୍କ ଏବଂ ୟୁରୋପୀୟ ନେତାଙ୍କ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି। ତେବେ ଏହି ବୈଠକରେ ରୁଷ-ୟୁକ୍ରେନ ମଧ୍ୟରେ ଅସ୍ତ୍ରବିରତି ନେଇ କୌଣସି ସହମତି ପ୍ରକାଶ ପାଇନାହିଁ। ଏତେ ଶୀଘ୍ର ଅସ୍ତ୍ରବିରତି କରିବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି। ମାତ୍ର ଏହି ବୈଠକରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବା ନେଇ ଚର୍ଚ୍ଚା ହୋଇଛି। ଜେଲେଁସ୍କି ନାଟୋର ଧାରା-୫ ପରି ସୁରକ୍ଷା ଚାହୁଁଥିବାବେଳେ ଆମେରିକା ଏବଂ ୟୁରୋପୀୟ ଦେଶ ମିଶି ୟୁକ୍ରେନକୁ ସୁରକ୍ଷା ଦେବେ ବୋଲି ଟ୍ରମ୍ପ କହିଛନ୍ତି। ଏହି ବୈଠକକୁ ମଝିରେ ଅଟକାଇ ଟ୍ରମ୍ପ



### ଜେଲେଁସ୍କି-ଟ୍ରମ୍ପ ଶାନ୍ତି ଆଲୋଚନା

### ଆମେରିକାଠୁ ୮ ଲକ୍ଷ କୋଟିର ଅସ୍ତ୍ରଶସ୍ତ୍ର କିଣିବ ୟୁକ୍ରେନ୍

### ଜେଲେଁସ୍କିଙ୍କ ସହ ଆଲୋଚନା ପାଇଁ ପୁତିନ ରାଜି

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ୪୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଥିରେ ରୁଷ୍ ଏବଂ ୟୁକ୍ରେନ ପ୍ରତିନିଧିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନାକୁ ସେ ସମର୍ଥନ ଦେଇଥିଲେ। ୧୫ ଦିନ ଭିତରେ ଜେଲେଁସ୍କିଙ୍କୁ ଭେଟିବା ପାଇଁ ପୁତିନ ରାଜି ହୋଇଥିଲେ ବୋଲି ବୈଠକରେ ଉପସ୍ଥିତ ଥିବା ଜର୍ମାନୀ ଚାନସେଲର ଫ୍ରେଡରିକ ମର୍ଜ କହିଥିଲେ। ସେହିପରି ତ୍ରିପାକ୍ଷିକ ଆଲୋଚନା ପାଇଁ ମଧ୍ୟ ପୁତିନ ସହମତି ପ୍ରକାଶ କରିଥିଲେ। ବୈଠକ ପରର ସାମ୍ବାଦିକ ସମ୍ମିଳନୀରେ ଜେଲେଁସ୍କି କହିଥିଲେ ଯେ ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ବଦଳରେ ୟୁରୋପ ଅର୍ଥରେ ୯୦ ବିଲିୟନ ଡଲାର ଅର୍ଥାତ ୮ ଲକ୍ଷ କୋଟି ଟଙ୍କାରେ ଆମେରିକାଠାରୁ ଅସ୍ତ୍ରଶସ୍ତ୍ର କିଣାଯିବ। ୟୁକ୍ରେନରେ ଡ୍ରୋନ ନିର୍ମାଣ ପାଇଁ ମଧ୍ୟ ଆମେରିକା ପ୍ରତିଶ୍ରୁତି ଦେଇଛି। ଆମେରିକା ସହଯୋଗୀଙ୍କ ସହ ୫୦ ବିଲିୟନ ଡଲାରର ଡ୍ରୋନ ଚୁକ୍ତି ହେବ ବୋଲି ମଧ୍ୟ କୁହାଯାଇଛି। ଆସନ୍ତା ସପ୍ତାହରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ। ଆମେରିକା ସେନା ମୁତୟନ ଉପରେ ବିଚାର କରାଯିବ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି। ୟୁରୋପୀୟ ନେତାଙ୍କ ସହ ସେୟାର କରାଯାଇଥିବା ଏକ ଚିଠିରେ ସ୍ୱଳ୍ପ କାଳ ନୁହେଁ, ବରଂ ଦୀର୍ଘ ଦିନ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଫ୍ରାନ୍ସ ଏବଂ ବ୍ରିଟେନ ପରି ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟ ୟୁକ୍ରେନକୁ ସୁରକ୍ଷା ଦେବା ପାଇଁ ରାଜି ହୋଇଛନ୍ତି। ୟୁକ୍ରେନ ସେନାର ପନର୍ଗଠନ, ବାୟୁସୀମା ଏବଂ କୃଷ୍ଣ ସାଗରରେ ଟ୍ରାଫିକରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନରେ ସୈନିକ ମୁତୟନ କରିବା ପାଇଁ ମଧ୍ୟ ବିଚାର କରାଯାଉଛି ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି।


ଜେଲେଁସ୍କିଙ୍କ ସହ ବୈଠକ ସମୟରେ ଫଳାଫଳ ଯାହା ବି ହେଉ ନା କାହିଁକି ୟୁକ୍ରେନକୁ ଆମେରିକା ସହାୟତା କରିବା ଜାରି ରଖିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଥିଲେ।



## ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ମନିକା ବିଶ୍ୱକର୍ମା

ଜୟପୁର, ୧୯।୮ (ଏଜେନ୍ସି): ଦେଶର ୪୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ ମୁକୁଟ ଜିତିଛନ୍ତି ରାଜସ୍ଥାନର ମନିକା ବିଶ୍ୱକର୍ମା। ଗତ ବର୍ଷର ବିଜୟିନୀ ରେଆ ସିଂଘା ତାଙ୍କୁ ବିଜୟୀ ମୁକୁଟ ପିନ୍ଧାଇଛନ୍ତି। ଏଥିସହିତ ମଣିକା ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ସୋମବାର ଅନୁଷ୍ଠିତ ମିସ୍ ୟୁନିଭର୍ସ ଇଣ୍ଡିଆ ପ୍ରତିଯୋଗିତାରେ ୪୮ ଫାଇନାଲିଷ୍ଟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଉତ୍ତର ପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନର-ଅପ୍, ହରିୟାଣାର ମେହକ ଧିଙ୍ଗରା ଦ୍ୱିତୀୟ ଏବଂ ଅମିଶୀ କୌଶିକ ତୃତୀୟ ରନର-ଅପ୍ ହୋଇଥିଲେ। ଶ୍ରୀଗଙ୍ଗାନଗରର ମନିକା (୨୨) ଏବେ ଦିଲ୍ଲୀରେ ରହୁଛନ୍ତି। ସେ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିର ଶେଷ ବର୍ଷ ଛାତ୍ରୀ। ଗତ ବର୍ଷ ସେ 'ମିସ୍ ୟୁନିଭର୍ସ ରାଜସ୍ଥାନ' ପ୍ରତିଯୋଗିତା ଜିତି ଜାତୀୟସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।

## ଅଭିନେତା ଅଚ୍ୟୁତ ପୋଟଦାରଙ୍କ ପରଲୋକ



ମୁମ୍ବାଇ, ୧୯।୮ (ଏଜେନ୍ସି): ଅଭେନତା ଅଚ୍ୟୁତ ପୋଟଦାରଙ୍କ ପରଲୋକ ହୋଇଛି। ସେ ୯୧ ବର୍ଷ ବୟସରେ ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୋଟଦାରଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ତେବେ ବୟସାଧିକ କାରଣରୁ ସେ ପ୍ରାଣ ହରାଇଥିବା କୁହାଯାଉଛି। ୧୯୩୪ ଅଗଷ୍ଟ ୨୨ ରେ ମଧ୍ୟପ୍ରଦେଶ ଜବଲପୁରରେ ଜନ୍ମିତ ଅଚ୍ୟୁତ ୪୪ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ୧୨୫ ରୁ ଅଧିକ ହିନ୍ଦୀ ଏବଂ ମରାଠୀ ଚଳଚ୍ଚିତ୍ର, ୯୫ ଟି ଟିଭି ଶୋ, ୨୬ଟି ନାଟକ, ୪୫ରୁ ଅଧିକ ବିଜ୍ଞାପନରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସ, ରଙ୍ଗିଲା, ଲଗେ ରହୋ ମୁନ୍ନା ଭାଇ, ଭୂତନାଥ, ଦବଙ୍ଗ-୨ ଭଳି ସୁପରହିଟ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସର ତାଙ୍କ ସଂଳାପ 'କହନା କ୍ୟା ଚାହତେ ହୋ' ସାମାଜିକ ଗଣମାଧ୍ୟମରେ ଛାଇ ଯାଇଥିଲା।

## ଦୁର୍ଗନ୍ଧ ପାଇଁ ହାଇକୋର୍ଟ ବନ୍ଦ

ତିରୁଅନନ୍ତପୁରମ, ୧୯।୮ (ଏଜେନ୍ସି): କେରଳ ହାଇକୋର୍ଟରେ ଅଜବ ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ସକାଳେ ଦୁର୍ଗନ୍ଧ ପାଇଁ ହାଇକୋର୍ଟଙ୍କ କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି। କୋର୍ଟର ଫଲ୍ସ ସିଲିଂରେ ପଶି ଯାଇଥିବା ଜଙ୍ଗଲୀ ବିଲେଇ (ସିଭେଟ) ର ପରିସ୍ରା ପାଇଁ ଏହି ଦୁର୍ଗନ୍ଧ ହେଉଥିଲା। ଏହା ଏତେ ଅସହ୍ୟ ଥିଲା ଯେ ମୁଖ୍ୟ ବିଚାରପତି ନିତିନ ଜମଦାର ଏବଂ ଜଷ୍ଟିସ ବସନ୍ତ ବାଲାଜୀଙ୍କ ଡିଭିଜନ ବେଞ୍ଚ ସବୁ ମାମଲାର ଶୁଣାଣିକୁ ସ୍ଥଗିତ କରିଦେଇଥିଲେ। ସକାଳେ କୋର୍ଟ କାର୍ଯ୍ୟ କେବଳ ୨୦ ମିନିଟ ପାଇଁ ଚାଲିଥିଲା। ପରେ ଏହି ପ୍ରକୋଷ୍ଠକୁ ବନ୍ଦ କରିଦିଆଯାଇଥିଲା। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ଦୁର୍ଗନ୍ଧ ହେଉଥିଲା। ମଙ୍ଗଳବାର ଏହା ଅସହ୍ୟ ହୋଇଥିଲା। ପରେ ଅଦାଲତରେ ଜାଲ ବିଛା ଯାଇଥିଲା। ସେଥିରେ ଜଙ୍ଗଲୀ ବିଲେଇ ଫସିଥିଲା।

## ଶିକ୍ଷୟିତ୍ରୀ ମନୀଷାଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ହଙ୍ଗାମା

ଭିୱାନୀ, ୧୯।୮ (ଏଜେନ୍ସି): ଶିକ୍ଷୟିତ୍ରୀ ମନୀଷା (୧୯)ଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଭିୱାନୀର ଢାଣି ଲକ୍ଷ୍ମଣ ଗ୍ରାମର ମନୀଷା ନିଖୋଜ ହେବା ପରେ ମୃତଦେହ ମିଳିବା ଏବଂ ଏବେ ଅନ୍ତିମ ସଂସ୍କାରକୁ ନେଇ ସଂଘର୍ଷ ନବମ ଦିନରେ ପହଞ୍ଚିଛି। ଏହି ମାମଲାରେ ପୁଲିସ ସନ୍ଦେହଘେରରେ ରହିଛି। ବାରମ୍ବାର ପୁଲିସ ମନ୍ତବ୍ୟ ବଦଳାଉଥିବାରୁ ମାମଲାର ମୋଡ଼ ବଦଳୁଛି। ପରିବାର ସଦସ୍ୟ ଏହାକୁ ହତ୍ୟା କହୁଥିବାବେଳେ ପୁଲିସ ଆତ୍ମହତ୍ୟା ଦର୍ଶାଉଛି। ଗତ ୧୧ ତାରିଖରେ ନର୍ସିଂ କଲେଜରେ ନାମ ଲେଖାଇବାକୁ ଯାଇଥିବା ମନୀଷା ନିଖୋଜ ହୋଇଯାଇଥିଲେ। ଏତଲା ସତ୍ତ୍ୱେ ଲୋହାରୁ ପୁଲିସ ମାମଲାକୁ ଗୁରୁତର ଦେଇ ନ ଥିଲା। ୧୩ ତାରିଖରେ ସିଙ୍ଘାନୀ ଗ୍ରାମର କ୍ଷେତରୁ ମନୀଷାଙ୍କ ମୃତଦେହ ମିଳିଥିଲା। ତେବେ ମୃତଦେହ ନେବାକୁ ପରିବାର ଲୋକେ ମନା କରି ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ମନୀଷାଙ୍କ ବେକରେ କଟାଦାଗ ଥିବା ଜଣାପଡ଼ିଥିଲା। ଘରଲୋକଙ୍କ ଦାବିରେ ରୋହତକ ପିଜିଆଇରେ ପୁଣି ବ୍ୟବଚ୍ଛେଦ କରାଯାଇଥିଲା। ୧୮ରେ ପୁଲିସକୁ ସୁଇସାଇଡ ନୋଟ ମିଳିଥିଲା। ଜାଣିଶୁଣି ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାକୁ ପ୍ରୟାସ କରାଯାଉଥିବା ଦାବି କରାଯାଇଥିଲା।

## ଗୋଧି ମାଂସ ଖାଇ ବନ୍ଧାହେଲେ ୟୁଟ୍ୟୁବର୍

ଠାକୁରମୁଣ୍ଡା/ମହୁଲଡିହା, ୧୯।୮ (ସମିସ): ଗୋଧିକୁ ମାରି ରାନ୍ଧି ଖାଇବା ଓ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ଜଣେ ୟୁଟ୍ୟୁବର୍‌ଙ୍କୁ ମହଙ୍ଗା ପଡ଼ିଛି। ବନବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ, ରୁପା ନାଏକ। ଏପରି ଘଟଣା ଘଟିଛି କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଚମ୍ପାଝର ଫରେଷ୍ଟ ବିଟ୍ ଅସନବଣୀ ଗ୍ରାମରେ। ରୁପା ଆଦିବାସୀଙ୍କ ଖାଦ୍ୟପେୟ ଉପରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ଗତ ରାକ୍ଷୀପୂର୍ଣ୍ଣିମା ଦିନ ସେ ତାଙ୍କ ଶଶୁର ଘରୁ ଫେରିବା ବେଳେ ରାସ୍ତାକଡ଼ରେ ଏକ ଗୋଧି ମରି ପଡ଼ିଥିବା ଦେଖି ତାକୁ ଘରକୁ ଆଣିଥିଲେ। ପରେ ତାକୁ କାଟି ରୋଷେଇ କରି ଖାଇବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ପ୍ରଘଟ ହେବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ବନବିଭାଗ ଯାଞ୍ଚ କରିଥିଲା। ଭିଡିଓରେ ସତ୍ୟତା ଥିବା ଜଣାପଡ଼ିବା ପରେ ବନବିଭାଗ ତାଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ସେ ସତ ମାନିଛନ୍ତି। ଏପରିକି, ଗୋଧି ଖାଇଲେ ଅସୁବିଧା କ'ଣ ବୋଲି ଯୁକ୍ତି ବାଢ଼ିଛନ୍ତି।



ଏନେଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦନାଥ ମାଝୀ କହିଛନ୍ତି, ଗୋଧି ବିଲୁପ୍ତ ପ୍ରଜାତିର ଏକ ସରୀସୃପ। ଏହା ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ। ଏପରିସ୍ଥଳେ ଗୋଧି ମାରି କାଟି ଖାଇବା ଧର୍ତ୍ତବ୍ୟ ଅପରାଧ। କେହି ବି ବନ୍ୟପ୍ରାଣୀଙ୍କୁ ଶିକାର କରିପାରିବେ ନାହିଁ। ଏଥିପାଇଁ ସରକାରଙ୍କ କଡ଼ାକଡ଼ି ନିୟମ ରହିଛି। ଠାକୁରମୁଣ୍ଡା ବନବିଭାଗ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି ବୋଲି ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟରୁ ୪ ହଜାର ଏଡସ୍ ସଂକ୍ରମିତ ନିଖୋଜ

## ୧୭ରୁ ୩୫ ବର୍ଷ ବୟସ ବର୍ଗଙ୍କ ସଂଗୃହୀତ ନମୁନାରୁ ୪୧% ଏଚ୍‌ଆଇଭି ସଂକ୍ରମିତ

ଭୁବନେଶ୍ୱର, ୧୯।୮ (ସମିସ): 'ଗେଟିଙ୍ଗ ଟୁ ଜିରୋ, ନୋ ଏଡସ୍ ନୋ ଏଡସ୍, ନୋ ୟୋର୍ ଷ୍ଟାଟସ୍' ଏଭଳି ଶ୍ରୁତିମଧୁର ସ୍ଲୋଗାନ୍‌କୁ ନେଇ ଭୟାବହ ଏଚ୍‌ଆଇଭି ଏଡସ୍ ସଂକ୍ରମଣ ସଂର୍ପକରେ ଜନସଚେତନତା ସୃଷ୍ଟି କରାଯାଉଛି। ସଂକ୍ରମିତଙ୍କ ସଂଖ୍ୟା ହ୍ରାସ କରିବା ଦିଗରେ ସରକାର ବଡ଼ ପଦକ୍ଷେପ ନେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ସଚେତନ ବାର୍ତ୍ତା ପହଞ୍ଚିପାରୁନି। ଫଳରେ ପ୍ରତିବର୍ଷ ନୂଆ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ନୂଆପିଢ଼ିଙ୍କ କ୍ଷେତ୍ରରେ ସଂକ୍ରମଣ ବୃଦ୍ଧି ପାଉଥିବା ଜଣାପଡ଼ିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ବର୍ତ୍ତମାନ ଯେତିକି ଏଡସ୍ ରୋଗୀ ଚିହ୍ନଟ ହୋଇଛନ୍ତି, ତାଙ୍କ ଭିତରୁ ପାଖାପାଖି ୪ ହଜାର ସଂକ୍ରମିତଙ୍କ ପତ୍ତା ମିଳୁନି। ତେଣୁ ସଂକ୍ରମଣ ବୃଦ୍ଧି ହେବା ନେଇ ଆଶଙ୍କା ପ୍ରକାଶ ପାଉଛି।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ, ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବଗୋଷ୍ଠୀ। ରାଜ୍ୟ ସରକାର ୨୦୩୦ ସୁଦ୍ଧା ଏଡସ୍‌ମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚାହୁଁଥିବା ବେଳେ ବାସ୍ତବରେ ସଂକ୍ରମଣ କମିବାର ନାଁ ଧରୁନି। ବର୍ତ୍ତମାନର ସଂକ୍ରମଣ ଟ୍ରେଣ୍ଡ ଦେଖିଲେ, ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। କାରଣ ଯୁବ ଗୋଷ୍ଠୀ ଏବେ ମାତ୍ରାଧିକ ସମଲିଙ୍ଗୀ ଅପ୍ରାକୃତିକ ଯୌନ ସମ୍ପର୍କରେ ଲିପ୍ତ ରହୁଛନ୍ତି। ବିଶେଷକରି ୧୭ରୁ ୩୫ବର୍ଷ ବୟସର ୪୧ ପ୍ରତିଶତ ଯୁବଗୋଷ୍ଠୀ ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା ବଢୁଛି। ଗତ ଜୁଲାଇ ସୁଦ୍ଧା ୬୫ ହଜାର ୨୧୪ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭ରୁ ୩୫ ବର୍ଷ ବୟସ ଭିତରେ ପାଖାପାଖି ୨୬ହଜାର ୭୩୭ ସଂକ୍ରମିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନ ହଷ୍ଟେଲ୍‌ରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବାର ସମ୍ଭାବନା କମ ରହୁଥିବାରୁ ଅଧିକାଂଶ ପିଲାମାନେ ଘରୋଇ ମେସ୍ ବା ରୁମ୍ ଭଡ଼ା ନେଇ ରହୁଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଅପ୍ରାକୃତିକ ଯୌନସମ୍ପର୍କ ଏଚଆଇଭିକୁ ଆମନ୍ତ୍ରଣ କରୁଛି। ଯେଉଁମାନଙ୍କ ଭିତରେ ପ୍ରତିଷେଧକ ଶକ୍ତି କମ୍ ରହିଥାଏ, ସେମାନେ ଏଡସ୍ ଆଡ଼କୁ ଠେଲି ହୋଇ କଲବଲରେ ଜୀବନ ହାରନ୍ତି। ଏବେ ସୁଦ୍ଧା ଏଭଳି ୧୩ ହଜାର ୧୭୭ ଏଚଆଇଭି ପଜିଟିଭଙ୍କ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି।

ବିପଦ ଏତିକିରେ ସରିନି; ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସମାଜିକ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ସଙ୍ଗୀନ ହୋଇଯିବା ନେଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏଚଆଇଭି ଏଡସ୍‌ର କୌଣସି ଚିକତ୍ସା ନାହିଁ। ହେଲେ, ଏଚ୍‌ଆଇଭି ପିଜିଟିଭ ଜଣାପଡ଼ିବା ମାତ୍ରେ ସଂକ୍ରମିତଙ୍କୁ ଆଣ୍ଟି ରେଟ୍ରୋଭାଇରାଲ ଥେରାପି ଏଆରଟି ଦେବା କଥା। ତେବେ ୬୫ହଜାର ୨୧୪ ସଂକ୍ରମିତଙ୍କ ମଧ୍ୟରୁ ୫୫ ହଜାର ୧୪୨ ଜଣ ଏଆରଟି ପଞ୍ଜୀକରଣ କରିଛନ୍ତି। ବାକି ୧୦ ହଜାର ୧୨୯ ଏଆରଟି ପଞ୍ଜୀକରଣ କରି ନଥିବାରୁ ଚିନ୍ତା ଆହୁରି ବଢ଼ିଛି। ତେଣୁ ସେହି ବ୍ୟକ୍ତିମାନେ ସଂକ୍ରମଣ ବଢ଼ାଉଥିବା ନେଇ ଅନୁମାନ କରାଯାଉଛି। ଏବେ ସେମାନଙ୍କ ଚିହ୍ନଟ କରି ପ୍ରତିଶେଧକ ଦେବା ଏକପ୍ରକାର ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଛି।

## ପଛକୁ ପଛ ଆସୁଛି ଲଘୁଚାପ

ଭୁବନେଶ୍ୱର,୧୯।୮(ସମିସ): ପଛକୁ ପଛ ଆସୁଛି ଲଘୁଚାପ। ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ବର୍ଷା ନେଇ ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପଟି ଆସନ୍ତା ୨୪ ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ସାରା ରାଜ୍ୟରେ ବର୍ଷା କରାଇପାରେ। ମୁଖ୍ୟତଃ ରାଜ୍ୟରେ ୨୩-୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୪ ତାରିଖରେ ଗୋଟିଏ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ୨୭-୨୮ ବେଳକୁ ପୁଣି ଗୋଟିଏ ଲଘୁଚାପ ସମ୍ଭାବନା ରହିଛି। ତେଣୁ ପ୍ରାୟ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଭାରତରେ ମୌସୁମୀ ସକ୍ରିୟ ସହ ଭଲ ବର୍ଷା ଆକଳନ କରାଯାଉଥିବା ଡଃ ମହାପାତ୍ର କହିଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଦେଇ ଆଗକୁ ବଢୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼କୁ ଅଗ୍ରସର ହେବ ଓ ଦୁର୍ବଳ ହେବ। ଏହି ଅବପାତ ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୁଧବାର ବର୍ଷାର ପ୍ରଭାବ କମିଲେ ମଧ୍ୟ କିଛି କିଛି ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଅବପାତ ଯୋଗୁଁ ସମୁଦ୍ର ଉପକୂଳ ଅଂଚଳରେ ୪୦ ରୁ ୬୦ କିମି ପବନ ବହୁଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା୨୦ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ମୌସୁମୀ ଋତୁ ଅର୍ଥାତ୍ ଜୁନ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୭୭୨.୮ ମିମି ବର୍ଷା ତୁଳନାରେ ଏବେବି ୬ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା,୨ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଂଟାରେ ଅଧିକାଂଶ ସ୍ଥାନରେ ହାଲୁକରୁ ମଧ୍ୟମ ବର୍ଷା ସହ ୯ ଟି ସ୍ଥାନରେ ପ୍ରବଳ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକଡ଼ ହୋଇଥିବା ବେଳେ ସର୍ବାଧିକ ବର୍ଷା କୋରାପୁଟ କୋଟପାଡ଼ର ୧୩୩ ମିମି ରେକର୍ଡ କରାଯାଇଛି।

## ବଜ୍ରପାତ ନେଲା ୨ ଜୀବନ

ଝାରସୁଗୁଡ଼ା/କୋଲାବିରା,୧୯।୮(ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଲିବାହାଲ ଗ୍ରାମରେ ମଙ୍ଗଳବାର ଅପରାହ୍ଣ ପ୍ରାୟ୩ଟାରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ବୀର କିସାନ(୪୫) ଓ ଶଙ୍କର ମାଝୀଙ୍କ ସାନ ପୁଅ ଦୁଃଖବନ୍ଧୁ ମାଝୀ(୨୦)। ବୀର ଓ ଦୁଃଖବନ୍ଧୁ ଆଜି ଜମିରେ କୀଟନାଶକ ପକାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବର୍ଷା ପବନ ମାଡ଼ି ଆସିବା ସହ



ଘନଘନ ବଜ୍ରପାତ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ପାଖରେ ଥିବା ଏକ ମହୁଲ ଗଛ ତଳେ ଆଶ୍ରୟ ନେଇଥିଲେ। ସେଠାରେ ଏକ ବଜ୍ରପାତ ହେବାରୁ ଉଭୟ ଟଳି ପଡ଼ିଥିଲେ। ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋଲାବିରା ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

**ଗର୍ଜିଲା ପୁଲିସ୍ ବନ୍ଧୁକ**

## ଦୁର୍ଦ୍ଦାନ୍ତ ସମଦକୁ ଏନ୍‌କାଉଣ୍ଟର୍

ସମ୍ବଲପୁର,୧୯।୮(ସମିସ): ଦୀର୍ଘ ଦିନ ପରେ ପୁଣି ଗର୍ଜିଛି ସମ୍ବଲପୁର ପୁଲିସ୍‌ର ବନ୍ଧୁକ। ସର୍ବସାଧାରଣରେ ମାରପିଟ୍‌ଠାରୁ ଆରମ୍ଭ କରି ମରଣାନ୍ତକ ଆକ୍ରମଣ, ହତ୍ୟା, ଗୁଳିକାଣ୍ଡ, ଦୁଷ୍କର୍ମ ଭଳି ୧୫ରୁ ଉର୍ଦ୍ଧ୍ୱ ସଂଗିନ୍ ମାମଲାରେ ସଂଶ୍ଳିଷ୍ଟ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ମହମ୍ମଦ ସମଦକୁ ଆଜି ଧନୁପାଲି ପୁଲିସ୍ ଏନ୍‌କାଉଣ୍ଟର୍ କରିଛି। ମୋତିଝରଣ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରଠାରୁ ସେ ଫେରାର୍ ଥିଲା। ତାର ବାମ ଗୋଡ଼ରେ ଗୁଳି ବାଜିଛି। ସମଦ ପାଖରୁ ପୁଲିସ୍ ଗୋଟିଏ ୭.୬ମିମି ଦେଶୀ ପିସ୍ତଲ, ଗୋଟିଏ ୭.୬ମିମି ଗୁଳି, ୩ଟି ଖାଲି କ୍ୟାଟ୍ରିଜ୍, ଗୋଟିଏ ଆପାଚେ ଆର୍ଟି ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛି। ପୁଲିସ୍ ତାକୁ ଚିକିତ୍ସା ଲାଗି ଭିମସାରରେ ଭର୍ତ୍ତି କରାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଏହି ସୂଚନା ଦେଇଛନ୍ତି। ତେବେ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାମଦଙ୍କ ଭାଇ ମହମ୍ମଦ ୱାସିମ ଫେରାର ଅଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତନାଘନା ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣର ଅଭିଯୁକ୍ତ ମହମ୍ମଦ ସମଦ ଓ ତାର ଭାଇ ମହମ୍ମଦ ୱାସିମ ସୋମବାର ରାତି ପ୍ରାୟ ୧୦ଟାରେ



ମୋତିଝରଣର ଅସଫାକ ଖାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଧନୁପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅସଫାକ୍‌ଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଜାବିଜ ଖାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୦ ତା.୧୮.୦୮.୨୦୨୫ ଦଫା ୧୦୩(୧), ୩(୫) ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା। ସମ୍ବଲପୁର ସହରର ସମସ୍ତ ରାସ୍ତାରେ ନାକା କରି ବିଭିନ୍ନ ସ୍ଥାନରେ ଯାଞ୍ଚ ଚାଲିଥିଲା। ଗୁଇନ୍ଦା ସୂଚନା ଆଧାରରେ ମଙ୍ଗଳବାର ୧୯ ତାରିଖ ଭୋର୍ ସମୟରେ ଖଣ୍ଡୁଆଳ ଗ୍ରାମ ନିକଟରେ ଅଭିଯୁକ୍ତ ସାମଦ ଲୁଚିଥିବା ଜଣାପଡ଼ିଥିଲା। ପୁଲିସ ତାକୁ ଆତ୍ମସମର୍ପଣ ପାଇଁ କହିବାରୁ ସେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳିଚାଳନା କରିଥିଲା। ପରେ ପୁଲିସର ଗୋଟିଏ ରାଉଣ୍ଡ ପାଲଟା ଗୁଳିଚାଳନାରେ ସମଦ ଆହତ ହୋଇଥିଲା। ସାମଦ ନାମରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୧ ତା.୧୯.୦୮.୨୦୨୫ ଦଫା ୧୩୨, ୨୨୪, ୧୦୯(୧) ବିଏନ୍‌ଏସ୍, ୨୫(୧)(ବି)(ଏ)/୨୭ ଆର୍ମସ ଆକ୍ଟରେ ଆଉ ମାମଲା ରୁଜୁ କରିଛି।

## ୪ ଜୋନ୍‌ରେ ମହିଳା ସମାବେଶ କରିବ କଂଗ୍ରେସ

ଭୁବନେଶ୍ୱର,୧୯।୮(ସମିସ): ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲ୍ଲୁ ଚାରିଦିନିଆ ଓଡିଶା ଗସ୍ତରେ ଆସି ଦଳର ଏକାଧିକ ସାଙ୍ଗଠନିକ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକଗୁଡ଼ିକରେ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ନେଇ ଅନେକ ନିଷ୍ପତ୍ତି ନିଆଯାଇଛି। ଏଥିରେ ମୁଖ୍ୟତଃ ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ନିଜ ଅଞ୍ଚଳରେ ମାସକୁ ଅନ୍ୟୂନ ୨୦ ଦିନ ରହି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରିବା ସହ ଭୋଟ ଜାଲିଆତି ସମ୍ପର୍କରେ ସଚେତନ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ପିସିସି ପଦାଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ବ୍ଲକସ୍ତରୀୟ ଏବଂ ବୁଥସ୍ତରୀୟ କମିଟି ଗଠନ କରିବା ସହ ଭୋଟ ଚୋରି ପ୍ରସଙ୍ଗକୁ ଘରେଘରେ ପହଞ୍ଚାବା ନେଇ ନକ୍ସା ପ୍ରଦାନ କରାଯାଇଛି। ସେବା ଦଳ ବୈଠକରେ ରାଜ୍ୟ ଓ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଇ ପ୍ରତି ବ୍ଲକରୁ ଅତି କମ୍‌ରେ

**ଏବେଠୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବ ଦଳ**

୧୦ ଜଣଙ୍କୁ କଂଗ୍ରେସ କାର୍ଯ୍ୟରେ ନିୟୋଜିତ କରାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ କଂଗ୍ରେସ ପଦାଧିକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କଂଗ୍ରେସ ବୈଠକରେ ରାଜ୍ୟରେ ବୃଦ୍ଧି ପାଉଥିବା ନିର୍ଯାତନାକୁ କିପରି ରୋକାଯାଇ ପାରିବ, ସେ ନେଇ ବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଚାରୋଟି ଜୋନ କରାଯିବ ଓ ମହିଳାଙ୍କୁ ପ୍ରତ୍ୟେକ ଜୋନରେ ଦାୟିତ୍ୱ ପ୍ରଦାନ କରାଯାଇ ମହିଳା ଜିଲ୍ଲା ସଭାପତି ଚୟନ କରାଯିବ। ଜିଲ୍ଲା ସଭାପତି ଚୟନ ପରେ ଚାରୋଟି ଜୋନରେ ବିଶାଳ ମହିଳା ସମାବେଶ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ବୈଠକରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମସ୍ତ ବ୍ଲକ, ମଣ୍ଡଳ ଓ ପଞ୍ଚାୟତ କମିଟି ଗଠନ ପାଇଁ ଏଆଇସିସି ପ୍ରଭାରୀ ନିର୍ଦ୍ଦେଶ ଦେବା ସହିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବା ପ୍ରକ୍ରିୟା ଏବେଠୁ ଆରମ୍ଭ କରିବା ପାଇଁ କହିଛନ୍ତି।

## ଲାଞ୍ଚୁଆ ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍

ବାଲେଶ୍ୱର,୧୯।୮(ସମିସ): ଏକ ଲାଞ୍ଚ ମାମଲାରେ ବାଲେଶ୍ୱର ଉଠା ଜଳସେଚନ କାର୍ଯ୍ୟାଳୟର ପୂର୍ବତନ ସହକାରୀ ଯନ୍ତ୍ରୀ (ଏଷ୍ଟିମେଟର) କୁମୁଦ ଚନ୍ଦ୍ର ପ୍ରଧାନଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଏହାଛଡ଼ା ତାଙ୍କୁ ୫୦ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଟଙ୍କା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୬ ମସିହାରେ ଶ୍ରୀ ପ୍ରଧାନ ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ହିଞ୍ଜିଳା ଗ୍ରାମରେ ସେଲୋ କ୍ଲୋଷ୍ଟର ପ୍ରୋଜେକ୍ଟ କାର୍ଯ୍ୟରେ ଚୁକ୍ତିପତ୍ର ପ୍ରୋସେସିଙ୍ଗ କରିବା ପାଇଁ ଟେଣ୍ଡର୍ ନେଇଥିବା ଠିକାଦାର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କଠାରୁ ନଗଦ ୧୦ ହଜାର ଟଙ୍କା ଦାବି କରି ୨୦୧୬ ଅକ୍ଟୋବର ୪ରେ ନେଇଥିଲେ। ସେହି ସମୟରେ ଭିଜିଲାନସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଭିଜିଲାନସ କେସ ନମ୍ବର ୫୭/୧୬ନମ୍ବରରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ମାନସୀ ଜେନା ତଦନ୍ତ ପରେ କୋର୍ଟରେ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲେ। ଏହି ମାମଲାଟି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରଧୀନ ରହିଥିଲା।

**ବଦଳିଲା ପଦବୀ ନାମ**

## ଫରେଷ୍ଟଗାର୍ଡ ଏଣିକି ଆସିଷ୍ଟାଣ୍ଟ ଫରେଷ୍ଟର୍

ଭୁବନେଶ୍ୱର, ୧୯।୮(ସମିସ): ରାଜ୍ୟରେ ଏଣିକି ଫରେଷ୍ଟ ଗାର୍ଡ (ବନରକ୍ଷୀ) ପଦବୀ ଆସିଷ୍ଟାଣ୍ଟ ଫରେଷ୍ଟର୍ (ସହକାରୀ ବନପାଳ) ପଦବୀ ଭାବେ ବିବେଚନା କରାଯିବ। ଫରେଷ୍ଟଗାର୍ଡମାନେ ବନ ବିଭାଗ ଦ୍ୱାରା ଏକାଧିକ କାର୍ଯ୍ୟରେ ନିୟୋଜିତ ରହୁଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଛନ୍ତି। ତେଣୁ ସେମାନଙ୍କ ପଦବୀକୁ ଫରେଷ୍ଟଗାର୍ଡ ବଦଳରେ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ନାମିତ କରାଯାଇଛି। ମଙ୍ଗଳବାର ଏନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ବନରକ୍ଷୀଙ୍କୁ ସହାୟକ ବନପାଳ ଭାବେ ପୁନଃନାମିତ କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ନିଜ ଦାବିରେ ଦର୍ଶାଇଥିଲା ଯେ ବନ ବିଭାଗର ବନରକ୍ଷୀମାନେ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ଜଙ୍ଗଲ ଏବଂ ବନାଗ୍ନି ସୁରକ୍ଷା, ବନ୍ୟ ଜୀବ ପରିଚାଳନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯଥା ଜାଇକା, କାମ୍ପା, ଏଫ୍‌ଡିଏ, ଏନ୍‌ଆରଜିଏ ଭଳି କାର୍ଯ୍ୟ କରୁଛନ୍ତି। ଏହାସହ ବିଭାଗୀୟ କାର୍ଯ୍ୟ ସମ୍ପାଦନ ସାଙ୍ଗକୁ ଜନସମ୍ପର୍କ, ସ୍ଥାନୀୟଜନଜାତି ଏବଂ ବନବାସୀଙ୍କ ସହିତ ଜଡ଼ିତ ରହୁଛନ୍ତି। ଏହାସହ ଭିଏସ୍‌ଏସ୍ ଓ ଇଡିସିମାନଙ୍କ ସହ ଜଡ଼ିତ ହୋଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ୟଜନ୍ତୁଙ୍କ ଜୀବନହାନିକୁ ରୋକିବାରେ ସାଧାରଣ ଲୋକଙ୍କୁ ସାମିଲ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଓ ଜନସଚେତନତା ସୃଷ୍ଟି କରୁଛନ୍ତି। ଉପରୋକ୍ତ କାର୍ଯ୍ୟ ସମ୍ପାଦନ ଦୃଷ୍ଟିରୁ ସେମାନଙ୍କୁ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ବିବେଚନା କରିବାକୁ ଦାବି କରାଯାଇଥିଲା। ଏନେଇ ସଂଘ ପକ୍ଷରୁ ଗତ ୩୦ ଜୁନ୍‌ରେ ରାଜ୍ୟ ସରକାରଙ୍କ ନିକଟରେ ଦାବିପତ୍ର ମଧ୍ୟ ଦାଖଲ କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଏହା ପୂରଣ କରିଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି।

## କୁମ୍ଭୀର ମୁହଁରୁ ଛଡ଼ାଇ ଆଣିଲେ ଜୀବନ

ରାଜକନିକା, ୧୯।୮(ସମିସ): କୁମ୍ଭୀର ମୁହଁରୁ ପୁଅର ଜୀବନ ଛଡ଼ାଇ ଆଣିଲେ ବାପା। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଖୁଣ୍ଟା ଗ୍ରାମରେ ଆଜି ଏପରି ଏକ ଘଟଣା ଘଟିଛି। ଗ୍ରାମର ରତ୍ନାକର ମଲିକ ଆଜି ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ସହ ସଂଗ୍ରାମ କରି ପୁଅକୁ ବଞ୍ଚାଇଛନ୍ତି। ପୁଅ ରାକେଶ



ମଲ୍ଲିକ (୧୩)କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁମ୍ଭୀର ଆକ୍ରମଣରେ ରାକେଶର ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି।

ସୂଚନାନୁଯାୟୀ, ରାକେଶ ଅଷ୍ଟମ ଶ୍ରେଣୀରେ ପାଠ ପଢ଼େ। ଆଜି ଦିନ ପ୍ରାୟ ସାଢ଼େ ୨ଟା ବେଳେ ସେ ବିଲରେ କାମ କରୁଥିବା ରତ୍ନାକରଙ୍କ ପାଇଁ ଖାଇବା ନେଇ ଯାଇଥିଲା। ବାପା ଖାଇ ସାରିବା ପରେ ରାକେଶ କେଟିଲ୍ ଧୋଇବାକୁ ବ୍ରାହ୍ମଣୀ ନଦୀ ସଂଲଗ୍ନ ଖୁଣ୍ଟା ଯୋରକୁ ଯାଇଥିଲା। ସେଠାରେ କେଟିଲ୍ ଧୋଇବା ବେଳ ହଠାତ୍ ଏକ କୁମ୍ଭୀର ଉପରକୁ ଉଠିଆସି ରାକେଶର ବାମପଟ ଜଙ୍ଘକୁ ଧରି ଘୋଷାଡ଼ି ନେଇଥିଲା। ରାକେଶ ଜୀବନ ବିକଳରେ ପାଖରେ ଥିବା ବେଣାବୁଦାକୁ ଜୋର୍‌ରେ ଜାବୁଡ଼ି ଧରିବା ସହ ବାପାଙ୍କୁ ଡାକ ପକାଇଥିଲା। ଚିତ୍କାର ଶୁଣି ରତ୍ନାକର ସଙ୍ଗେସଙ୍ଗେ ଦୌଡ଼ି ଆସିଥିଲେ। ନିଜ ଜୀବନକୁ ଖାତିର୍ ନ କରି ସେ ପାଣି ଭିତରେ ପଶି କୁମ୍ଭୀର ସହ ଲଢ଼େଇ କରି ପୁଅର ଜୀବନ ବଞ୍ଚାଇଥିଲେ। କୁମ୍ଭୀର କାମୁଡ଼ାରେ ରାକେଶର୍କ ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି। ଗୁରୁତର ରାକେଶକୁ ଗାଁ ଲୋକେ ତୁରନ୍ତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି।

## ଗାଈ ଜଗୁଆଳିଙ୍କୁ ଟାଣିନେଲା କୁମ୍ଭୀର

କେନ୍ଦ୍ରାପଡ଼ା,୧୯।୮(ସମିସ): ଗାଈ ଜଗୁଆଳିଙ୍କୁ ଘୋଷାଡ଼ିନେଲା କୁମ୍ଭୀର। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ମାଣିକପାଟଣା ପଞ୍ଚାୟତ ମାଣିକପାଟଣା ଗ୍ରାମର ପଞ୍ଚାନନ ଦାସ (୬୦)। ଅଗ୍ନିଶମବାହିନୀ ବୋଟ୍ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ତାଙ୍କ କ୍ଷତବିକ୍ଷତ ମୃତଦେହକୁ ନଦୀରୁ ଉଦ୍ଧାର କରିଛି।



**ନଦୀରୁ ମୃତଦେହ ଉଦ୍ଧାର**

ସୂଚନା ମୁତାବକ, ପଞ୍ଚାନନ ଆଜି ବ୍ରାହ୍ମଣୀ ନଦୀର ନଗଡ଼ଘାଟ ନିକଟ ପଠାକୁ ଗାଈ ଚରାଇବାକୁ ଯାଇଥିଲେ। ଗାଈ ଚରାଇବା ପରେ ସେ ଗାଧୋଇବାକୁ ନଦୀ ଭିତରକୁ ପଶିଥିଲେ। ଏହି ସମୟରେ ଏକ କୁମ୍ଭୀର ତାଙ୍କୁ ଘୋଷାଡ଼ି ନେଇଥିଲା। ଏପଟେ, ଦୀର୍ଘ ସମୟ ଧରି ନ ଫେରିବାରୁ ସାଥୀ ଗାଈ ଚରାଳିଙ୍କ ସନ୍ଦେହ ହୋଇଥିଲା। ନଦୀପଠାରେ ପଞ୍ଚାନନଙ୍କ ପନ୍ଦା ଲୁଗା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ନଦୀରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବୋଟ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଏ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

**ମହିଳାଙ୍କୁ ଗଳାକାଟି ହତ୍ୟା ଓ ଝିଅକୁ ଆକ୍ରମଣ ଘଟଣା**

## କର୍ଣ୍ଣାଟକରୁ ଧରାହେଲା ଅଭିଯୁକ୍ତ ପ୍ରେମିକ ଶାନ୍ତନୁ



ବ୍ରହ୍ମପୁର, ୧୯।୮(ସମିସ): ଶ୍ରୀମାନଗର ଦ୍ୱିତୀୟଲାଇନ୍ ନିବାସୀ ଗାୟତ୍ରୀ ସ୍ୱାଇଁ ହତ୍ୟା ମାମଲାରେ ନିମଖଣ୍ଡି ପୁଲିସ୍ ଆଜି ଅଭିଯୁକ୍ତ ଶାନ୍ତନୁ ପାତ୍ର(୨୯)କୁ କର୍ଣ୍ଣାଟକ କଲବର୍ଗି ଜିଲ୍ଲା ୱାଡ଼ି ରେଳଷ୍ଟେସନ୍‌ରୁ ଗିରଫ କରିଛି। ଶାନ୍ତନୁର ଘର ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳରେ। ସେ ନକଲି ଆଧାରକାର୍ଡ ଜରିଆରେ ବ୍ରହ୍ମପୁରରେ ସୁନୀଲ ସ୍ୱାଇଁ ନାମରେ ରହି ପରିବା ବ୍ୟବସାୟ କରୁଥିଲା। ଶାନ୍ତନୁ ବିବାହିତ ଓ ପତ୍ନୀଙ୍କ ସହ ଝଗଡ଼ା ପରେ ସେ ଅଲଗା ରହୁଥିଲେ। ୨୦୧୯ରେ ଶାନ୍ତନୁ ନିଜ ସମ୍ପର୍କୀୟ ଦୁଇ ଭଉଣୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ଥିଲା। ଏନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ପରେ ସେ ଫେରାର୍ ହୋଇଯାଇଥିଲା। କିଛି ଦିନ ମୁମ୍ବାଇରେ ଲୁଚି ରହିବା ପରେ ବ୍ରହ୍ମପୁର ଆସି ପରିବା ବିକିଥିଲା। ଗାୟତ୍ରୀଙ୍କ ସହ ସୁନୀଲର କିଭଳି ପରିଚୟ ହୋଇଥିଲା ଏବଂ କାହିଁକି ସେ ତାଙ୍କୁ ହତ୍ୟା କଲା, ସେ ସଂପର୍କରେ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପୁଲିସ୍ ତାକୁ ସାଥୀରେ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଇବ ବୋଲି ଜଣାଯାଇଛି।

ପୁଲିସ୍ ସୂଚନାନୁସାରେ, ସୁନୀଲ ସ୍ୱାଇଁ ନାଁରେ ଶାନ୍ତନୁ ଫେସବୁକ୍ ଏକ ଆକାଉଣ୍ଟ ଖୋଲିଥିଲା। ସେଥିରେ ଗାୟତ୍ରୀଙ୍କ ସହ ପରିଚୟ ହୋଇଥିଲା। ପରେ କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ପ୍ରେମସଂପର୍କ ଗଢ଼ି ଉଠିଥିଲା। ସେତେବେଳେ ସୁନୀଲ ମୁମ୍ବାଇରେ ଏବଂ ଗାୟତ୍ରୀ ସପରିବାରେ କୋରାପୁଟରେ ରହୁଥିଲେ। ଧୀରେଧୀରେ ଦୁହିଁଙ୍କ ମଧ୍ୟରେ ସଂପର୍କ ଘନିଷ୍ଠ ହେବାରୁ ଉଭୟ କୌଣସି ସ୍ଥାନରେ ସାକ୍ଷାତ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗାୟତ୍ରୀ ନିଜ ଶାଶୂଘର ବ୍ରହ୍ମପୁରସ୍ଥିତ ଗେଟ୍‌ବଜାର ରଘୁପତି ନଗରକୁ ଚାଲି ଆସିଥିଲେ। କିନ୍ତୁ ଶାଶୂଘର ଲୋକଙ୍କ ସହ ଝଗଡ଼ା ହେବାରୁ ଗାୟତ୍ରୀ ବ୍ରହ୍ମପୁରର ରାମଲିଙ୍ଗେଶ୍ୱର ପାର୍କ ନିକଟରେ ଏକ ଭଡ଼ାଘରେ ରହୁଥିଲେ। ସ୍ୱାମୀ ସାଧୁ କାମରେ ଭୁବନେଶ୍ୱର ଚାଲିଗଲା ପରେ ଗାୟତ୍ରୀ ସୁନୀଲକୁ ଭେଟିବାକୁ ବ୍ରହ୍ମପୁର ଡାକୁଥିଲେ। ୨୦୨୩ରେ ଗାୟତ୍ରୀ ବଡ଼ବଜାର ଥାନା ଓମ୍ ନଗରରେ ଅଭିଯୁକ୍ତ ସୁନୀଲର ଏକ ନକଲି ଆଧାରକାର୍ଡ କରି ତିଆରି କରାଇ ଦେଇଥିଲେ। ପରେ ସୁନୀଲ ସାଙ୍ଗରେ ଗାୟତ୍ରୀଙ୍କୁ ନେଇ ମୁମ୍ବାଇ ଫେରାର୍ ହୋଇଯାଇଥିଲା। ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ୧୦ ଦିନ ପରେ ଗାୟତ୍ରୀ ଘରକୁ

- ବାଲେଶ୍ୱର ଗଣଦୁଷ୍କର୍ମ ମାମଲାରେ ଫେରାର୍ ଥିଲା
- ପରିଚୟ ଲୁଚାଇ ବ୍ରହ୍ମପୁରରେ ପରିବା ବିକୁଥିଲା

ଫେରି ଆସିଥିଲେ। ତଥାପି ଗାୟତ୍ରୀ ଓ ଶାନ୍ତନୁଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ରାମଲିଙ୍ଗେଶ୍ୱର ପାର୍କ ନିକଟରେ ରହୁଥିବା ଭଡ଼ାଘର ସ୍ଥାନଟି ଜନଗହଳିପୂର୍ଣ୍ଣ ହୋଇଥିବାରୁ ଗାୟତ୍ରୀଙ୍କ ସହ ଶାନ୍ତନୁ ଭଲ ଭାବେ ମିଶି ପାରୁନଥିଲା। ତେଣୁ ଗାୟତ୍ରୀ ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଉ ଏକ ଭଡ଼ାଘରକୁ ଆସିଥିଲେ। ସେପଟେ ଲୋଚାପଡ଼ା ଧୋବାନାଳ ନିକଟରେ ସୁନୀଲ ଘରଭଡ଼ା ନେଇ ରହୁଥିଲା। ଏପରିକି, ଗାୟତ୍ରୀଙ୍କଠାରୁ ୨୫ହଜାର ଟଙ୍କା ନେଇ ସୁନୀଲ ଲୋଚାପଡ଼ାରେ ଏକ ପରିବା ଦୋକାନ ଆରମ୍ଭ କରିଥିଲା। ତେବେ କିଛି ଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଗାୟତ୍ରୀ ଆଉ ସୁନୀଲର ଫୋନ୍ କଲ୍ ଉଠାଇନଥିଲେ। ରାକ୍ଷୀ ପୂର୍ଣ୍ଣିମା ସମୟରେ ଗାୟତ୍ରୀ ତାଙ୍କ ଝିଅ ସହିତ ହିଞ୍ଜିଳିକାଟୁ ନିଜ ଭାଇଙ୍କ ଗାଁକୁ ଯାଇଥିଲେ। ଏହି ସମୟରେ ସୁନୀଲ ଫୋନ କରିଥିଲେ ହେଁ ଗାୟତ୍ରୀ ଉତ୍ତର ଦେଇନଥିଲେ। ଧୀରେଧୀରେ ସେ ସୁନୀଲଠାରୁ ଦୂରେଇ ଯିବା ଓ ହାତରେ ରାକ୍ଷୀ ବାନ୍ଧି ଭାଇ କରିବାକୁ କହିବା ପରେ ଶାନ୍ତନୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା।

ଗତ ୧୦ ତାରିଖ ରାତିରେ ଗାୟତ୍ରୀଙ୍କ ଭଡ଼ା ଘରକୁ ସୁନୀଲ ଯାଇ ଝଗଡ଼ା କରିଥିଲା। ପରେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ଗାୟତ୍ରୀଙ୍କ ଝିଅ ଏହା ଦେଖି ଦେବାରୁ ତାକୁ ମଧ୍ୟ ସୁନୀଲ ଛୁରିରେ ଆକ୍ରମଣ କରିଥିଲା। ଘଟଣା ପରେ ରାତି ପ୍ରାୟ ୧୨ଟାରେ ସେ ଗାୟତ୍ରୀଙ୍କ ଘରୁ ବାହାରି ନିଜ ଭଡ଼ା ଘରକୁ ଯାଇଥିବା ପୁଲିସ ସିସିଟିଭି ଫୁଟେଜରୁ ସ୍ପଷ୍ଟ କରିଥିଲା। ସେଠାରୁ ବ୍ରହ୍ମପୁର ଷ୍ଟେସନ ଦେଇ ସୁନୀଲ କର୍ଣ୍ଣାଟକ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ କର୍ଣ୍ଣାଟକସ୍ଥିତ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବ୍ରହ୍ମପୁର କୋର୍ଟରେ ହାଜର କରିଛି। ଏଠାରେ ପୁଲିସ ଅଭିଯୁକ୍ତକୁ ୩ ଦିନ ରିମାଣ୍ଡରେ ନେଇ ଆହୁରିଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି। ଅଭିଯୁକ୍ତକୁ ଧରିବାକୁ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ଞାନ ବେହେରା ଓ ଅନ୍ୟ ଥାନା କର୍ମଚାରୀମାନେ ମୁମ୍ବାଇ, ଆନ୍ଧ୍ର ଓ କର୍ଣ୍ଣାଟକ ଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଓଭରଟେକ୍ କଲା ପର୍ଯ୍ୟଟକଙ୍କ ଗାଡ଼ି; ରାଗିଗଲେ ବିଡିଓ



ଗୋପ,୧୯।୮(ସମିସ):ଅତିଥି ଦେବୋଭବ ବାର୍ତ୍ତାକୁ ରାଜ୍ୟ ସରକାର ପ୍ରଚାରପ୍ରସାର କରୁଥିବାବେଳେ ରାଜ୍ୟକୁ ଅଧିକ ପର୍ଯ୍ୟଟକ ଆସିବା ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର କେତେକ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଯୋଗୁଁ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କକୁ ପର୍ଯ୍ୟଟକମାନେ ଆସିବାକୁ ନାପସନ୍ଦ କରୁଛନ୍ତି। ଏଭଳି ଏକ ଘଟଣା ଖୋଦ୍ ପର୍ଯ୍ୟଟନ ମନ୍ତ୍ରୀ ତଥା ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଜିଲ୍ଲାରେ ଦେଖିବାକୁ ମିଳିଛି। ପର୍ଯ୍ୟଟକଙ୍କ ଗାଡ଼ି ବିଡିଓଙ୍କୁ ଓଭରଟେକ୍ କରିବାରୁ ସେମାନଙ୍କ ନାମରେ ମାମଲା ରୁଜୁ କରିବା ସହ ଗାଡ଼ିକୁ ଥାନାରେ ଅଟକ ରଖାଯାଇଛି।

ଘଟଣାରୁ ପ୍ରକାଶ ଯେ, ଛତିଶଗଡ଼ରୁ କିଛି ପର୍ଯ୍ୟଟକ କାର୍ ଯୋଗେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ସାରି କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ସାରି ମଙ୍ଗଳବାର କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଏହି ବାଟ ଦେଇ ଗୋପ ବିଡିଓ ଛବିରାଣୀ ସାହୁ ମଧ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଥିଲେ। କୋଣାର୍କ-ଗୋପ ରାସ୍ତାର କୁନ୍ଦୁରା ଛକ ନିକଟରେ ପର୍ଯ୍ୟଟକଙ୍କ କାର୍‌ଟି ବିଡିଓଙ୍କ ଗାଡ଼ିକୁ ଓଭରଟେକ୍ କରିଥିଲା। ଏଥିରେ ବିଡିଓଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ନାଲିବତୀ ଗାଡ଼ିରେ ଥିବା ବିଡିଓ ଏହି ଗାଡ଼ିକୁ ପିଛା କରିଥିଲେ। ଏହାକୁ ଦେଖି ପର୍ଯ୍ୟଟକମାନେ ଭୟଭୀତ ହୋଇ ଦ୍ରୁତଗତିରେ ଗାଡ଼ି ଚାଳନା କରିଥିଲେ। କିଛି ସମୟ ପରେ ବିଡିଓଙ୍କ ଗାଡ଼ି ଫିଲ୍ମୀ ଷ୍ଟାଇଲରେ ପର୍ଯ୍ୟଟକଙ୍କ ଗାଡ଼ି ଆଗରେ ରହିବା ପରେ ହଠାତ୍ ବିଡିଓ ଗାଡ଼ିରୁ ବାହାରି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ରାସ୍ତାରେ କିଛି ଲୋକ ରୁଣ୍ଡ ହେବାପରେ ପର୍ଯ୍ୟଟକମାନେ ଭୁଲ୍ ମାଗିବା ସହ ଛାଡ଼ିଦେବାକୁ କାକୁତି ମିନତି ହୋଇଥିଲେ। ମାତ୍ର ବିଡିଓ ଶ୍ରୀମତୀ ସାହୁ କ୍ଷମତାର ଅପବ୍ୟବହାର କରି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଗୋପ ପୁଲିସ ପହଞ୍ଚି ପର୍ଯ୍ୟଟକ ଓ ଗାଡ଼ିକୁ ଥାନାକୁ ଆଣି ବେପରୁଆ ଓ ମଦ୍ୟପାନ କରି ଗାଡ଼ିଚାଳନା ଆଦି ବିଭିନ୍ନ ସଙ୍ଗିନ ଦଫାରେ ମାମଲା ରୁଜୁ କରିଥିବାବେଳେ ଗାଡ଼ିଟିକୁ ଅଟକ ରଖି ପର୍ଯ୍ୟଟକମାନଙ୍କୁ ଥାନାରୁ ଜାମିନରେ ଛାଡ଼ିଥିବା ଜଣାପଡ଼ିଛି। ଅପରପକ୍ଷେ ପର୍ଯ୍ୟଟକମାନେ ଯଦି ମଦ୍ୟପାନ କରି ଗାଡ଼ି ଚାଳନା କରୁଥିଲେ ତେବେ ସେମାନଙ୍କୁ କ'ଣ ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଗଲାନି କି କୋର୍ଟ ଚାଲାଣ କରାଗଲାନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସରକାର ବେପରୁଆ ଗାଡ଼ି ଚାଳନା ଓ ବିନା ହେଲମେଟ୍‌ରେ ଗାଡ଼ି ଚାଳନା ଓ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ କୋଣାର୍କରୁ ଗୋପ ମଧ୍ୟରେ ଦୁଇଟି ସ୍ଥାନରେ ସିସିଟିଭି ଲଗାଯାଇଛି। ମାତ୍ର ଏହା ପରେବି ନିଜ କ୍ଷମତାର ଅପବ୍ୟବହାର କରି ଏଭଳି ଦବଙ୍ଗଗିରି ଦେଖାଇବା ଘଟଣା ସାଧାରଣରେ ନାପସନ୍ଦ କରାଯାଇଛି। ଏହା ଉପରେ ବିଧିବଦ୍ଧ ତଦନ୍ତ ହେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ବିଡିଓଙ୍କ ମତାମତ ପାଇଁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ପୁଲିସ ଆଇଆଇସି ପ୍ରଶାନ୍ତ ପଡ଼ିହାରୀ କହିଛନ୍ତି ଯେ ବିଡିଓ ଆମକୁ କହିବାରୁ ଆମେ ଘଟଣାସ୍ଥଳକୁ ଯାଇଥିଲୁ। ସେହିପରି ପୁଲିସ ବିଡିଓଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜଆଡ଼ୁ ପର୍ଯ୍ୟଟକଙ୍କ ନାମରେ ମାମଲା ରୁଜୁ କରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

▶ ଗୋପ-କୋଣାର୍କ ରାସ୍ତାରେ ଚାଲିଲା ହାଇଡ୍ରାମା
▶ ପୁଲିସ ଡାକି ଗାଡ଼ି ଜବତ; ପର୍ଯ୍ୟଟକଙ୍କ ନାମରେ ମାମଲା ରୁଜୁ

■ ଗୋଚର ଜମିରେ କୋଠା ନିର୍ମାଣ

# ମାସେ ବିତିଲାଣି; କାର୍ଯ୍ୟାନୁଷ୍ଠାନ ହେଉନି

ନୟାହାଟ,୧୯।୮(ସମିସ): ଗାଈଗୋରୁ ଚରିବା ପାଇଁ ଗୋଚର ଜମି ଧୀରେ ଧୀରେ ଲୋକମାନେ ଦଖଲ କରି କୋଠାବାଡ଼ି କରୁଥିବାବେଳେ ତହସିଲ୍ ପ୍ରଶାସନ ନିରବ ସଜିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ଆର୍‌ଆଇ ଅଧୀନରେ ଥିବା ଖାଣିଜିପୁର ମୌଜାର ପ୍ଲଟ୍ ନମ୍ବର ୪୨୨ର ୫୭ ଡେସିମିଲ ଗୋଚର ଜମିକୁ ଦୀର୍ଘ ୨ ବର୍ଷ ହେଲା ଏକ ବେସରକାରୀ ଶିକ୍ଷାନୁଷ୍ଠାନ ବାଡ଼ ବନ୍ଦ କରି ରଖିଛନ୍ତି। ପରେ ଗତ ଜୁଲାଇ ୧୭ ତାରିଖରେ ଗୋଚର ଜମିରେ ଛାତ ପକାଇଥିଲେ। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ଅନିଲ କୁମାର ମହାନ୍ତି କହିଛନ୍ତି, କାଗଜପତ୍ର ସରିଛି କାର୍ଯ୍ୟାନୁଷ୍ଠାନ ନିଆଯିବ। ଆର୍‌ଆଇ ଉମା ବଳିୟାରସିଂହଙ୍କୁ ପଚାରିବାରୁ କହିଥିଲେ ଯେ ଅତିରିକ୍ତ ତହସିଲ୍‌ଦାର ତଦନ୍ତ କରିଛନ୍ତି, କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେବ। ଖାଣିଜିପୁର ମୌଜାର ଅନେକ ଗୋଚର ଜମି ଥିବାବେଳେ ସେମାନେ କୁହନ୍ତି, ଯଦି ନିର୍ମାଣାଧୀନ କୋଠା ଭଙ୍ଗା ନ ଯାଏ ଆମ୍ଭେମାନେ ଗୋଚର ଜମିରେ କୋଠା କରିବୁ।

ଆଶ୍ଚର୍ଯ୍ୟଜନକ ଘଟଣା ଯେ ଅନାବାଦୀ ଜମିରେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତହସିଲ୍‌ଦାର ବନ୍ଦ ରଖିଛନ୍ତି କିନ୍ତୁ ଗୋଚର ଜମିରେ ନିର୍ମିତ ବେସରକାରୀ ଶିକ୍ଷାନୁଷ୍ଠାନକୁ ବନ୍ଦ କରାଯାଉନି। ୨୦୨୩ରେ ଜିଲ୍ଲା ରଜ୍ୟସ୍ୱ ବିଭାଗ ଚିଠି ନମ୍ବର ୩୮୬ରେ ୭.୨.୨୦୨୩ରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଚିଠିରେ ଗୋପ ତହସିଲ୍‌ଦାରଙ୍କୁ ଉକ୍ତ ଗୋଚର ଜମିରେ ଥିବା ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହେଉନି। ଏ ଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ



ଟାଙ୍ଗୀ,୧୯।୮(ସମିସ):ଚାନ୍ଦପୁରସ୍ଥିତ ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଚଳିତ ବର୍ଷର ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ଶିକ୍ଷା ବର୍ଷରେ ବିଦ୍ୟାଳୟରୁ ଏ-୧, ଏ-୨ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ବିଷ୍ଣୁପ୍ରିୟା ସାହୁ, ଆୟୁଷ୍ମାନ ସାହୁ, ଦିବ୍ୟାଂଶୁ ସାହୁ, ସୁଶ୍ରୀ ସମୀକ୍ଷା, ମନୋଜ ପ୍ରଧାନ, ସନ୍ଧ୍ୟାରାଣୀ ବିଶୋଇ, ବର୍ଷାରାଣୀ ସାହୁଙ୍କୁ ମାନପତ୍ର ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ଚେୟାରମ୍ୟାନ ବଦ୍ରିନାରାୟଣ ଚୌଧୁରୀ, ପୂର୍ବତନ ସମିତିସଭ୍ୟ ସନ୍ତୋଷ ନାୟକ, ସାଧନକେନ୍ଦ୍ର ସଂଯୋଜକ ପବିତ୍ର ପ୍ରଧାନ, ମୋ ସ୍କୁଲ କମିଟିର ସଭ୍ୟା ପ୍ରଦୀପ କୁମାର ସାହୁ, ଶିବ ପ୍ରସାଦ ସାହୁ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଭବିଷ୍ୟତରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏହିଭଳି ଭଲ ମଣିଷ ହେବା ସହିତ ଗାଁ ମାଟିର ସମ୍ମାନ ରଖିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରେମଲତା ଜାଲି ପରିଚୟ ପ୍ରଦାନ, ରଶ୍ମିତା ପ୍ରଧାନ ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମଧୁସ୍ମିତା ସାହୁ ମିନାକ୍ଷୀ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ମେଧାବୀ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ ପିତାମାତାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ଏହି ବିଦ୍ୟାଳୟ ଅନ୍ତର୍ଭୁକ୍ତ ଯଶୋଦା ମଧ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାୟକ ଏବଂ କମିଟି ଚେୟାରମ୍ୟାନ ବଦ୍ରି ନାରାୟଣ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ମୁନା ବେହେରା, କଳ୍ପନା ପ୍ରଧାନ, ବାବୁ ପ୍ରଧାନ, ଉତ୍ତମ ପ୍ରଧାନ, ସୁକାନ୍ତି ଦେଇ, ପ୍ରିୟଙ୍କା ମହାପାତ୍ର, ନିରୁପମା ଫତେସିଂ, ତ୍ରୈଲୋକ ନାଥ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ପାଠଚକ୍ର ପାଇଁ ପ୍ରାକ୍ ପ୍ରସ୍ତୁତି

ଚାରିଛକ,୧୯।୮(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ଆନୁକୂଲ୍ୟରେ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ପାଠଚକ୍ର ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ରାଜ୍ୟସ୍ତରୀୟ ପାଠଚକ୍ରର ଶୀର୍ଷକ ରହିଛି "ଓଡ଼ିଶାର ପ୍ରଥମ ସହିଦ ଜୟୀ ରାଜଗୁରୁ'। ଏଥିରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶୀକାନ୍ତ ମିଶ୍ର, ସମ୍ମାନିତ ଅତିଥି ଦିଗମ୍ବର ମହାନ୍ତି, ମୁଖ୍ୟବକ୍ତା ଡ. ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ଅଧ୍ୟକ୍ଷ ଜୟଦେବ କଲେଜ, ନହରକଣ୍ଟା ଏବଂ ଜୟୀ ରାଜଗୁରୁ ସ୍ମୃତି ସଂସଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର ପ୍ରଭୃତି ଯୋଗଦେବା ପାଇଁ ସ୍ଥିରୀକୃତ ହୋଇଛି।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା; ଛାତ୍ର ବିଜେଡିର ଦାବିପତ୍ର




ଗୋପ,୧୯।୮(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ମଙ୍ଗଳବାର ଛାତ୍ର ବିଜେଡି ପକ୍ଷରୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋପ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଯୁବ ନେତା ଯୋଗେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଗୋପ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ କଲେଜ ଛକରୁ ବିଶାଳ ପଦଯାତ୍ରା କରି ଗାଁ, ସହର, ବେଳାଭୂମିରୁ କ୍ୟାମ୍ପସ୍ ସବୁଠି ମହିଳା ଅସୁରକ୍ଷିତ। କ୍ୟାମ୍ପସ୍‌ରେ ଛାତ୍ରୀ ବିପଦରେ, ଘରୁ ଗୋଡ଼ କାଢ଼ିବାକୁ ମହିଳା ଡରେ ଆଦି ବିଭିନ୍ନ ନାରାବାଜି ଦେବା ସହ ଏହା ଉପରେ ପଦକ୍ଷେପ ନେବାକୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ସ୍ୱାଇଁ, ଚନ୍ଦନ ଦାସ, ଗଣେଶ ବେହେରା, ଦେଶବନ୍ଧୁ ବାରିକ, ସତ୍ୟରଞ୍ଜନ ଭୋଇ, ଗୌରୀ ଭୋଇଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ଚାରିଛକ,୧୯।୮(ସମିସ): ମଙ୍ଗଳବାର ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ବେଗୁନିଆ ଗ୍ରାମର ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନ୍ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସକାଳୁ ଉକ୍ତ ଗ୍ରାମର ବସନ୍ତ ସ୍ୱାଇଁଙ୍କ ପତ୍ନୀ ସୌଦାମିନୀ ପ୍ରାତଃଭ୍ରମଣ କରୁଥିବା ସମୟରେ ଦୁଇ ଜଣ ଅଚିହ୍ନା ଯୁବକ ଏକ କଳା ରଙ୍ଗର ବାଇକ୍‌ରେ ଆସି ବେକରେ ପିନ୍ଧିଥିବା ପ୍ରାୟ ୩୦ ଗ୍ରାମ୍ ଓଜନର ସୁନାଚେନ୍ ଝାମ୍ପି ନେଇଥିଲେ। ଏହି ସମୟରେ ମହିଳା ଜଣକ ଚେନ୍‌ଟିକୁ ଧରି ପକାଇବାରୁ ଚେନ୍‌ର ୯ ଗ୍ରାମ୍ ତାଙ୍କ ହାତରେ ରହିଯାଇଥିଲା। ଅବଶିଷ୍ଟ ୨୧ ଗ୍ରାମ୍ ଓଜନର ଚେନ୍‌କୁ ଦୁର୍ବୃତ୍ତମାନେ ନେଇ ଆଖି ପିଛୁଳାକେ ଆମ୍ଭୋର ଆଡ଼କୁ ପଳାଇଥିଲେ। ଚାରିଛକ ପୁଲିସ ଖବର ପାଇ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସିସି କ୍ୟାମରାକୁ ଯାଞ୍ଚ କରିବା ସହ ଚଢ଼ଉ ଜାରି ରଖିଥିବାବେଳେ ଦୁର୍ବୃତ୍ତମାନଙ୍କ ପତ୍ତା ମିଳିପାରି ନାହିଁ।

● କମ୍ ଛାତ୍ରଛାତ୍ରୀ ଥିବା କାରଣରୁ ବନ୍ଦ ହୋଇଥିଲା ଅନେକ ବିଦ୍ୟାଳୟ

# ଏବେ ପାଲଟିଛି ଭୂତକୋଠି; ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ



ଅସ୍ତରଙ୍ଗ,୧୯।୮(ସମିସ): ପୂର୍ବ ସରକାରଙ୍କ ସମୟରେ ଅଯଥା ଖର୍ଚ୍ଚ କାଟ୍ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କମ୍ ଉପସ୍ଥାନ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ନିକଟସ୍ଥ ସ୍କୁଲରେ ମିଶ୍ରଣ କରିଥିଲେ। କିନ୍ତୁ ଯେଉଁ ସ୍କୁଲ ବନ୍ଦ ହୋଇଥିଲା ତାହା ଏବେ ପ୍ରଶାସନିକ ଅବହେଳା ହେଉ କି ରକ୍ଷଣାବେକ୍ଷଣ ଅଭାବରୁ ଗଛଲତା, ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ଭୂତକୋଠିରେ ପରିଣତ ହୋଇଯାଇଛି। ଏହି ସ୍ଥାନ ଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି।

ଅସ୍ତରଙ୍ଗ ଶିକ୍ଷା ମଣ୍ଡଳୀ ଅଧୀନରେ ଝରିଆ, ଦୁଧିଆ, ବଡ଼ ନାନପଡ଼ା, ସୋଲାପାଟିଆ, ସାଏଙ୍ଗପାଟଣା, ଭିଆର୍‌ପି କଲୋନୀ, ସହନ ତଣ୍ଡା, ଡାଲୁଅକଣିକୁ ମିଶାଇ ୮ଟି ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ହୋଇଥିଲା। ସ୍କୁଲ ମିଶ୍ରଣ ପରେ ପୂର୍ବ ସ୍କୁଲ ଘରଗୁଡ଼ିକୁ ଅବହେଳିତ ଅବସ୍ଥାରେ ଥାଇ ଗଛଲତା, ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ରହି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ନୀଳକଣ୍ଠେଶ୍ୱର ପ୍ରାଥମିକ ବିଦ୍ୟାଳୟ ବଡ଼ନାନପଡ଼ାଠାରେ। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ କି ଉକ୍ତ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଆମ ପାଖରେରେ କିଛି ପ୍ରପୋଜାଲ ନାହିଁ। ଯଦି ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ସ୍କୁଲ ଘରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କିଛି ପଦକ୍ଷେପ ନିଅନ୍ତେ ତାହେଲେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଘରଗୁଡ଼ିକ ସୁରକ୍ଷିତ ରହି ଅନ୍ୟ କେଉଁ କାମରେ ଲାଗିପାରନ୍ତା।

ଅଳିଆ ଆବର୍ଜନା ଓ ଗଛଲତାରେ ପରିପୂର୍ଣ୍ଣ

# ଫସଲ ଖାଉଛି ବାର୍‌ହା; ବନ ବିଭାଗର ପରିଦର୍ଶନ

ବଲଙ୍ଗା,୧୯।୮(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତ ଅଧୀନ କାଶିଆ ଗ୍ରାମରେ ବାର୍‌ହାପଲ ଫସଲ ନଷ୍ଟ କରୁଥିବା ନେଇ ଗ୍ରାମବାସୀ ବନ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏନେଇ ମଙ୍ଗଳବାର ବନ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ସହ ଯାଞ୍ଚ କରିଛନ୍ତି।

ସୂଚନା ମୁତାବକ, ସୋମବାର ରାତିରେ କାଶିଆ ଗ୍ରାମରେ ଥିବା ଜଙ୍ଗଲ ବୁଦା ଭିତରେ ବାର୍‌ହାପଲ ଦିନରେ ଲୁଚିରହିଥିବା ବେଳେ ରାତି ହେଲା ମାତ୍ରକେ ନିକଟରେ ଥିବା ନଡ଼ିଆ ଗଛ ନଷ୍ଟ କରିବା ସହିତ ଧାନ ଲାଗିଥିବା ଜମିର ହିଡ଼ଗୁଡ଼ିକ ଖୋଳି ଦେଉଛନ୍ତି। ରେସିଙ୍ଗା, କାଶିଆ, ଧନୁଆ, ବାଲିପଦା ଅଞ୍ଚଳରେ ବାର୍‌ହା ବୁଲୁଥିବା ନେଇ ସ୍ଥାନୀୟ ଲୋକମାନେ ଦେଖିଥିବାବେଳେ ଅଞ୍ଚଳରେ ବ୍ୟାପକ ଧାନଚାଷ ନଷ୍ଟ ହୋଇଥିବା ନେଇ ଚିନ୍ତା ପ୍ରକଟ କରିଛନ୍ତି। ଗତବର୍ଷ ଏହି ସମୟରେ ବାର୍‌ହାପଲ ଫସଲ ନଷ୍ଟ କରିଥିବାବେଳେ ଏ ବର୍ଷ ଫସଲ କେମିତି ସୁରକ୍ଷିତ ରହିବ ସେନେଇ ଜଙ୍ଗଲ ବିଭାଗକୁ ଜଣାଇଥିଲେ। ମଙ୍ଗଳବାର ଅପରାହ୍ଣରେ ପୁରୀ ଜିଲ୍ଲା ଗୋପ ବନ୍ୟପ୍ରାଣୀ ବନ୍ୟାଞ୍ଚଳ ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ବନ ବିଭାଗ କର୍ମଚାରୀ ବଳଭଦ୍ର ନାୟକ, ଗୀତାଞ୍ଜଳି ବେହେରା, ସନ୍ତୋଷ ଜେନା, ରୁଦ୍ରନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ସହିତ ପାଦ ଚିହ୍ନ ଦେଖିବା ପରେ ଏହା ବଣୁଆ ଘୁଷୁରୀ ବୋଲି ପ୍ରକାଶ କରିଛନ୍ତି।

# ବାଲୁଗାଁ ଉତ୍କଳ କରାଟେ ସ୍କୁଲରେ ୫୯ ଜଣଙ୍କୁ ବେଲ୍ଟ ପ୍ରଦାନ



ବାଲୁଗାଁ,୧୯।୮(ସମିସ): ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖା ପକ୍ଷରୁ ବାଲୁଗାଁ ଅଶୋକନଗରସ୍ଥିତ ଉମା ମହେଶ୍ୱର ବଣିକ ସଂଘ ପରିସରରେ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ସ୍କୁଲର ବାଲୁଗାଁ, ବାଣପୁର ଓ ଚାନ୍ଦପୁର ଶାଖାରୁ ପ୍ରାୟ ୬୦ ଜଣ କରାଟେକା ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ଡୋ ୟୁନିଅନ ଇଣ୍ଡିଆର ମୁଖ୍ୟ ହାନ୍‌ସି ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପରୀକ୍ଷାକୁ ୭ମ ଡାନ୍ ବ୍ଲାକ୍ ବେଲ୍ଟ କ୍ୟୋସି ଦୀପକ କୁମାର ସାମନ୍ତରା ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ବ୍ରାଉନ୍ ବେଲ୍ଟରେ ୧୯ ଜଣ, ବ୍ଲୁ ବେଲ୍ଟରେ ୮ ଜଣ, ଗ୍ରୀନ୍ ବେଲ୍ଟରେ ୯ ଜଣ, ଅରେଞ୍ଜ ବେଲ୍ଟରେ ୯ ଜଣ ଓ ୟେଲୋ ବେଲ୍ଟରେ ୧୪ ଜଣଙ୍କୁ ମିଶାଇ ସମୁଦାୟ ୫୯ ଜଣ କରାଟେକା ପ୍ରଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ବେଲ୍ଟ ହାସଲ କରିବାରେ ସଫଳ ହୋଇଛନ୍ତି। ସେନ୍‌ସେଇ ଏସ୍.କେ.ଏ. ହକ୍, ରଞ୍ଜନ କୁମାର ସାମନ୍ତରାୟ, ପ୍ରତାପ କେଶରୀ ଜେନା, ଦେବରାଜ ଢାଲି, ସଂଗ୍ରାମ ନାୟକ, ସଲୋନି ପାତ୍ର, ବୈକୁଣ୍ଠ ନାଥ ପ୍ରଧାନ, ଚାନ୍ଦପୁର ଶାଖାର ସଂଯୋଜକ ଅବିନାଶ ଦାସ ପ୍ରମୁଖ ସାମିଲ ହୋଇ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିବାବେଳେ ଏଥିରେ ବହୁ ଅଭିଭାବକ ଉପସ୍ଥିତ ରହି କରାଟେକାମାନଙ୍କୁ ଉତ୍ସାହିତ କରିବା ସହ ବେଲ୍ଟ ହାସଲକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜାତୀୟ ମେଧାବୃତ୍ତି ପରୀକ୍ଷାର୍ଥୀଙ୍କୁ ପାଠ୍ୟପୁସ୍ତକ ବଣ୍ଟନ



ବେଗୁନିଆ,୧୯।୮(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବତନ ଛାତ୍ର ବିଶ୍ୱଜିତ୍ ସୁନ୍ଦରାୟ ପ୍ରଦାନ କରିଥିବା ପାଠ୍ୟପୁସ୍ତକକୁ ଜାତୀୟ ମେଧାବୃତ୍ତି ପରୀକ୍ଷାର୍ଥୀଙ୍କୁ ବଣ୍ଟନ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଆଶା ମୁର୍ମୁଙ୍କ ସଂଯୋଜନାରେ ସଂଘମିତ୍ରା ରଥ ମୁଖ୍ୟଅତିଥି, ଇଂ ଦେବାଶିଷ ସାହୁ ଓ ଇଂ ରାମ ମାନସ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉପାଦେୟ ପାଠ୍ୟପୁସ୍ତକ ଉତ୍ତମ ଶିକ୍ଷାଦାନରେ ସହାୟକ ହେବା ସହ ପ୍ରତ୍ୟେକ ସକ୍ଷମ ଅନୁଯାୟୀ ପାଠ୍ୟପୁସ୍ତକ ପ୍ରଦାନ କରିବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଶ୍ଳୋକପାଠ କରିବା ପରେ ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ ଅତିଥି ପରିଚୟ ଓ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅଜିତ କୁମାର ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାରିଛକକୁ ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା ଦାବି

ଚାରିଛକ,୧୯।୮(ସମିସ): ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାରିଛକକୁ ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ଚାରିଛକ ବଜାରଟି ନିମାପଡ଼ା, ଗୋପ, କାକଟପୁର ଓ ନିଆଳୀ ବ୍ଲକ୍‌ର ମଧ୍ୟସ୍ଥଳ ଅଟେ। ଏହି ୪ଟି ବ୍ଲକ୍‌ର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ଏହି ବଜାର ଦେଇ ଜଗତସିଂହପୁର, ପୁରୀ, ଭୁବନେଶ୍ୱର, କଟକ ଓ ଅସ୍ତରଙ୍ଗ ଆଦି ସ୍ଥାନକୁ ବସ୍ ଚଳାଚଳ ହୋଇଥାଏ। ସମସ୍ତ ଭୌଗୋଳିକ ଦୃଷ୍ଟିକୋଣରୁ ଲକ୍ଷ୍ୟ କରାଯାଇ ଚାରିଛକକୁ ରାଜ୍ୟର ଏକ ବିଜ୍ଞପିତ ଅଞ୍ଚଳ ଘୋଷଣା କରାଗଲେ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହାର ସୁବିଧା ପାଇପାରିବେ। ଏହାର ଅନତି ଦୂରରେ ଅଛି ବିଶ୍ୱ ପର୍ଯ୍ୟଟନସ୍ଥଳୀ ଚଉରାଶୀ ବରାହୀ ମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ମାମୁଘର ମାଧବର ମାଧବାନନ୍ଦଜୀଉ ମନ୍ଦିର। ଏଠାରେ ଅଛି ପୁରୀ ଜିଲ୍ଲାର ୨ୟ ବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨ୟ ବୃହତ୍ ମହିଳା ମହାବିଦ୍ୟାଳୟ ସମେତ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ। ପୂର୍ବରୁ ଏହି ଅଞ୍ଚଳର ବିଭିନ୍ନ ସଂଗଠନ ଓ ଜନସାଧାରଣ ଚାରିଛକକୁ ଏକ ଏନ୍‌ଏସି କରିବା ପାଇଁ ରେଜେଷ୍ଟ୍ରି ଡାକ ଯୋଗେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୁରୀ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ପୁରୀ ଜିଲ୍ଲାର କୌଣସି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରି ନ ଥିବାରୁ ଏହାର ବିଚାର ସମୟରେ ଚାରିଛକକୁ ଏନ୍‌ଏସି କରିବାକୁ ଜନସାଧାରଣ ଦାବି ଉପସ୍ଥାପନ କରିଛନ୍ତି। ନିମାପଡ଼ାର ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦୃଷ୍ଟି ଦେବାକୁ ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ଚନ୍ଦ୍ରକାନ୍ତ ଦଳାଇ, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ଡ. କେଦାରନାଥ ସାହୁ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଅର୍ଜୁନ ପାତ୍ର, ବନବିହାରୀ ଦାଶ, ଅଧୀନ ପାତ୍ରଙ୍କ ସମେତ ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସଚେତନ ନାଗରିକ, ସମାଜସେବୀ ଦାବି କରିଛନ୍ତି।

## ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନ (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

# ନିମାପଡ଼ା ଗୋ-ତୀର୍ଥକୁ ନାହିଁ ରାସ୍ତା ଓ ବିଶ୍ରାମାଗାର




ନିମାପଡ଼ା,୧୯।୮(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ଅମରେଶ୍ୱର ନିକଟରେ ଥିବା ଶ୍ରୀଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀ ତଟରେ ମହାତୀର୍ଥ ମଧ୍ୟରେ ଗୋ-ତୀର୍ଥର ସ୍ଥାନ ସ୍ୱତନ୍ତ୍ର। ଏ ତୀର୍ଥ ମହର୍ଷି ମାତଙ୍ଗଙ୍କ ତପସ୍ଥଳୀ। ତାଙ୍କ ପୂଜାର୍ଚ୍ଚନାର ଏହା ପ୍ରମୁଖ ପୀଠସ୍ଥଳ। ପ୍ରାଚୀ ମାହାତ୍ମ୍ୟ କୁହନ୍ତି ମା' ଗଙ୍ଗା ପାପୀଙ୍କ ପାପ ହରଣକରି ପାପଭାରରେ ଭାରାକ୍ରାନ୍ତ ହୋଇ ଶିବଙ୍କୁ ନିଜ ଦୁଃଖ ଜଣାଇଥିଲେ। ଦେବ ଦେବ ମହାଦେବ ମା' ଗଙ୍ଗାଙ୍କୁ ପ୍ରତବର୍ଷ ଅକ୍ଷୟ ତୃତୀୟା ଦିନ ଗୋ'ତୀର୍ଥରେ ପ୍ରାଚୀ ସ୍ନାନକରି ପାପଭାରରୁ ମୁକ୍ତି ମିଳିବା ତଥ୍ୟ ଜଣାଇଦେଲେ। ପ୍ରାଚୀସ୍ନାନ ପ୍ରଭାବରେ ମା' ଗଙ୍ଗା ସକଳ ପାପଭାରରୁ ମୁକ୍ତି ପାଇଁ ପ୍ରାଚୀ ମା'ଙ୍କ ସ୍ତୁତିଗାନ କରି ଶିବଙ୍କ ପାଖକୁ ଫେରିଗଲେ। ଏ ମହାସ୍ମୃତିକୁ ମନେରଖି ପ୍ରତିବର୍ଷ ଅଗଣିତ ଭକ୍ତ ଏଠାରେ ପ୍ରାଚୀସ୍ନାନ କରନ୍ତି। ନିଜେ ଅମରେଶ୍ୱର ଶମ୍ଭୁ, ବନ୍ଦେଶ୍ୱର ଶମ୍ଭୁ ମଣି ବିମାନରେ ଆସି ଅକ୍ଷୟ ତୃତୀୟାଦିନ ପ୍ରାଚୀ ସ୍ନାନକରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଅପୁତ୍ରିକ ନାରୀମାନେ ଏହି ଦିନ ଏଠାରେ ସ୍ନାନକଲେ ପୁତ୍ରବତୀ ହେବା ନିଶ୍ଚିନ୍ତ ଜାଣି ବହୁ ସଂଖ୍ୟାରେ ଭକ୍ତ ଏଠାକୁ ଆସନ୍ତି ଓ ପ୍ରାଚୀସ୍ନାନ କରନ୍ତି। ଭକ୍ତ ଜୟଦେବଙ୍କ ଜନ୍ମ ଏ ଦିନ ପ୍ରାଚୀସ୍ନାନ ପ୍ରଭାବରୁ ହୋଇଥିବା ହେତୁ ସେ ମଧ ପ୍ରତିବର୍ଷ ଏଠାରେ ପ୍ରାଚୀସ୍ନାନକୁ ଆସୁଥିଲେ। ଶ୍ରୀଚୈତନ୍ୟ ଦେବଙ୍କ ପବିତ୍ର ପ୍ରାଚୀ ପରିକ୍ରମା ସମୟରେ ଏ ତୀର୍ଥରେ ସ୍ନାନ, ତର୍ପଣ, ପିତୃଆର୍ଯ୍ୟ ପ୍ରଦାନ ତଥା ଗଜପତି ପ୍ରତାପ ରୁଦ୍ରଦେବଙ୍କ ରାଜଗୁରୁ ପଣ୍ଡିତ କାଶୀନାଥ ମିଶ୍ରଙ୍କ ରଚିତ ପ୍ରାଚୀଲିଳାମୃତ ଗ୍ରନ୍ଥରେ ଏପରି ଦର୍ଶାଯାଇଛି। ଏ ନେଇ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି "ପ୍ରାଚୀ ତୀର୍ଥରେ କଲେ ସ୍ନାନ-ମାଧବେ ମାଧବ ଦର୍ଶନ, ଗୋ'ତୀର୍ଥେ ପିତୃଆର୍ଯ୍ୟ ଦେଲେ-ଲଳିତା ମାଧବ ପୂଜିଲେ, ଅମରେଶ୍ୱର ଶମ୍ଭୁଙ୍କୁ ପୂଜି-ଭକ୍ତି ଭାବରେ ଗଲେ ହଜି'। ସବୁ ସତ୍ତ୍ୱେ ପ୍ରାଚୀ ତୀର୍ଥରେ ପ୍ରାଚୀନଦୀ, ପ୍ରାଚୀ ତୀର୍ଥ ସମୂହ, ପ୍ରାଚୀତଟ ଦେବସ୍ଥଳୀଗୁଡ଼ିକ ଅବହେଳାରେ ଲୁଚିହଜି ଯିବାକୁ ବସିଲାଣି। ପ୍ରାଚୀତଟର ଏ ମହାତୀର୍ଥ ଗୋ-ତୀର୍ଥକୁ ସବୁଦିନିଆ ରାସ୍ତାଟିଏ ନାହିଁ କି ଭକ୍ତ ନିବାସ ନାହିଁ। ଏପରି ଅନେକ ସମସ୍ୟା ରହିଛି। ଆମ ସରକାର ଏହି ତୀର୍ଥସ୍ଥଳୀର ପୁନଃଉଦ୍ଧାର କରିବା ସହିତ ସବୁଦିନିଆ ରାସ୍ତାଟିଏ କରିବାକୁ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଐତିହାସିକ ଡ. ସନ୍ତୋଷ କୁମାର ମିତ୍ର, ପ୍ରଫେସର ଗୋପୀନାଥ କର, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ଡ. କେଦାରନାଥ ସାହୁ, ଉପଦେଷ୍ଟା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, କାହ୍ନୁ ଚରଣ ବେହେରା, ପଣ୍ଡିତ ମୁରଲୀଧର ଭାରତୀ ପ୍ରମୁଖ ଦାବି କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୯/୮/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୨,୫୮୯/- ସୁନା: ୦୦.୧୩୦ ଗ୍ରାମ୍ ରୁପା: ୧୧୫.୧୮୦ ଗ୍ରାମ୍





## ସାକ୍ଷୀଗୋପାଳଙ୍କ କାଳୀୟଦଳନ ବେଶ

ସାକ୍ଷୀଗୋପାଳ,୧୯।୮ (ସମିସ): ମଙ୍ଗଳବାର ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ପରମ୍ପରା କ୍ରମେ ସାକ୍ଷୀଗୋପାଳ ଠାକୁରଙ୍କ କାଳୀୟଦଳନ ପର୍ବ ଦେବନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାକ୍ଷୀଗୋପାଳ ଠାକୁର କାଳୀୟ ଦଳନ ବେଶରେ ସିଂହାସନ ଉପରେ ସପ୍ତଫେଣୀ ନାଗ ଉପରେ ନୃତ୍ୟରତ ଭଙ୍ଗୀରେ ବିରାଜମାନ କରିଥିଲେ। ଠାକୁର ବାମ ହସ୍ତରେ କାଳୀୟ ନାଗର ଲାଞ୍ଜ ଧରିଥିଲେ। ଠାକୁରଙ୍କ ମସ୍ତକରେ କିରୀଟ, ହସ୍ତରେ ବଂଶୀ, ନାଶାରେ ଗଜମୁକ୍ତା, କର୍ଣ୍ଣରେ କୁଣ୍ଡଳ ଓ ପୀତବସ୍ତ୍ର ପରିଧାନ କରିଥିଲେ। ଗୋଧନ ବାହୁଡ଼ା ଭୋଗ ପରେ ସାକ୍ଷୀଗୋପାଳଙ୍କ ବିଜେପ୍ରତିମା ମଦନମୋହନ ଦେବ ଓ ଲବଣୀ ଚୋରା ଠାକୁର ବିମାନରେ ରଙ୍ଗଣିସାହିସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ମହାଭୋଇ କୂଳର ବଧୂମାନେ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଏହି ବିଧି ସମ୍ପନ୍ନ ପରେ ଠାକୁର ବିମାନ ଯୋଗେ ରାଧାକୁଣ୍ଡକୁ ବିଜେ କରିବା ପରେ ସେଠାରେ ପନ୍ତିଭୋଗ, ଆଳତି, ଉପଚାର ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣି ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଓ ଅନ୍ୟ ଜଣେ ବିଶୋଇ ସେବକ ଗରୁଡ଼ ବେଶରେ ଦେବନୀତି ସମ୍ପନ୍ନ କରିଥିଲେ। ତୀର୍ଥ ପୁଷ୍କରିଣୀ କେତକୀଝରରେ କାଳୀୟଦଳନ ଦେବନୀତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲଗିଥିଲା। ବିଳମ୍ବିତ ରାତିରେ ଠାକୁର ମନ୍ଦିରକୁ ଫେରିବା ପରେ ଶ୍ରଦ୍ଧାଳୁମାନେ ସାକ୍ଷୀଗୋପାଳ ଠାକୁରଙ୍କୁ କାଳୀୟଦଳନ ବେଶରେ ଦର୍ଶନ କରିଥିଲେ।

## ଯୁବକଙ୍କୁ ମାଡ଼ମାରି ଲୁଟ୍, ୩ ଗିରଫ

ପୁରୀ,୧୯।୮ (ସମିସ): ଜଣେ ଯୁବକଙ୍କୁ ଡାକି ନେଇ ମାଡ଼ମାରି ଲୁଟ୍ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭିଆଇପି ରୋଡ୍ ଜଗନ୍ନାଥ କଲୋନୀର ପ୍ରଦୀପ ବେହେରା, ସିଟି ରୋଡ୍ ଗୋରାକବର ଲେନ୍‌ର ମୁନା ସେଠୀ ଏବଂ ଚନ୍ଦନ ହଜୁରୀ ରୋଡ୍‌ର ମହମ୍ମଦ ଆଲ୍ଲାଉଦ୍ଦିନ। ବ୍ରହ୍ମଗିରି ଗଡ଼ରୋଡ଼ଙ୍ଗ ଦାଦରକୁଣ୍ଡର ବିକ୍ରମ ପ୍ରଧାନ ସମୁଦ୍ରକୂଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଗତ ୧୬ ତାରିଖ ରାତି ପ୍ରାୟ ୧୨ଟା ସମୟରେ ଘରକୁ ଯାଉଥିଲେ। ହେଲେ ସିଟି ରୋଡ୍‌ରେ ତାଙ୍କ ଗାଡ଼ିରୁ ପେଟ୍ରୋଲ ସରିଯାଇଥିଲା। ଏହି ସମୟରେ ପ୍ରଦୀପ ବେହେରା ତାଙ୍କ ପାଖରେ ପହଞ୍ଚି କିଛିବାଟ ଦୂରରେ ପେଟ୍ରୋଲ ମିଳିବ କହିଥିଲେ। ଏହାପରେ ବିକ୍ରମଙ୍କୁ ସେମାନେ ଏକ ଜାଗାକୁ ଡାକି ନେଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ଦୁଇଜଣ ମୁନା ସେଠୀ ଏବଂ ମହମ୍ମଦ ଆଲ୍ଲାଉଦ୍ଦିନ ଥିଲେ। ହଠାତ୍ ୩ ଅଭିଯୁକ୍ତ ବିକ୍ରମଙ୍କୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡ ପଛକୁ ଏକ ପଥର ଛେଚି ଦେଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଅଭିଯୁକ୍ତମାନେ ତାଙ୍କ କାନରେ ଥିବା ହଳେ ସୁନା ଫୁଲ, ଗୋଟିଏ ମୋବାଇଲ ଫୋନ୍, ସ୍କୁଟି ଏବଂ ୬ ହଜାର ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩ ହଜାର ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

● ସଦାଶିବ ପରିସରରେ ସଚେତନତା କାର୍ଯ୍ୟକ୍ରମ

## 'ନିଶା ଏକ ସାମାଜିକ ବ୍ୟାଧି'



ପୁରୀ,୧୯।୮ (ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ଶୀର୍ଷକ ସଚେତନତାମୂଳକ କାର୍ଯ୍ୟକ୍ରମ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିଶାମୁକ୍ତ ଭାରତ ଗଠନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ନିଶା ସେବନର ଅପକାରିତା ସମ୍ପର୍କରେ ପ୍ରଫେସର୍ ମହାପାତ୍ର ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ମିତା ମହାନ୍ତି ଓ ମିଷ୍ଟର ଏସିଆ ବିଶ୍ୱଜିତ୍ ପ୍ରତିହାରୀ ଯୋଗଦେଇ ନିଶା ଏକ ସାମାଜିକ ବ୍ୟାଧି ବୋଲି ପ୍ରକାଶ କରିବା ସହ ନିଶା ସେବନ ଦ୍ୱାରା ସମ୍ପ୍ରତି ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ଏଥିରୁ ସମସ୍ତେ ନିବୃତ ରହି ନିଜ ପରିବାର ଏବଂ ସମାଜକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଚ୍ଛୱା ଓ ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ଲଳିତ କୁମାର ସାହୁ ମାଞ୍ଚାସୀନ ହୋଇ ନିଶା ନିବାରଣ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସ୍ୱାଗତିକା ମହାନ୍ତି ଅତିଥି ପରିଚୟ ଦେଇଥିବାବେଳେ ସଂଯୋଜନା କରିଥିଲେ ଡ. ବିଶ୍ୱନାଥ ମିଶ୍ର ଓ ଧନ୍ୟବାଦ ଦେଇଥିଲେ ପରିସରର ସହଯୋଗୀ ନିର୍ଦ୍ଦେଶକ ବିଜୟପାଲ୍ କଚ୍ଛୱା। ଶେଷରେ ସଦାଶିବ ପରିସରର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଏହି ଅବସରରେ ନିଶା ସେବନରୁ ଦୂରେଇ ରହି ସମଗ୍ର ଭାରତ ବର୍ଷକୁ ନିଶାମୁକ୍ତ ରାଷ୍ଟ୍ରଭାବେ ଗଢ଼ି ତୋଳିବାକୁ ଶପଥ ନେଇଥିଲେ।

# ରତ୍ନସିଂହାସନରେ କାଳୀୟଦଳନ ବେଶ



ମହାପ୍ରଭୁଙ୍କ କାଳୀୟଦଳନ ବେଶ



ଧେନୁକାସୁର ବଧ



ଗରୁଡ଼ ବେଶଧାରୀ



କାଳୀୟଦଳନ ନୀତି

ପୁରୀ,୧୯।୮ (ସମିସ)

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଅବସ୍ଥାନ କରୁଥିଲେ। ସେତେବେଳେ ଯମୁନା ନଦୀ କାଳୀୟ ହ୍ରଦରେ ଭୟଙ୍କର କାଳୀୟ ନାଗ ରହୁଥିଲା। ତାହାର ବିଷ ପ୍ରଭାବରେ ହ୍ରଦର ଜଳ ବିଷାକ୍ତ ହେଉଥିଲା। ବୃନ୍ଦାବନର ଗାଈଗୋରୁ ସେହି ପାଣିପିଇ ମରୁଥିଲେ। ଏହାର ସମାଧାନ ଲାଗି ଭଗବାନ ଶ୍ରୀକୃଷ୍ଣ କାଳୀୟ ନାଗ ଉପରେ ଛିଡ଼ା ହୋଇ ଦଳି ତାହାର ଗର୍ବ ଗଞ୍ଜନ କରିଥିଲେ। ଏହାପରେ କାଳୀୟ ନାଗ ସେହି ହ୍ରଦ ଛାଡ଼ି ରମଣକ ଦୀପକୁ ଚାଲିଯାଇଥିଲା। ଦ୍ୱାପର ଯୁଗର ଏହି ସ୍ମୃତିରେ ମଙ୍ଗଳବାର ଭାଦ୍ରବ କୃଷ୍ଣ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ଲୀଳା ଓ ବେଶ ଅନୁଷ୍ଠିତ ହୋଇଛି। ବୁଧବାର ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଠାକୁରମାନେ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ଏହାପରେ ରତ୍ନସିଂହାସନରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ର କାଠ ନିର୍ମିତ ଶ୍ରୀପୟର ଏବଂ ଶ୍ରୀଭୁଜ ଧାରଣ କରିଥିଲେ। ଜଗନ୍ନାଥଙ୍କ ବାଡ଼ ପାଇଁ ଏହି ବେଶ ଲାଗି ବେତ, କନା, ଜରି ଆଦିରେ କାରିଗରମାନେ ଗୋଟିଏ କାଳୀୟ ନାଗ ନିର୍ମାଣ କରିଥିଲେ। ଏହି ସର୍ପର ୪ଟି ଅଂଶ (ଲାଞ୍ଜ, ମୁଣ୍ଡ ଓ ଦୁଇଟି ଗଣ୍ଡି) ରହିଥିଲା। ଏହି କାଳୀୟ ନାଗକୁ ସିଂହାସନ ଉପରକୁ ଉଠାଯାଇଥିଲା। ସପ୍ତଫେଣି ବିଶିଷ୍ଟ ଏହି ନାଗର ମସ୍ତକ ମହାପ୍ରଭୁଙ୍କ ପାଦତଳେ ରହିଥିଲା। ଅବଶିଷ୍ଟ ଦୁଇଗଣ୍ଡି ଅଂଶ ମହାପ୍ରଭୁଙ୍କ ଚତୁଃପାର୍ଶ୍ୱରେ ରହିଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁ କାଳୀୟ ନାଗର ଲାଞ୍ଜକୁ ବାମ ହସ୍ତରେ ଏବଂ ଦକ୍ଷିଣ ହସ୍ତରେ ଅମୃତ ଲଡ୍ଡୁ ଧାରଣ କରିଥିଲେ। ସେହିପରି ବଡ଼ଠାକୁର ବାମ ହସ୍ତରେ ପଦ୍ମ କଳିକା ଏବଂ ଦକ୍ଷିଣ ହସ୍ତରେ ଅମୃତ ଲଡ୍ଡୁ ଧାରଣ କରିଥିଲେ। ଏଥିସହ ଠାକୁରମାନେ କେତେକ ରତ୍ନଅଳଙ୍କାର ମଧ୍ୟ ପରିଧାନ କରିଥିଲେ। ଦେବୀ ସୁଭଦ୍ରା ସାଧାରଣ ବେଶରେ ରହିଥିଲେ। ଶ୍ରୀବଳଭଦ୍ରଙ୍କ ପାର୍ଶ୍ୱରେ କାଠ ନିର୍ମିତ ଦୁଇଟି ଗାଈବାଛୁରୀ ରଖାଯାଇଥିଲା।

### ■ ଲବଣି ଖାଇଲେ ରାମକୃଷ୍ଣ

ମଧ୍ୟାହ୍ନଧୂପ ସରିବା ପରେ ରାମକୃଷ୍ଣ, ମଦନମୋହନ ଦକ୍ଷିଣୀଘରୁ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଆଜ୍ଞାମାଳ ପାଇ ବଟମୂଳେ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ପାଲିଙ୍କିକୁ ଲୋକନାଥ ମାର୍ଗସ୍ଥିତ ଲବଣିଖିଆ ମଣ୍ଡପକୁ ନେଇଥିଲେ। ମଣ୍ଡପ ଖଟଶେଯ ଉପରେ ଠାକୁର ବିଜେ କରିବା ପରେ ଭିତରଛ ମହାପାତ୍ର ଆଳତି, ବନ୍ଦାପନା ଏବଂ ପୂଜାପଣ୍ଡା ସାମନ୍ତ ଭୋଗ ମଣୋହି କରିଥିଲେ। ଏହାପରେ ମହାଭୋଇଙ୍କ ପକ୍ଷରୁ କ୍ଷୀର, ସର ଓ ଲବଣି ଅର୍ପଣ କରାଯାଇଥିଲା। ଭିତରଛ ମହାପାତ୍ର ଅର୍ପଣ କରାଇଥିଲେ। ମହାଭୋଇ ପରିବାର କୂଳବଧୂମାନେ ମଣ୍ଡପକୁ ଆସି ପାରମ୍ପରିକ ରୀତିରେ ମହାପ୍ରଭୁଙ୍କ ବନ୍ଦାପନା ଆଦି ନୀତି ସମ୍ପନ୍ନ କରିଥିଲେ। ଠାକୁର ପାଲିଙ୍କିରେ ବିଜେ ହୋଇ ପଟୁଆରରେ ମାର୍କଣ୍ଡ ପୁଷ୍କରିଣୀ କୂଳକୁ ଯାଇଥିଲେ।

### ■ କାଳୀୟ ନାଗ ଦଳନ

ମାର୍କଣ୍ଡ ପୁଷ୍କରିଣୀଠାରେ କାଳୀୟଦଳନ ଲୀଳା ଅନୁଷ୍ଠିତ ହୋଇଥିଲା। ଜଣେ ସେବକ କୃଷ୍ଣ ବେଶରେ ଉପସ୍ଥିତ ଥିଲେ। ସେଠାରେ ଏକ କାଳୀୟ ନାଗ ତିଆରି କରାଯାଇଥିଲା। ମାର୍କଣ୍ଡ ପୁଷ୍କରିଣୀର ଦିପିଦାଣ୍ଡି ନିକଟରେ ମଞ୍ଚ ତିଆରି ହୋଇଥିଲା। ସେଠାରେ କାଳୀୟ ନାଗ କୃଷ୍ଣଙ୍କୁ ଦଂଶନ କରିଥିଲେ। ଗରୁଡ଼ ବେଶଧାରୀ ଜଣେ ସେବକ ଅମୃତ ଲଡ୍ଡୁ ଦେଇ କୃଷ୍ଣଙ୍କ ମୋହଭଙ୍ଗ କରିବା ପରେ କାଳୀୟ ଦଳନ ଲୀଳା ଅନୁଷ୍ଠିତ ହୋଇଥିଲା। ରାମ, କୃଷ୍ଣ ଏବଂ ମଦନମୋହନଙ୍କୁ ଶୀତଳ ଭୋଗ ବନ୍ଦାପନା କରାଯିବା ପରେ ସେମାନେ ବଡ଼ଦେଉଳକୁ ବାହୁଡ଼ା ବିଜେ କରିଥିଲେ।

**ଆଜି ପ୍ରଳମ୍ବାସୁର ବଧ ବେଶ**

### ■ ଧେନୁକାସୁର ବଧ

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ ହୋଇଥିଲେ। ସେଠାରେ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଧେନୁକାସୁରକୁ ରାମକୃଷ୍ଣ ବଧ କରିଥିଲେ। ଏହାପରେ ଶୀତଳଭୋଗ ଓ ବନ୍ଦାପନା ହୋଇ ମଦନମୋହନ ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରିଥିଲେ। ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ଆଧାର ମନିଟରିଂ କମିଟି ବୈଠକ

## ନିର୍ଭୁଲ୍ ଆଧାର କାର୍ଡ ସମସ୍ତଙ୍କ ପାଇଁ ଜରୁରୀ

ପୁରୀ,୧୯।୮ (ସମିସ)



ପୁରୀ ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ବର୍ତ୍ତମାନ ସମସ୍ତ କାର୍ଯ୍ୟରେ ଆଧାରର ବ୍ୟାପକ ବ୍ୟବହାର ହେଉଥିବାରୁ ଏକ ନିର୍ଭୁଲ ଆଧାରକାର୍ଡ ସମସ୍ତଙ୍କ ପାଇଁ ଜରୁରୀ। ତେଣୁ ଜନ୍ମଠାରୁ ସମସ୍ତ ବ୍ୟକ୍ତିଙ୍କ ଆଧାରକାର୍ଡ ପ୍ରସ୍ତୁତି ସମୟରେ ସତର୍କତା ଅବଲମ୍ବନ କରିବା ଓ ସମସ୍ତେ ଆଧାର କାର୍ଡ କରିବାକୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସ୍ୱତନ୍ତ୍ର କ୍ୟାମ୍ପ୍ ଓ ବ୍ୟାପକ ସଚେତନତା ମାଧ୍ୟମରେ ଯେଉଁ ବ୍ୟକ୍ତି ବା ଶିଶୁମାନଙ୍କର ଆଧାର ହୋଇ ନାହିଁ ତାହା କରିବାକୁ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ପରାମର୍ଶ ଦେଇଥିଲେ। ସାଧାରଣତଃ ଜନ୍ମ ପରେ ଆଧାର ହେବା ଜରୁରୀ ହୋଇଥାଏ। ତେଣୁ ଜନ୍ମରୁ ୫ ବର୍ଷର ଶିଶୁ, ୫ରୁ ୭ ବର୍ଷ ବୟସର ଶିଶୁମାନଙ୍କ କ୍ଷେତ୍ରରେ ପିତାମାତା, ଅଭିଭାବକ, ଅଙ୍ଗନବାଡ଼ି କର୍ମୀ ଓ ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱ ଦେଇ ଆଧାର କରାଇନେବାର ଆବଶ୍ୟକତା ରହିଛି। ୧୦ ବର୍ଷ ପରେ ବାୟୋମେଟ୍ରିକ୍ସ ଅପଡେଟ୍ କରିବା ଦ୍ୱାରା ଆଧାର ଡାଟାବେସ୍ ସବୁବେଳେ ସତେଜ ଓ ସଠିକ୍ ତଥ୍ୟ ରହିବାକୁ ସୁନିଶ୍ଚିତ କରେ। ପ୍ରତି ୧୦ ବର୍ଷରେ ଅପ୍‌ଡେଟ୍ କରିବା ଫଳରେ ଭୁଲ୍ ରିଜେକ୍ସନ୍ କମିଥାଏ ଏବଂ ସେବା ପ୍ରଦାନ ଅଧିକ ସମସ୍ୟାହୀନ ହୋଇଥାଏ ବୋଲି ୟୁଆଇଡିଏଆଇ ରାଜ୍ୟ କାର୍ଯ୍ୟାଳୟର ପ୍ରତିନିଧି ସହାୟକ ପ୍ରବନ୍ଧକ ଆଦର୍ଶ ପଟ୍ଟନାୟକ ଅବଗତ କରାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ପୀୟୂଷ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟୁର୍ ଆଣ୍ଡ ଟ୍ରାଭେଲ୍ସରେ ପୁଲିସର ଚଢ଼ଉ

ପୁରୀ,୧୯।୮ (ସମିସ)




ପୁରୀ ସହରରେ ମାଳମାଳ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି। ପୂର୍ବରୁ ଅନେକ ଏଜେନ୍ସିଙ୍କ ବିରୋଧରେ ଅଭିଯୋଗ ରହିଥିଲା। ଏହାକୁ ଭିତ୍ତିକରି ମଙ୍ଗଳବାର ପୁଲିସ ସହରର ବିଭିନ୍ନ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ଉପରେ ଚଢ଼ଉ କରିଛି। ଆଇନଗତ ଭାବେ ତାହା ଚାଲୁଛି ନା ବେଆଇନ ଭାବେ ଭକ୍ତ, ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଛି ସେ ନେଇ ଧରପଗଡ଼ କରିଛି ପୁଲିସ। ବିଭିନ୍ନ ଥାନା ଅଞ୍ଚଳରୁ ୬୩ ଜଣଙ୍କୁ ଉଠାଇ ନେଇ ପଚରାଉଚରା ପରେ ଛାଡ଼ି ଦେଇଛି ପୁଲିସ। ତେବେ ବିନା ନୋଟିସ୍‌ରେ ଉଠାଇନେବା ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ତେବେ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଲୁଟିଥାନ୍ତି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର୍। ଏହା ରୋଜଗାରର ଏକ ଭଲ ପନ୍ଥା। ଏଭଳି ମାନସିକତାରୁ ପୁରୀରେ ଛତୁ ଫୁଟିଲା ଭଳି ବିଭିନ୍ନ ସ୍ଥାନ ଅବରୋଧ କରି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର ଚଳାଇଛନ୍ତି ଅଫିସ। ଅବାଧରେ ଚାଲିଛି ଅସାମାଜିକ କାର୍ଯ୍ୟ। ଏମିତି ପୂର୍ବରୁ ଅନେକ ଅଭିଯୋଗ ଥିବାବେଳେ ମଙ୍ଗଳବାର ହଠାତ୍ ଆକ୍ସନ ମୋଡ୍‌କୁ ଆସିଥିଲା ପୁଲିସ। ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସିରେ ଚଢ଼ଉ କରିଛି ପୁଲିସ। ଏକାଧିକ ଟ୍ରାଭେଲ୍ସ ଏଜେନ୍ସିର ନାହିଁ ପଞ୍ଜୀକରଣ। ସେହିପରି ଅନେକଙ୍କର ଜିଏସ୍‌ଟି ନମ୍ବର ନାହିଁ। ବେଆଇନ ଭାବେ ଆର୍ଥିକ କାରବାର କରୁଛନ୍ତି। ଏପରିକି ଭକ୍ତଙ୍କୁ ମନଇଚ୍ଛା ଦର ଭିଡୁଛନ୍ତି। ଟିକଟ୍ ବୁକିଂ ଓ ଟାକ୍ସି ବୁକିଂ କରି ଠକାମୀରେ ପଡୁଛନ୍ତି ଭକ୍ତ ଓ ପର୍ଯ୍ୟଟକ। ଏପରିକି ପର୍ଯ୍ୟଟକଙ୍କୁ ମାରପିଟ୍ କରୁଥିବାର ଅଭିଯୋଗ ରହିଛି। ସହରରେ କେତେ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ରହିଛି ପୁଲିସ ପାଖରେ ମଧ୍ୟ ଏହାର ତଥ୍ୟ ନାହିଁ। ତେଣୁ ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ପିନାକ୍ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏହି ଚଢ଼ଉ ହୋଇଥିଲା। ଅଣପଞ୍ଜୀକୃତ ଟୁର୍ ଏବଂ ଟ୍ରାଭେଲ୍ସ ଅପରେଟରମାନଙ୍କ ଯେଭଳି କୌଣସି ହଇରାଣ ଏବଂ ଠକାମୀର ଶିକାର ନ ହେବେ ସେ ନେଇ ଏହିଭଳି ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି କହିଛନ୍ତି।

● ୬୩ ଟୁର୍ ଅପରେଟରଙ୍କୁ ଉଠାଇନେଇ ପଚରାଉଚରା

● ବିନା ନୋଟିସରେ ଉଠାଇନେବାରୁ ଅସନ୍ତୋଷ

ପୁଲିସ ଭେରିଫିକେସନ୍ କରି ପୋଷ୍ଟର ବ୍ୟାନର ହଟାଇବା ସହ ଚଢ଼ଉ କରିଛି। ବିଶେଷକରି କାଗଜପତ୍ର ଯାଞ୍ଚ ସହ ବେଆଇନ ଭାବେ ଟୁର୍ ଆଣ୍ଡ ଟ୍ରାଭେଲ୍ସ ପରିଚାଳନା କରୁଥିବା ଏଜେନ୍ସି ଉପରେ ଏହି ଚଢ଼ଉ ହୋଇଛି।

ସୂଚନା ଅନୁଯାୟୀ, ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସିର ବେଆଇନ କାର୍ଯ୍ୟକୁ ନେଇ ନିକଟରେ ପୁରୀ ପୁଲିସର ଦୃଷ୍ଟିଗୋଚର ହୋଇଥିଲା। ପୁରୀକୁ ଆସୁଥିବା ପର୍ଯ୍ୟଟକ, ଭକ୍ତମାନଙ୍କୁ ଟୁର୍ ଏବଂ ଟ୍ରାଭେଲ୍ସ ଅପରେଟରମାନେ ହଇରାଣ କରୁଛନ୍ତି। ଏପରି ଅନେକ ସମ୍ପୃକ୍ତ ଏଜେନ୍ସି କୌଣସି ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ବାଧ୍ୟତାମୂଳକ ପାଳନ ବିନା କାମ କରୁଛନ୍ତି। ତେଣୁ ବିରୋଧରେ ସହରବ୍ୟାପୀ ଚଢ଼ଉ ଜାରି ରହିଛି। ଏହି ଅଭିଯାନର ନେତୃତ୍ୱ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୮ ଜଣ ଆଇଆଇସି, ୨୦ ଜଣ ଅଧିକାରୀ ଏବଂ ୨ ପ୍ଲାଟୁନ୍ ଫୋର୍ସଙ୍କୁ ନେଇ ଗଠିତ ଏକ ଦଳ ନେଇଛି। ଏହି ଚଢ଼ଉକୁ ନେଇ ଏସ୍‌ପି ପିନାକ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଅଭିଯୋଗ ଆଧାରରେ ଚଢ଼ଉ କରାଯାଉଛି। କିଛିଦିନ ହେବ ଛତୁ ଫୁଟିଲା ଭଳି ପୁରୀରେ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ଖୋଲିଛି। ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ଦୁର୍ବ୍ୟବହାର ଓ ଠକାମୀର ଶିକାର ହେଉଛନ୍ତି। କିଛି ଅସାମାଜିକ ବ୍ୟକ୍ତି ମଧ୍ୟ ଟୁର ଆଣ୍ଡ ଟ୍ରାଭେଲ୍ସ ଖୋଲିଛନ୍ତି। ତେଣୁ ବିଭିନ୍ନ ଥାନା ଅଞ୍ଚଳରେ ଏହି ଚଢ଼ଉ ଜାରି ରହିଛି। ଅନେକ ଟୁର୍ ଆଣ୍ଡ ଟ୍ରାଭେଲ୍ସ ପଞ୍ଜୀକରଣ କରି ନ ଥିବା ଏବଂ ପ୍ରମାଣପତ୍ର ନ ଥିବା ଦେଖିବାକୁ ମିଳିଛି। ପୁରୀ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ

ଅନ୍ୟପକ୍ଷରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ସମୁଦ୍ରକୂଳ ଥାନା ଅଞ୍ଚଳରୁ ୩୧ ଜଣ, ବଳିଆପଣ୍ଡା ଥାନା ଅଞ୍ଚଳରୁ ୧୬, ଟାଉନ ଥାନା ଅଞ୍ଚଳରୁ ୭, କୁମ୍ଭାରପଡ଼ା ଥାନା ଅଞ୍ଚଳରୁ ୯ ଏହିପରି ୬୩ ଜଣ ଟୁର୍ ଅପରେଟରଙ୍କୁ ଉଠାଇ ନେଇଥିଲା ପୁଲିସ। ବିଶେଷକରି ସେମାନଙ୍କୁ ଓଡ଼ିଶା ପର୍ଯ୍ୟଟନ ବିଭାଗରୁ ଅନୁମୋଦନ ବା ସ୍ୱୀକୃତି, ପୁରୀ ପୌରପାଳିକାରୁ ବ୍ୟବସାୟୀ ଲାଇସେନ୍ସ, ଜିଏସ୍‌ଟି ପଞ୍ଜୀକରଣ ଏବଂ ଫାର୍ମ ପଞ୍ଜୀକରଣ, ପର୍ଯ୍ୟଟନ ବିଭାଗ ସହିତ ପଞ୍ଜୀକରଣ ଏବଂ ଲାଇସେନ୍ସ ନେଇ ତଦନ୍ତ କରାଯାଇଥିଲା। ଅନେକ ଟୁର୍ ଅପରେଟର ଏହି ମାନଦଣ୍ଡ ପାଳନ କରୁ ନ ଥିଲେ। ତେଣୁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ଆବଶ୍ୟକୀୟ ମାନଦଣ୍ଡ ପୂରଣ କରିବା ପରେ କାମ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦାଖଲ କରିବା ପରେ ସମସ୍ତ ଅପରେଟରଙ୍କୁ ଛାଡ଼ି ଦିଆଯାଇଥିଲା। ଏଥିସହିତ ସେମାନଙ୍କୁ ସରକାରଙ୍କ ଦ୍ୱାରା ଅନୁମୋଦିତ ମୂଲ୍ୟ ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସିଟି ଡିଏସ୍‌ପି ଶ୍ରୀ ସାହୁ କହିଛନ୍ତି।

● ବ୍ଲକ୍‌ରେ ଆଇନ ସଚେତନତା ଶିବିର

## ନିଶାଠାରୁ ଦୂରେଇ ରହିବାକୁ ଯୁବପିଢ଼ିଙ୍କୁ ପରାମର୍ଶ

ପୁରୀ,୧୯।୮ (ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ଏବଂ ନିଶା ନିବାରଣ ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, କର୍ମ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନର ପ୍ରତିରୋଧ ଓ ପ୍ରତିକାର ଅଧିନିୟମ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ଏଥିସହ ଆଇନ ସେବା କ'ଣ ଏବଂ କେଉଁମାନେ ଏହା ପାଇବାକୁ ଯୋଗ୍ୟ ସେ ବିଷୟରେ କହିଥିଲେ। ସେମାନେ କିପରି ଟୋଲ ଫ୍ରି ନମ୍ବର ୧୫୧୦୦ ମାଧ୍ୟମରେ ନିଜର ବିଭିନ୍ନ ସମସ୍ୟାର ଉପଯୁକ୍ତ ପରାମର୍ଶ ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରା ଯୋଗଦେଇଥିଲେ। ପ୍ରାଧିକରଣର ସଚିବ ଏବଂ ସହକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ ଯୁବପିଢ଼ିମାନଙ୍କୁ ନିଶାଠାରୁ ଦୂରେଇ ରହିବା ସହ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣା ପରାମର୍ଶ ସେବା

ପୁରୀ,୧୯।୮ (ସମିସ): ଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ୍ ଇଞ୍ଜିନିୟର୍ସ ଫୋରମ୍ ସଦସ୍ୟମାନେ ସୋମବାର ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଥିସହ ରାଜ୍ୟ ସରକାର ଏବଂ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ମାଗଣା ପରାମର୍ଶ ସେବା ପ୍ରଦାନ କରିବା ଲାଗି ନୂତନ ମିଶନ ଆରମ୍ଭ କରିଛନ୍ତି। ଇଂ. ପ୍ରଶାନ୍ତ ପଣ୍ଡା କହିଛନ୍ତି ଯେ ମିଶନ ଆରମ୍ଭ ପୂର୍ବରୁ ଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ୍ ଇଞ୍ଜିନିୟର୍ସ ଫୋରମ୍ କର୍ମକର୍ତ୍ତାମାନେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦାୟିତ୍ୱ ବହନ କରିବାକୁ ଏବଂ ରାଜ୍ୟର ବିଦ୍ୟୁତ୍ ନେଟ୍‌ୱର୍କକୁ ସୁଦୃଢ଼ ଏବଂ ଉନ୍ନତ କରିବା ପାଇଁ ସରକାରଙ୍କ ଦ୍ୱାରା ନ୍ୟସ୍ତ ଯେକୌଣସି କାର୍ଯ୍ୟ କରିବାକୁ ସେମାନେ ପ୍ରସ୍ତୁତ ଥିବା ପ୍ରକାଶ କରିଥିଲେ। ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର ଉନ୍ନତି ପାଇଁ ଫୋରମ୍ ସ୍ୱେଚ୍ଛାକୃତ ଭାବେ ଏହାର ବୈଷୟିକ ବିଶେଷଜ୍ଞତା ବିସ୍ତାର କରିବାକୁ ସଂକଳ୍ପ ନେଇଛି ବୋଲି କହିଥିଲେ ଇଂ. ପଣ୍ଡା।

ସକାଳ
THE SAKALA



ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।
-ଦଲାଇ ଲାମା

# ପରୀକ୍ଷା ପ୍ରହସନ

ପରୀକ୍ଷାରେ ବହି, ଖାତା ଦେଖି ଲେଖିବା(ଓବିଇ) ଭଳି ଏକ ଅଭିନବ ପରିକଳ୍ପନାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପରିଚାଳନା ମଣ୍ଡଳୀ ସବୁଜ ସଙ୍କେତ ଦେଇଛି। ୨୦୨୩ ନଭେମ୍ବର-ଡିସେମ୍ବର ମାସରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରକଳ୍ପର ସଫଳତା ଆଧାରରେ ୨୦୨୬-୨୭ ଶିକ୍ଷା ବର୍ଷରୁ ନବମ ଶ୍ରେଣୀରେ ଏହା କାର୍ଯ୍ୟକାରୀ ହେବ ବୋଲି ଆପାତତଃ ଚୂଡ଼ାନ୍ତ ହୋଇଛି। ପାଇଲଟ୍ ପ୍ରକଳ୍ପରେ ନବମ ଓ ଦଶମ ଶ୍ରେଣୀରେ ଇଂରାଜୀ, ଗଣିତ ଓ ବିଜ୍ଞାନ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଇଂରାଜୀ, ଗଣିତ ଓ ଜୈବବିଜ୍ଞାନ ବିଷୟରେ ଓବିଇ ପଦ୍ଧତି ଅନୁସୃତ ହୋଇଥିଲା, ଯାହାକୁ ଶିକ୍ଷକମାନେ ବିପୁଳ ସମର୍ଥନ କରିଥିବା ସିବିଏସ୍ଇ ଦାବି କରିଛି। ମସ୍ତିଷ୍କ ଓ ସ୍ମୃତି ଶକ୍ତି ଉପରେ ଅଧିକ ଚାପ ସୃଷ୍ଟି ନ କରି ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନ, ବ୍ୟାଖ୍ୟାନ ଓ ଉପସ୍ଥାପନ ଦକ୍ଷତା ବିକାଶରେ ଏହି ପଦ୍ଧତି ଫଳପ୍ରଦ ହୋଇଥିବା କୁହାଯାଉଛି।

ଅଷ୍ଟମ ଶ୍ରେଣୀରେ ପାସ୍‌ଫେଲ୍ ବ୍ୟବସ୍ଥାକୁ ପୁନଃପ୍ରଚଳନ କରିବା ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହାପଛର ମୂଳ ଓ ମହତ୍ ଉଦ୍ଦେଶ୍ୟ ହେଉଛି ପାସ୍ ଫେଲ୍ ବ୍ୟବସ୍ଥା ଉଠିଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅମନଯୋଗୀ ହେଉଛନ୍ତି। ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ପରୀକ୍ଷା ବ୍ୟବସ୍ଥା ରହିଲେ ଫେଲ୍ ହେବାର ଭୟ ମଧ୍ୟ ରହିବ। ତେଣୁ ପିଲାମାନେ ପାଠ ପ୍ରତି ଗୁରୁତ୍ୱ ଦେବେ। ଏହା ଏକ ଉତ୍ତମ ଓ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହି ଆଧାରରେ ଓବିଇକୁ ବିଚାର କଲେ ଯଦି ପିଲାମାନଙ୍କୁ ବହି ଦେଖି ଉତ୍ତର ଲେଖିବାର ବା ନିର୍ଭୟରେ କପି କରିବାର ସୁଯୋଗ ମିଳିଯିବ ତେବେ ପରୀକ୍ଷା ପ୍ରତି ଭୟ ରହିବ ନାହିଁ କି ଉପରୋକ୍ତ ମହତ୍ ଉଦ୍ଦେଶ୍ୟ ସାଧିତ ହେବ ନାହିଁ। କପି କରିବା ଆମ ବ୍ୟବସ୍ଥାରେ ଏକ ଦୁର୍ନୀତି ବା ଅପରାଧ(ମାଲ୍‌ପ୍ରାକ୍ଟିସ୍) ରୂପେ ଧରାଯାଉଛି। ତେଣୁ ଏବେ ସିବିଏସ୍ଇର ଓବିଇ ପଦ୍ଧତି ଏହି ମାଲ୍‌ପ୍ରାକ୍ଟିସ୍‌କୁ ବୈଧ କରିବା ଭଳି ହେବ ନାହିଁ କି?

ଆମ ଶିକ୍ଷା ବ୍ୟବସ୍ଥାରେ ଉପରଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ନମ୍ବର ଏକ ମାପଦଣ୍ଡ ଏବଂ ପରୀକ୍ଷା ଫଳ ଏକ ପ୍ରବେଶପତ୍ର ଭାବେ ବିବେଚନା ହୋଇଆସୁଛି। କିନ୍ତୁ ଛାତ୍ରଛାତ୍ରୀ କ'ଣ ପଢ଼ିଲେ, କିପରି ପଢ଼ିଲେ ଓ କ'ଣ ଶିଖିଲେ ତାହାର ବାସ୍ତବ ପ୍ରତିଫଳନ ଓ ପ୍ରମାଣ ହେଉଛି ପରୀକ୍ଷା। ଯଦି ପରୀକ୍ଷା କେବଳ କପି ଆଧାରିତ ହୁଏ ତେବେ ସେମାନଙ୍କ ଭବିଷ୍ୟତ ପ୍ରଭାବିତ ହେବ। ନିଯୁକ୍ତି, ବୃତ୍ତି, ଅନ୍ୟ ପେସାଦାର ଶିକ୍ଷା, ପ୍ରବେଶିକା ପରୀକ୍ଷା ବେଳେ ସେମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଦେଶର ବିଶାଳ ଛାତ୍ରସମାଜ ମଧ୍ୟରୁ ଶିକ୍ଷାକୁ ଜ୍ଞାନ ଆହରଣର ମାଧ୍ୟମ ଭାବେ ପରବର୍ତ୍ତୀ ଜୀବନରେ ଉପଯୋଗ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଳ୍ପ ହେଲେ ମଧ୍ୟ ଦେଶକୁ ଜ୍ଞାନର ପେଣ୍ଠସ୍ଥଳୀ ରୂପେ ମାନ୍ୟତା ଦେବାରେ ସେମାନଙ୍କ ଅବଦାନ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଶାଳ ଛାତ୍ରସମାଜରେ ଏଭଳି ମଧ୍ୟ ଏକ ବର୍ଗ ରହିଛନ୍ତି, ଯେଉଁମାନେ କେବଳ ଡିଗ୍ରୀ ହାସଲ କରିବାକୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥା'ନ୍ତି। ପ୍ରଚଳିତ ରୂଢ଼ି ଅନୁଯାୟୀ ପ୍ରଥମ ବର୍ଗକୁ 'ଧୁଆମୂଳା' ଓ ଦ୍ୱିତୀୟ ବର୍ଗକୁ 'ଅଧୁଆମୂଳା' ଭାବରେ ଅଭିହିତ କରାଯାଏ। ଏହି 'ଧୁଆମୂଳା' ଓ 'ଅଧୁଆମୂଳା'ମାନେ ପରୀକ୍ଷା ନମ୍ବର ଆଧାରରେ ବାରି ହୋଇପଡ଼ନ୍ତି। ଯଦି ସିବିଏସ୍ଇର ଓବିଇର ସଫଳତା ଆଧାରରେ ପ୍ରତି ଶିକ୍ଷାନୁଷ୍ଠାନରେ ଏଭଳି ଖୋଲା କପି ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ ତେବେ 'ଧୁଆମୂଳା' ଓ 'ଅଧୁଆମୂଳା' ମଧ୍ୟରେ ଥିବା ତଫାତ୍ କମି ଆସିବ। ନା ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣର ଚାପରେ ରହିବେ ନା ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାଦାନର ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବେ। ଏଥିରେ 'ଧୁଆମୂଳା'ମାନେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ 'ଅଧୁଆମୂଳା'ମାନେ ଭାଗ୍ୟବାନ୍ ସାବ୍ୟସ୍ତ ହେବେ।

ପରବର୍ତ୍ତୀ ସମୟରେ ହୁଏତ ପୁଣି ପ୍ରଶ୍ନ ଉଠିବ ଯଦି ନବମରେ ଓବିଇ ଲାଗୁ ହେଲା ତାହା ଦଶମ, ଦ୍ୱାଦଶରେ ଲାଗୁ ହେବ ନାହିଁ କାହିଁକି? ପୁଣି ଯଦି ଉପର ଶ୍ରେଣୀରେ ଓବିଇ ଲାଗୁ ହୋଇପାରୁଛି ତେବେ ଅଷ୍ଟମ ଶ୍ରେଣୀରେ କାହିଁକି ନୁହେଁ? ଏଭଳି ଓବିଇର ସଂକ୍ରମଣ ଶିକ୍ଷାର ବିଭିନ୍ନ ସ୍ତରକୁ ମାଡ଼ି ଚାଲିବ। ଏହାଦ୍ୱାରା ମଧ୍ୟ ଶ୍ରେଣୀକକ୍ଷ ଶିକ୍ଷାଦାନ ଗୁରୁତ୍ୱ ହରାଇବ ଏବଂ ଟେଷ୍ଟପେପର ବା କିବୁକ୍, ଗାଇଡ୍‌ବୁକ୍ ଆଦିର ବିଶାଳ ବଜାର ସୃଷ୍ଟି ହେବ। କାରଣ କେବଳ ଜ୍ଞାନ ବିତରଣ ପାଇଁ ସମର୍ପିତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସଂଖ୍ୟା କେତେ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ହୁଏତ ସେମାନେ ଶ୍ରେଣୀରେ ନାମକୁ ମାତ୍ର ଉପସ୍ଥାନ ପକାଇ ଲୁଚାଛପାରେ ଗାଇଡ୍‌ବୁକ୍ ଲେଖିବାରେ ଅଧିକ ମନୋନିବେଶ କରିପାରନ୍ତି।

ଓବିଇ ବ୍ୟବସ୍ଥା ୧୯୫୩ରେ ହଂକଂ ପ୍ରଥମେ ଲାଗୁ କରିଥିଲା। ୧୯୫୧ରୁ ୧୯୭୮ ଭିତରେ ଆମେରିକା ଓ ଇଂଲଣ୍ଡରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପରୀକ୍ଷାମୂଳକ ଭାବେ ଏହି ପଦ୍ଧତି ଅନୁସୃତ ହୋଇ ପ୍ରତ୍ୟାହୃତ ହୋଇଥିଲା। ୨୦୧୯ରେ କୋଭିଡ୍ ମହାମାରୀ ସମୟରେ ଭାରତରେ ଇଞ୍ଜିନିୟରିଂ ପରୀକ୍ଷା ପାଇଁ ଓବିଇ ପଦ୍ଧତି ଏଆଇସିଟିଇ ଦ୍ୱାରା କେବଳ ସେହିବର୍ଷ ପାଇଁ ଅନୁମୋଦିତ ହୋଇଥିଲା। ସେହିପରି ୨୦୧୪ ମସିହାରେ ସିବିଏସ୍ଇ ପକ୍ଷରୁ 'ଓପନ୍ ଟେକ୍ସଟ ବେସ୍‌ଡ ଆସେସ୍‌ମେଣ୍ଟ(ଓଟିବିଏ)' ଆରମ୍ଭ କରାଯାଇଥିଲା, ଯେଉଁଥିରେ ପରୀକ୍ଷା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ବିଷୟର ସମ୍ଭାବ୍ୟ ପ୍ରଶ୍ନୋତ୍ତର ସମ୍ବଳିତ ପୁସ୍ତିକା ନବମ, ଦଶମ ଓ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ଦିଆଯାଉଥିଲା। ଏହାଦ୍ୱାରା ପିଲାମାନଙ୍କର ବିଶ୍ଳେଷାତ୍ମକ ଦକ୍ଷତା ପ୍ରଭାବିତ ହେଉଥିବା କହି ୨୦୧୭-୧୮ରେ ପ୍ରତ୍ୟାହାର କରି ନିଆଯାଇଥିଲା। ତେଣୁ ଓବିଇ ପଦ୍ଧତି କେତେ ସଫଳ ହେବ ତାହା ସମୟ କହିବ। କିନ୍ତୁ ବାରମ୍ବାର ଏଭଳି ବ୍ୟବସ୍ଥା ପରିବର୍ତ୍ତନ ଦ୍ୱାରା ଶୈକ୍ଷିକ ସନ୍ତୁଳନ ବିଗିଡ଼ିଯିବ ଏବଂ ପରୀକ୍ଷା କେବଳ ଏକ ପ୍ରହସନରେ ପରିଣତ ହେବ ବୋଲି ଆମର ମତ। ●

# ଉପକୂଳର ସୁରକ୍ଷା କବଚ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଲୁଣା ଜଙ୍ଗଲ ବା ମାନଗ୍ରୋଭ ନିଜର ଘନ, ଶକ୍ତ ଓ ନମନୀୟ ଛିଦ୍ରାଳ ଭଳି ମୂଳ ବଳରେ ଝଡ଼ ଓ ବନ୍ୟା ବିରୁଦ୍ଧରେ ପ୍ରାକୃତିକ ସୁରକ୍ଷା କବଚ ଭଳି କାର୍ଯ୍ୟ କରେ। ସେଗୁଡ଼ିକ ମାଟିକୁ ଦୃଢ଼ ଭାବରେ ବାନ୍ଧି ରଖନ୍ତି, ଯାହା ଉପକୂଳ କ୍ଷୟକୁ ରୋକିବାରେ ସାହାଯ୍ୟ କରେ। ଖାଦ୍ୟ, ଇନ୍ଧନ, ଔଷଧୀୟ ଲାଭ ଓ ମନୋରଞ୍ଜନ ପ୍ରଦାନ କରିବା ସହିତ ଲୁଣା ଜଙ୍ଗଲ ଉଦ୍ଭିଦ ସାମୁଦ୍ରିକ ଓ ଉପକୂଳୀୟ ପ୍ରାଣୀ ଓ ଉଦ୍ଭିଦ ପାଇଁ ଆଦର୍ଶ ଆବାସସ୍ଥାନ, ଘୂର୍ଣ୍ଣିବଳୟ ବିପର୍ଯ୍ୟୟରୁ ସୁରକ୍ଷା ଏବଂ କାର୍ବନ ସିକ୍ୱେଷ୍ଟରେସନ୍ ବା ଅଙ୍ଗାର ଅବଶୋଷଣଠାରୁ ଆରମ୍ଭ କରି ଅନେକ ପରିବେଶଗତ ସେବା ପ୍ରଦାନ କରେ। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ଅନୁଯାୟୀ, ଭାରତରେ ଲୁଣା ଜଙ୍ଗଲ ପ୍ରତିବର୍ଷ ପ୍ରାୟ ୪.୯ ନିୟୁତ ଟନ୍ କାର୍ବନ ବା ଅଙ୍ଗାର ସଂରକ୍ଷଣ କରେ, ଯାହା ଜଳବାୟୁ ପରିବର୍ତ୍ତନ ପ୍ରଶମନ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ।

ଓଡ଼ିଶାରେ ପ୍ରାୟ ୪୮୦ କିଲୋମିଟର ଦୀର୍ଘ ସମୁଦ୍ର ଉପକୂଳ ଅଛି, ଯାହା ଛଅଟି ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରକୁ ସ୍ପର୍ଶ କରୁଛି। ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଓ ପେଣ୍ଠ, ଜଗତସିଂପୁର ଜିଲ୍ଲାର ସିଆଳି ଓ ନୋଳିଆ ସାହି, ପୁରୀ ଜିଲ୍ଲାର ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଓ ଅରକଖୁଦା, ଗଞ୍ଜାମ ଜିଲ୍ଲାର ପୋଡାମପେଟା ଓ ରାମାୟାପାଟଣା ଇତ୍ୟାଦି ଅଞ୍ଚଳ ହେଉଛି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସମୁଦ୍ର ପତ୍ତନ ବୃଦ୍ଧି, ଜୁଆର ଓ ବାରମ୍ବାର ଘୂର୍ଣ୍ଣିଝଡ଼ ଯୋଗୁଁ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକ ଧୋଇ ହୋଇଯାଏ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାରେ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ପାଇଛି। ଓଡ଼ିଶା ଉପକୂଳ ପୁନଃ ପୁନଃ ସୁପର-ସାଇକ୍ଲୋନ୍ ବା ମହାବାତ୍ୟା (୧୯୯୯), ଫାଇଲିନ ବା ସୁପର ଟାଇଫୁନ୍(୨୦୧୩), ହୁଡ଼ହୁଡ୍ (୨୦୧୪), ତିତଲି(୨୦୧୮), ଫନି (୨୦୧୯), ବୁଲବୁଲ (୨୦୧୯), ଆମ୍ଫାନ୍ (୨୦୨୦), ୟାସ୍ (୨୦୨୧), ଜୱାଦ୍(୨୦୨୧), ଗୁଲାବ(୨୦୨୧), ଅସନୀ(୨୦୨୨) ଏବଂ ଦାନା (୨୦୨୪) ଭଳି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଛି। ଏହି ବିପର୍ଯ୍ୟୟଗୁଡ଼ିକ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପ୍ରକାରର ବାଣିଜ୍ୟିକ, ଭିତ୍ତିଭୂମି ଓ ବ୍ୟକ୍ତିଗତ ସମ୍ପତ୍ତିକୁ କ୍ଷତିଗ୍ରସ୍ତ ଓ ନଷ୍ଟ କରିଛି।

ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ, ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା(ଏନ୍‌ଆଇଡିଏମ୍) ଦ୍ୱାରା ଜୁଲାଇ ୨୦୨୫ରେ ପ୍ରକାଶିତ 'ଘୂର୍ଣ୍ଣିଝଡ଼ ଦୁର୍ବଳତା ପ୍ରତି ସାମାଜିକ-ପରିସଂସ୍ଥୀୟ ସହନଶୀଳତା: ଉପକୂଳ ଓଡ଼ିଶାର ଏକ ଅନୁଧ୍ୟାନ' ଶୀର୍ଷକ ଏକ ସାମ୍ପ୍ରତିକ ଅଧ୍ୟୟନ, ଓଡ଼ିଶାର ୪୮୦ କିଲୋମିଟର ଲମ୍ବା ଉପକୂଳରେ ଘୂର୍ଣ୍ଣିଝଡ଼ ବିପର୍ଯ୍ୟସ୍ତ ମୁକାବିଲାରେ ସାମାଜିକ-ପରିସଂସ୍ଥୀୟ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ରଣନୈତିକ ହସ୍ତକ୍ଷେପର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରେ। ପୂର୍ବ ଭାରତ ଉପକୂଳ ବିଶ୍ୱର ସବୁଠାରୁ ଘୂର୍ଣ୍ଣିଝଡ଼-ପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ହୋଇଥିଲେ ମଧ୍ୟ ଅନ୍ୟ ପୂର୍ବ ରାଜ୍ୟ ତୁଳନାରେ ଓଡ଼ିଶା ଦୁଇଗୁଣ ଦୁର୍ବଳ ବୋଲି ରିପୋର୍ଟରେ କୁହାଯାଇଛି। ୧୮୯୧ ରୁ ୨୦୧୮ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ଘୂର୍ଣ୍ଣିଝଡ଼ ସଂଖ୍ୟା ୧୧୦ ଥିଲା, ଯାହା ସମସ୍ତ ପୂର୍ବ ଉପକୂଳ ରାଜ୍ୟ ମଧ୍ୟରେ ସର୍ବାଧିକ। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ପେଣ୍ଠ ଗ୍ରାମରେ ଭୂ-ସିନ୍ଥେଟିକ୍ ଟ୍ୟୁବ୍ କାନ୍ଥ ଏବଂ ସମସ୍ତ ଛଅଟି ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁଣାବନ୍ଧ ନିର୍ମାଣ କରାଯାଇଛି। ଏଥିରୁ ପ୍ରାପ୍ତ ଅଭିଜ୍ଞତାରୁ ବହୁତ କିଛି ଶିଖିବାର ଅଛି। ଓଡ଼ିଶାର ଉପକୂଳକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ରାଜ୍ୟ ଜଳସମ୍ପଦ ବିଭାଗ ୩୮୦ କିଲୋମିଟରର ଲମ୍ବା ଲୁଣାବନ୍ଧ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି। ତଥାପି ଏପରି କୌଣସି ଇଞ୍ଜିନିୟରିଂ ଡିଭାଇସ୍ ବା ଯାନ୍ତ୍ରିକ ଅଭିକଳ୍ପ କେବେବି ସ୍ଥାୟୀ ସମାଧାନ ନୁହେଁ ବୋଲି ଅନୁଭବ କରାଯାଉଛି।

ରିପୋର୍ଟରେ ଘୂର୍ଣ୍ଣିବାତ୍ୟାକୁ ହ୍ରାସ କରିବା ଏବଂ ଜୀବିକା ବୃଦ୍ଧି କରିବା ପାଇଁ ଏକ ପ୍ରାକୃତିକ ସମାଧାନ ଭାବରେ ଉପକୂଳରୁ ପ୍ରାୟ ୩ କିଲୋମିଟର ଅଞ୍ଚଳ ଭିତରେ, ସ୍ଥଳ ଓ ଜଳ ମଧ୍ୟରେ ସଂଯୋଗକୁ ପୁନରୁଦ୍ଧାର କରିବାକୁ ସୁପାରିସ କରାଯାଇଛି। ଏଥିରେ ଲୁଣା ଜଙ୍ଗଲି ଉଦ୍ଭିଦ ବା ମାନଗ୍ରୋଭ, ବାଲିଆ ଭୂମିରେ ଝାଉଁ ସହିତ ଅନ୍ୟାନ୍ୟ ଜାତୀୟ ଉଦ୍ଭିଦ ଜଙ୍ଗଲର ପୁନରୁଦ୍ଧାର ଅନ୍ତର୍ଭୁକ୍ତ। ଲୁଣା ଜଙ୍ଗଲ ହେଉଛି ଲବଣ-ସହନଶୀଳ ବା ନମନୀୟ ଗୁଣ ବିଶିଷ୍ଟ ଉଦ୍ଭିଦ ଦ୍ୱାରା ବର୍ଣ୍ଣିତ ଉପକୂଳୀୟ ଇକୋସିଷ୍ଟମ୍ ବା ପରିସଂସ୍ଥା। ଭାରତରେ ଲୁଣା ଜଙ୍ଗଲ ମୁଖ୍ୟତଃ ପୂର୍ବ ଓ ପଶ୍ଚିମ ଉପକୂଳରେ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ। ପ୍ରାୟ ୬୦% ଲୁଣା ଜଙ୍ଗଲ ବଙ୍ଗୋପସାଗରର ପୂର୍ବ ଉପକୂଳରେ, ୨୭% ଆରବ ସାଗର ସୀମାନ୍ତ ପଶ୍ଚିମ ଉପକୂଳରେ ଏବଂ ୧୩% ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ। ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀର ବିବିଧ ଭୂଭାଗ, ଢାଲ ଓ ଡେଲ୍ଟା ବା ତ୍ରିକୋଣ ଭୂମି ଅଞ୍ଚଳ ପୁଷ୍ଟିକର ଭରପୂର ପଟୁ ମାଟି ସହିତ ଲୁଣା ଜଙ୍ଗଲ ପରିସଂସ୍ଥାକୁ ସମର୍ଥନ କରେ। ଆମ ଦେଶରେ ସୁନ୍ଦରବନ (ବଙ୍ଗଳା), ଭିତରକନିକା (ଓଡ଼ିଶା), ପିଚାଭରମ୍ (ତାମିଲନାଡୁ) ଏବଂ କୃଷ୍ଣା-ଗୋଦାବରୀ (ଆନ୍ଧ୍ର ପ୍ରଦେଶ) ଡେଲ୍ଟା ଅଞ୍ଚଳ ସମେତ ବିଶ୍ୱର କିଛି ବୃହତ ଲୁଣା ଜଙ୍ଗଲ ରହିଛି। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ ୨୫୧ ବର୍ଗ କିଲୋମିଟରର ଲୁଣା ଜଙ୍ଗଲ ରହିଛି।

୧୯୯୯ ମହାବାତ୍ୟା ଏବଂ ପରବର୍ତ୍ତୀ ଘୂର୍ଣ୍ଣିଝଡ଼ ସମୟରେ ହୋଇଥିବା କ୍ଷୟକ୍ଷତିକୁ ସୀମିତ କରିବାରେ ଭିତରକନିକା ଅଞ୍ଚଳର ସମୃଦ୍ଧ ଲୁଣା ବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ସର୍ବଶେଷ ବାତ୍ୟା ଥିଲା 'ଡାନା', ଯାହା ୨୦୨୪ ଅକ୍ଟୋବରରେ ଓଡ଼ିଶା ଉପକୂଳରେ ଆଘାତ କରିଥିଲା। ଏହାକୁ ଧ୍ୟାନରେ ରଖି ଓଡ଼ିଶା ସରକାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଲୁଣା ଜଙ୍ଗଲ ଏବଂ ଝାଉଁ ବନ ସୃଷ୍ଟିର ଆବଶ୍ୟକ ଅନୁଭବ କଲେ। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ମୋଟ ୨୫୯.୦୬ ବର୍ଗ କିଲୋମିଟରର ଲୁଣା ଜଙ୍ଗଲ ଥିବା ଦାବି କରାଯାଇଛି। ଓଡ଼ିଶା ସରକାର ୨୦୨୫-୨୬ ସୁଦ୍ଧା ଆଉ ୬୩୨ ହେକ୍ଟର ଜମିରେ ଲୁଣା ଜଙ୍ଗଲ ଉଦ୍ଭିଦ ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚାରୋଟି ବନ୍ୟପ୍ରାଣୀ ଡିଭିଜନ ରାଜନଗର, ଭଦ୍ରକ, ବାଲେଶ୍ୱର ଓ ପୁରୀରେ ବିଭିନ୍ନ ଯୋଜନା ଅଧୀନରେ ଏହି ରୋପଣ କରାଯିବ। ଲୁଣା ଜଙ୍ଗଲର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଡ଼ିଶା ଚଳିତ ବର୍ଷ ପ୍ରାରମ୍ଭରେ କେନ୍ଦ୍ରକୁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ପ୍ରଦାନ କରିଥିଲା, ଯାହା ରାଜ୍ୟରେ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ପ୍ରାୟ ୩.୪୯ କୋଟି ଟଙ୍କା ବ୍ୟୟରେ 'ମିଷ୍ଟି' (ମ୍ୟାଙ୍ଗ୍ରୋଭ୍ ଇନିସିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍‌ସ୍ ଆଣ୍ଡ ଟାଞ୍ଜିବଲ୍ ଇନକମ୍‌ସ) ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରକୁ ପ୍ରଦାନ କରିଥିଲା। ଉପରୋକ୍ତ ଚାରିଟି ଜିଲ୍ଲାରେ 'ମିଷ୍ଟି' ଯୋଜନା ଅଧୀନରେ ଓଡ଼ିଶାକୁ ୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଓଡ଼ିଶାରେ ମୋଟ ୮୯ ହେକ୍ଟର କ୍ଷେତ୍ର ଅନ୍ତର୍ଭୁକ୍ତ।

ଲୁଣା ଜଙ୍ଗଲ ପରିସଂସ୍ଥା ଜୈବ ବିବିଧତାରେ ସମୃଦ୍ଧ ଏବଂ ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତିକୁ ଆଶ୍ରୟ ଦିଏ। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ଅବସ୍ଥିତ ଭିତରକନିକା ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ଓଡ଼ିଶାର ସର୍ବବୃହତ ଲୁଣା ଜଙ୍ଗଲ ରହିଛି। ଏହି ଅଭୟାରଣ୍ୟ ବଉଳା କୁମ୍ଭୀର, ପାଣି ଗୋଧି ଓ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ପାଇଁ ଜଣାଶୁଣା ପ୍ରାକୃତିକ ଆବାସ ଉପକୂଳ ଅଞ୍ଚଳ। ସ୍ଥାନୀୟ ନାମ ଅନୁସାରେ ପ୍ରମୁଖ ଲୁଣା ଜଙ୍ଗଲ ଉଦ୍ଭିଦ ଜାତିଗୁଡ଼ିକ ହେଉଛି ଧଳାବଣୀ, ବଡ଼ବଣୀ, ରାଇ/ରୋହି, ଗୁଆନ୍ ଗଛ, ହାରକଞ୍ଚ, କେରୁଆନ୍, ସୁନ୍ଦରୀ, ହେନ୍ତାଳ, କିଆ ଇତ୍ୟାଦି। ପ୍ଲାଙ୍କଟୋନିକ୍ ଓ ବେନ୍ଥିକ ପ୍ରାଣୀ ସମୁଦାୟ ଅର୍ଥାତ ସମୁଦ୍ର ଜଳ ମଧ୍ୟରେ ରହିଥିବା ଜୀବ ଏବଂ ପୃଷ୍ଠରେ ଭାସମାନ କ୍ଷୁଦ୍ର ଜୀବ ମଧ୍ୟ ଲୁଣା ଜଙ୍ଗଲ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ଏକ ବିଶ୍ୱସ୍ତରୀୟ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ବିଶ୍ୱର ଅଧା ଲୁଣା ଜଙ୍ଗଲ ପରିସଂସ୍ଥା ଧ୍ୱଂସ ପାଇବାର ଆଶଙ୍କା ରହିଛି। ଭାରତରେ ଲୁଣା ଜଙ୍ଗଲ ବିଭିନ୍ନ ବିପଦର ସମ୍ମୁଖୀନ ହେଉଛି, ଯେଉଁଥିରେ ଜଙ୍ଗଲ କ୍ଷୟ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ସହରାଞ୍ଚଳ ବିକାଶ, ଚିଙ୍ଗୁଡ଼ି ଚାଷ ଓ ପର୍ଯ୍ୟଟନ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ କ୍ଷତି ଓ ଅବକ୍ଷୟର କାରଣ ହୋଇଛି। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ମଧ୍ୟ ଉଲ୍ଲେଖ କରିଛି ଯେ ପ୍ରଦୂଷଣ ଓ ଲବଣାକ୍ତତା ପରିବର୍ତ୍ତନ ଲୁଣା ଜଙ୍ଗଲ ପରିସଂସ୍ଥା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ। ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଲୁଣା ଜଙ୍ଗଲର ଗୁରୁତ୍ୱକୁ ଅନୁଭବ କରି ଏକ ସ୍ଥାୟୀ ସମାଧାନ ପାଇଁ ଆଗକୁ ବହୁତ କିଛି କରିବାକୁ ପଡ଼ିବ। ଲୁଣା ଜଙ୍ଗଲ ହେଉଛି ବିପର୍ଯ୍ୟସ୍ତ ଉପକୂଳ ପାଇଁ ଏକ ପ୍ରାକୃତିକ ସବୁଜ ସୁରକ୍ଷା କବଚ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଉଚ୍ଚଶିକ୍ଷାର ବାତାବରଣ

**ଡ. ମନୋଜ କୁମାର ମହାନ୍ତି**

ମାନବ ସମାଜ ପାଇଁ ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୁଗେଯୁଗେ ରହି ଆସିଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନର ସଂଖ୍ୟା, ଆକାର ଓ ପ୍ରକାର ବଦଳିଛି। ଏସବୁ ସତ୍ତ୍ୱେ ଅନେକ ସମୟରେ ଚର୍ଚ୍ଚାର ବିଷୟ ସାଜେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନକୁ ନେଇ। ମାଳମାଳ ଶିକ୍ଷାନୁଷ୍ଠାନ ସହିତ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ି ଚାଲିଛି। କିନ୍ତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେତିକି ମାତ୍ରାରେ ବ୍ୟକ୍ତିତ୍ୱର ବିକାଶ ହୋଇପାରୁନାହିଁ।

ଶିକ୍ଷାର ଗୁଣାତ୍ମକମାନ ଧୀରେଧୀରେ କୁଆଡ଼େ ଯାଉଛି ଭାବିଲେ କଷ୍ଟଲାଗେ। ଉଚ୍ଚଶିକ୍ଷା ବିଭାଗ ଏହି ବିପର୍ଯ୍ୟୟକୁ ହୃଦୟଙ୍ଗମ କରୁନାହିଁ ବୋଲି ସମ୍ଭବତଃ ଉଚିତ୍ ପଦକ୍ଷେପ ନେଇପାରୁନାହିଁ। ଉଚ୍ଚଶିକ୍ଷା ଏବେ କେବଳ ଅର୍ଥ ଉପାର୍ଜନରେ ବ୍ୟସ୍ତ। ଆବେଦନ, ପ୍ରବେଶଗ୍ରହଣ, ପରୀକ୍ଷା ପାଇଁ ଫର୍ମପୂରଣ, ତା'ପରେ ପରୀକ୍ଷା, ମୂଲ୍ୟାୟନ ଓ ଶେଷରେ ପରୀକ୍ଷା ଫଳାଫଳ। ଏହା ହିଁ ଆଜିର ଶିକ୍ଷାବ୍ୟବସ୍ଥା। ଗଣମାଧ୍ୟମରେ ଅନେକ ତର୍କବିତର୍କ ସତ୍ତ୍ୱେ ସେତେଟା ଉନ୍ନତି ପରିଲକ୍ଷିତ ହେଉନାହିଁ। ଅଧିକାଂଶ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ, ଶିକ୍ଷା ଓ ଶିକ୍ଷକଙ୍କ ପ୍ରତି ସେମିତି ଆନୁଗତ୍ୟ ଦେଖିବାକୁ ମିଳୁନାହିଁ। ଯେକୌଣସି ଉପାୟରେ ଅଧିକ ମାର୍କ ସହ ପ୍ରମାଣପତ୍ର ହାତେଇବା ଲକ୍ଷ୍ୟରେ ସେମାନେ ବ୍ୟସ୍ତ। ଅଧ୍ୟାପନାରେ ଅଧ୍ୟାପକ/ଅଧ୍ୟାପିକାଙ୍କର ଧ୍ୟାନ କମିବାରେ ଲାଗୁଛି। ତା'ର ମୁଖ୍ୟକାରଣ ଶୈକ୍ଷିକ ବାତାବରଣର ଅଭାବ। ଅଧିକାଂଶ ପିଲା ଓ ଅଭିଭାବକମାନଙ୍କ ମନରେ ଏକପ୍ରକାର ଧାରଣା ଜନ୍ମିସାରିଛି ଯେ ମହାବିଦ୍ୟାଳୟକୁ ଯିବାର କିଛି ଆବଶ୍ୟକତା ନାହିଁ। ଘରୋଇ ଟିଉସନ୍ ଓ କୋଚିଂ ଦ୍ୱାରା ସବୁକିଛି ସମ୍ଭବ। ସେହିପରି ପିଲାମାନଙ୍କର କ୍ଲାସରେ ଉପସ୍ଥାପନ ପଚାଶ ପ୍ରତିଶତରୁ କମ୍ ଦେଖିବାକୁ ମିଳୁଛି। ଏହା ପଛରେ ସବୁଠୁ ବଡ଼କାରଣ ପରୀକ୍ଷା ଓ ମୂଲ୍ୟାୟନ ପ୍ରକ୍ରିୟାରେ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଦାୟିତ୍ୱହୀନତା। ଯାହାଦ୍ୱାରା ଉଚ୍ଚଶିକ୍ଷା ନିମ୍ନଗାମୀ ହେବାରେ ଲାଗିଛି।

ଯେଉଁଦିନ ଅଧ୍ୟାପକ ସମାଜ ଅଧ୍ୟାପନା ଓ ପରୀକ୍ଷା ମୂଲ୍ୟାୟନ ପ୍ରତି କଠୋର ହେବେ ସେଦିନ ହିଁ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ହେବ। ଉଚ୍ଚଶିକ୍ଷାରେ କ୍ରମାଗତଭାବେ ପ୍ରବେଶଗ୍ରହଣ ଚାଲୁ ରହିଲେ ଶିକ୍ଷାଗ୍ରହଣ ଓ ଶିକ୍ଷାଦାନ ମଧ୍ୟ ପ୍ରଭାବିତ ହେବ। ଶିକ୍ଷାବିଭାଗର ପ୍ରଶାସନ ତରଫରୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରବେଶଗ୍ରହଣ ଶେଷ କରାଇବାକୁ ପ୍ରୟାସ କଲେ ଛାତ୍ରଛାତ୍ରୀମାନେ କ୍ଲାସ କରିବାରୁ ବଞ୍ଚିତ ହେବେନାହିଁ। ଶିକ୍ଷାର ଗୁଣାତ୍ମକମାନ ହ୍ରାସର ପ୍ରମୁଖ କାରଣ ପରୀକ୍ଷାପତ୍ର ମୂଲ୍ୟାୟନ ପ୍ରକ୍ରିୟା, ଯାହା ଅଧ୍ୟାପନା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଅନାଗ୍ରହ ଉପରେ ଗଭୀର ପ୍ରଭାବ ପକାଉଛି। ଆଗଭଳି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଭୟ ନାହିଁ। ସେମାନେ ଭଲଭାବେ ଜାଣିସାରିଲେଣି ଅକୃତକାର୍ଯ୍ୟ ହେବାର କୌଣସି ଆଶଙ୍କା ନାହିଁ। କ୍ଲାସ ହେଉ କି ନ ହେଉ ପାଠ୍ୟକ୍ରମ ସରୁ କି ନ ସରୁ କିନ୍ତୁ ପରୀକ୍ଷା ହେବ। ପରୀକ୍ଷାରେ ଲେଖୁକି ନଲେଖୁ କିନ୍ତୁ ପାସ କରାଇବା ଦାୟିତ୍ୱ ଅଧ୍ୟାପକମାନଙ୍କର। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଧ୍ୟାପକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ମହାବିଦ୍ୟାଳୟରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀ କିପରି ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ଧ୍ୟାନ ଜରୁରୀ। କାରଣ ପିଲାଙ୍କ ପାସ ଉପରେ ପ୍ରତ୍ୟେକ ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ।

ପରୀକ୍ଷା ପ୍ରଶ୍ନପତ୍ର ମୂଲ୍ୟାୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପତ୍ରକୁ ସାରିବାକୁ ପଡ଼ିଥାଏ। ଉଚ୍ଚଶିକ୍ଷାର ନିୟମ ଅନୁଯାୟୀ ପ୍ରତିଦିନ ପ୍ରଶ୍ନପତ୍ର ୨୫ ଖଣ୍ଡ ନିର୍ଦ୍ଧାରିତ ହୋଇଥାଏ। କିନ୍ତୁ ଅଧ୍ୟାପକ/ଅଧ୍ୟାପିକାମାନେ ନିୟମିତ ଭାବେ ପ୍ରତିଦିନ ଖାତା ଦେଖନ୍ତି କି? ଯଦି ଏହା ସତ୍ୟ ତେବେ ଦିନକୁ ୧୦୦ ରୁ ୧୨୦ଖଣ୍ଡ, କିଏ ୭୦ରୁ ୮୦ଖଣ୍ଡ ପୁଣି କେହି ୫୦ ରୁ ୬୦ଖଣ୍ଡ ଖାତା ମୂଲ୍ୟାୟନ କରିବାର ଆତ୍ମବଡ଼ିମା କାହିଁକି? ଏମିତି ବି କେହିକେହି ୨/୩ ଘଣ୍ଟାରେ ୭୦/୮୦ ଖାତା ମୂଲ୍ୟାୟନ କରିପାରନ୍ତି - ଭାବିଲେ ବିସ୍ମୟ ଲାଗେ। ପରୀକ୍ଷାଖାତା ପଢ଼ିବାକୁ କାହା ପାଖରେ ସମୟ ନାହିଁ କି ଆନ୍ତରିକତା ମଧ୍ୟ ନାହିଁ। ମୂଲ୍ୟାୟନ କେବଳ ଖାତାର ପୃଷ୍ଠାସଂଖ୍ୟାକୁ ଆଧାରରେ କରାଯାଏ। ଯେ ଯେତେ ଅଧିକ ଲେଖିଛି ସେ ସେତେ ଅଧିକ ଅଙ୍କ ପାଇବ - ଏହା ସ୍ପଷ୍ଟଭାବରେ ଦେଖିବାକୁ ମିଳେ। ସେଇ ଗୋଟିଏ ଉତ୍ତର ଭିନ୍ନଭିନ୍ନ ଭାବେ ଏଠିସେଠି ପୁନରାବୃତ୍ତି ସତ୍ତ୍ୱେ ଅଙ୍କ ମିଳିବା ଥୟ। କେହିକେହି ନିଜ ବିଷୟ ପରୀକ୍ଷା ଖାତାରେ ଅନ୍ୟ ବିଷୟକୁ ଲେଖି ଅଙ୍କ ନେବାରେ ସଫଳ ହେଉଛନ୍ତି। ପିଲାମାନେ ବୁଝିସାରିଲେଣି ପାଠ ନପଢ଼ି କ୍ଲାସ ନକରି ଯଦି ପାସ ତେବେ କ୍ଲାସ କରିବାରେ କିଛି ଆବଶ୍ୟକତା ନାହିଁ। ଅଧ୍ୟାପକ/ଅଧ୍ୟାପିକାମାନେ ଭି ମାନସିକସ୍ତରରେ ଆଶ୍ୱସ୍ତ ହେଲେଣି ଯଦି ପିଲାମାନେ କ୍ଲାସ ନ ଆସି କୃତକାର୍ଯ୍ୟ ହେଇପାରୁଛନ୍ତି ତେବେ କ୍ଲାସ କରିବାର କିଛି ଆବଶ୍ୟକତା ନାହିଁ।

ଏଠି ସମସ୍ତେ ଚିତ୍କାର କରନ୍ତି; ରକ୍ଷା କର ରକ୍ଷା କର। ହେଲେ କିଏ କାହାକୁ ରକ୍ଷା କରୁଛି! ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଛି କି ହ୍ରାସ ପାଇଛି ତାହା ଶିକ୍ଷାବିଭାଗର ପ୍ରଶାସନ ଦୃଷ୍ଟି ଦେବେ। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ଧୃତରାଷ୍ଟ୍ର ହୋଇ ସବୁ ଶୁଣୁଛନ୍ତି। ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ନିୟନ୍ତ୍ରଣ ଏବଂ ସଠିକ୍ ମାର୍ଗକୁ ଆଣିବାକୁ ହେଲେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଭବିଷ୍ୟତ ପାଇଁ ପରୀକ୍ଷା ଓ ମୂଲ୍ୟାୟନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ପ୍ରଶାସନିକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିଶ୍ଚିତ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିବ। ●

(ଅଧ୍ୟାପକ, ବିଏନମଏ ମହାବିଦ୍ୟାଳୟ)
ଭଦ୍ରକ, ମୋ ୮୮୯୫୩୪୧୦୩୩

# ଲକ୍ଷ୍ମୀଭଦ୍ର ମଠ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ମହାପ୍ରଭୁ ଜଗନ୍ନାଥଙ୍କ ମହିମା ସାରା ଭାରତରେ ବ୍ୟାପିଗଲା। ଦେଶର କୋଣ ଅନୁକୋଣରୁ ଭକ୍ତମାନଙ୍କ ଶ୍ରୀକ୍ଷେତ୍ରକୁ ନିରନ୍ତର ଆଗମନ ବଢ଼ିବାରେ ଲାଗିଲା। ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ- ସମସ୍ତେ ମହାପ୍ରଭୁଙ୍କୁ ଇଷ୍ଟ ରୂପେ ଆରାଧନା କରିବାକୁ ଲାଗିଲେ। ମହାପ୍ରଭୁ ପୂର୍ଣ୍ଣବ୍ରହ୍ମ, ବିଷ୍ଣୁ ଓ ତାଙ୍କର ବିଭିନ୍ନ ଅବତାର, ଗଣେଶ ଓ ଦକ୍ଷିଣ କାଳୀ ରୂପେ ଉପସ୍ଥାପିତ ହେଲେ। ତାନ୍ତ୍ରିକମାନେ ତାଙ୍କୁ ଶିବଭୈରବ ରୂପେ ଗ୍ରହଣ କଲେ।

ଲକ୍ଷ୍ମୀଭଦ୍ର ସ୍ୱାମୀ ନାମକ ଜଣେ ସିଦ୍ଧ ଦଶନାମୀ ସନ୍ନ୍ୟାସୀ ଶୁଣିବାକୁ ପାଇଲେ ଯେ ସର୍ବଦେବମୟ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥ ଦାରୁ ସ୍ୱରୂପରେ ନୀଳାଚଳରେ ଆରାଧିତ ହେଉଛନ୍ତି। ତାଙ୍କ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା ଯେ ମହାପ୍ରଭୁ ଦାରୁରେ ନିର୍ମିତ ହୋଇଥିଲେ ମଧ୍ୟ ତାଙ୍କ ଶ୍ରୀଅଙ୍ଗର ଅଭ୍ୟନ୍ତରରେ ବ୍ରହ୍ମ ବିଦ୍ୟମାନ କରୁଛନ୍ତି। ସେ ବ୍ରହ୍ମ ପଦାର୍ଥ ପରସ୍ତ ପରସ୍ତ କରି ପାଟ କନାରେ ଗୁଡ଼ା ହୋଇ ରହିଥିବାରୁ ତାଙ୍କୁ କେହି ଦର୍ଶନ ବା ସ୍ପର୍ଶ କରି ପାରନ୍ତି ନାହିଁ। ସେହି ବ୍ରହ୍ମ ପଦାର୍ଥକୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହେଲା।

ତେଣୁ ସେ ତାଙ୍କର ଚାରିଜଣ ଶିଷ୍ୟଙ୍କ ସହ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେମାନେ କେବେ ବସୁ ନ ଥିଲେ ବା ଶୋଉ ନ ଥିଲେ। ଅହରହ ଠିଆ ହୋଇ ରହୁ ଥିବାରୁ ସେମାନଙ୍କୁ 'ଠାଡାମ୍ବରୀ ସନ୍ନ୍ୟାସୀ' ବୋଲି କୁହା ଯାଉଥିଲା।

ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କ ପୂଜା, ରୀତିନୀତି ଓ ପର୍ବପର୍ବାଣୀ ବିଷୟରେ ଖବର ସଂଗ୍ରହ କରିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ରଥଯାତ୍ରା ପୂର୍ବରୁ ପନ୍ଦର ଦିନ ପର୍ଯ୍ୟନ୍ତ ଠାକୁରମାନେ ନିଭୃତ ବାସ କରନ୍ତି। ସେ ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ବାରଣ ଥାଏ। ସେହି ସମୟରେ ବ୍ରହ୍ମ ଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି ସେ ଚିନ୍ତା କରୁଥିଲେ। କିନ୍ତୁ ଜାଣିବାକୁ ପାଇଲେ ଯେ ବ୍ରହ୍ମ ପଦାର୍ଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ବ୍ରହ୍ମ ରନ୍ଧ୍ରରେ ରଖାଯାଇ ସେ ଯାଗାକୁ ବ୍ରହ୍ମ କପାଟଦ୍ୱାରା ବନ୍ଦ କରା ଯାଇଛି। କେବଳ ନବ କଳେବର ସମୟରେ ବ୍ରହ୍ମ କପାଟ ଖୋଲା ଯାଇ ବ୍ରହ୍ମ ପଦାର୍ଥ ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ ସ୍ଥାନାନ୍ତରିତ ହୁଅନ୍ତି। ସେ ସମୟରେ ମାତ୍ର କେତେ ମୁହୂର୍ତ୍ତ ପାଇଁ ବ୍ରହ୍ମ ପଦାର୍ଥ ବାହାରେ ରହନ୍ତି। ସେ ସମୟରେ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ଉଦ୍ୟମ କଲେ, ସଫଳ ହେବାର ସମ୍ଭାବନା ଅଧିକ ବୋଲି ଲକ୍ଷ୍ମୀଭଦ୍ର ଭାବିଲେ। ବ୍ରହ୍ମ ଦର୍ଶନ ପାଇଁ ତାଙ୍କ ମନରେ ସୃଷ୍ଟି ହୋଇଥିବା ଆଗ୍ରହ ଓ କୌତୁହଳ ଏତେ ବେଶି ଥିଲା ଯେ ସେ ପରବର୍ତ୍ତୀ ନବ କଳେବର ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ।

ନବକଳେବର ସମୟ ଆସି ପହଞ୍ଚିଲା। ବିଗ୍ରହ ନିର୍ମାଣ ଶେଷ ହେବା ପରେ ବ୍ରହ୍ମ ପରିବର୍ତ୍ତନର ଦିନ ଆସି ପହଞ୍ଚିଲା। ସେ ଦିନ ମଧ୍ୟରାତିରେ ପରିବର୍ତ୍ତନ ହେବା କଥା। ସାରା ସହରରେ ଅନ୍ଧକାର ରାଜତ୍ୱ କଲା। ବ୍ରହ୍ମ ପରିବର୍ତ୍ତନ ଦାୟିତ୍ୱରେ ଥିବା ଅଳ୍ପ କେତେକ ସେବକଙ୍କୁ ଛାଡ଼ି ଦେଲେ ମନ୍ଦିର ବେଢ଼ାରୁ ଅନ୍ୟ ସମସ୍ତଙ୍କୁ ବାହାର କରି ଦିଆଗଲା। ଲକ୍ଷ୍ମୀଭଦ୍ର ଥିଲେ ପରମ ତାନ୍ତ୍ରିକ। ସେ ତନ୍ତ୍ର ବଳରେ ନିଜର ଶରୀରକୁ ସୂକ୍ଷ୍ମାତିସୂକ୍ଷ୍ମ କରି ଅନବସର ଗୃହରେ ପ୍ରବେଶ କଲେ। ସେଠାରେ ଉପସ୍ଥିତ ସେବକମାନେ ତାଙ୍କ ଉପସ୍ଥିତି ବିଷୟରେ ବିନ୍ଦୁବିସର୍ଗ ଜାଣି ପାରିଲେ ନାହିଁ। ସାଧୁ ସୂକ୍ଷ୍ମ ଶରୀରରେ ରହି ସବୁ ଦେଖୁଥିଲେ। ନୂତନ ବିଗ୍ରହମାନେ ଦାରୁଶାଳାରୁ ପହଣ୍ଡିରେ ଆସି ପୁରାତନ ବିଗ୍ରହମାନଙ୍କ ସମ୍ମୁଖରେ ବିଜେ କଲେ। ପୁରାତନ ବିଗ୍ରହର ବ୍ରହ୍ମ କପାଟ ଖୋଲା ଗଲା। ତା'ପରେ ବ୍ରହ୍ମ ରନ୍ଧ୍ର ଭିତରୁ ଏକ ପ୍ରଚଣ୍ଡ ଜ୍ୟୋତି ନିର୍ଗତ ହେଲା। ସେ ଜ୍ୟୋତିର ପ୍ରଭାବ ଏତେ ପ୍ରଖର ଥିଲା ଯେ ଲକ୍ଷ୍ମୀଭଦ୍ର ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ। କିନ୍ତୁ ତାଙ୍କର ଅନୁଭବ ହେଉ ଥିଲା ଯେ ସେବକମାନେ ତା'ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ଏବଂ ନିଜ ନିଜର କାର୍ଯ୍ୟ କରି ଚାଲି ଥିଲେ।

ସାଧୁ ମହାପ୍ରଭୁଙ୍କ ଶରଣ ପଶି କ୍ଷମା ପ୍ରାର୍ଥନା କଲେ। କ୍ଷମାସାଗର ମହାପ୍ରଭୁ ତାଙ୍କୁ କ୍ଷମା କରି ଦେବା ପରେ ସେ ସାମାନ୍ୟ ଆଖି ଖୋଲି ଦେଖିଲେ ଯେ ସେବାୟତମାନେ ସେଠାରେ ନ ଥିଲେ। ଆଠ ଜଣ ପରମା ସୁନ୍ଦରୀ କନ୍ୟା ମହାପ୍ରଭୁଙ୍କର ସେବା କରୁଥିଲେ। ସେମାନଙ୍କୁ ଦେଖି ସାଧୁଙ୍କର ଭାବାନ୍ତର ସୃଷ୍ଟି ହେଲା ଏବଂ ତାଙ୍କର ସମସ୍ତ ତନ୍ତ୍ର ଶକ୍ତି ହାର ମାନିଥିଲା ବୋଲି ତାଙ୍କର ହୃଦ୍‌ବୋଧ ହେଲା। ଏହାପରେ ବାକି ଜୀବନ କ୍ଷେତ୍ରବାସୀ ହୋଇ ମହାପ୍ରଭୁଙ୍କ ଆରାଧନାରେ ଜୀବନ ସମର୍ପଣ କରିବା ପାଇଁ ସଙ୍କଳ୍ପ କଲେ। ସେ ସେଠାରେ ଏକ ଆଶ୍ରମ ନିର୍ମାଣ କରି ଶିଷ୍ୟମାନଙ୍କ ସହ ବାସ କଲେ। ପରବର୍ତ୍ତୀ ସମୟରେ ସେ ଆଶ୍ରମ ଲକ୍ଷ୍ମୀଭଦ୍ର ମଠ ନାମରେ ବିଖ୍ୟାତ ହେଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବି ସୁଦର୍ଶନ...

ବିରୋଧୀ ଦଳ ଏକାଠି ହୋଇ ଏହାର ମୁକାବିଲା କରନ୍ତି। ଏନ୍‌ଡିଏର ମୁକାବିଲା ଲାଗି ବିରୋଧୀ ମିଳିତ ହୋଇ ସର୍ବସମ୍ମତିକ୍ରମେ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛନ୍ତି।

୧୯୪୬ରେ ଆନ୍ଧ୍ର ପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ସୁଦର୍ଶନ ରେଡ୍ଡୀ ୧୯୯୫ରେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୦୫ରେ ସେ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ୨୦୦୭ରେ ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୧ରେ ସେ ଅବସର ଗ୍ରହଣ କରିଥିଲେ।

ଉଭୟ ରାଧାକ୍ରିଷ୍ଣନ ଏବଂ ସୁଦର୍ଶନ ସମସ୍ତ ରାଜନୈତିକ ଦଳଙ୍କୁ ନିଜ ନିଜ ସପକ୍ଷରେ ଭୋଟ୍ ଦେବାଲାଗି ଅନୁରୋଧ କରିଛନ୍ତି। ଏହି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ ଜିତିବା ପ୍ରାୟ ନିଶ୍ଚିତ ଥିବା ବେଳେ ଦୁଇ ପ୍ରାର୍ଥୀଙ୍କ ମନୋନୟନ ନେଇ ବଡ଼ ଧରଣର ରାଜନୀତି ଆରମ୍ଭ ହୋଇଯାଇଛି। ୬୮ ବର୍ଷୀୟ ରାଧାକ୍ରିଷ୍ଣନ ଏନ୍‌ଡିଏର ପ୍ରାର୍ଥୀ ଏବଂ ତାଙ୍କ ଘର ହେଉଛି ତାମିଲନାଡୁ। ତାମିଲନାଡୁରେ କ୍ଷମତାସୀନ ଡିଏମକେ (ଯିଏକି ବିରୋଧୀ ମେଣ୍ଟର ପ୍ରମୁଖ ଅଂଶୀଦାର ରହିଛି) ରାଧାକ୍ରିଷ୍ଣନଙ୍କୁ ବିରୋଧ କରିବ ନା ସମର୍ଥନ କରିବ ଅବା ମତଦାନରୁ ବିରତ ରହିବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ରାଧାକ୍ରିଷ୍ଣନଙ୍କୁ ବିରୋଧ କଲେ ରାଜ୍ୟରେ ଭୁଲ ବାର୍ତ୍ତା ଯିବ ଏବଂ ସମର୍ଥନ କଲେ ଇଣ୍ଡିଆ ବ୍ଲକରେ ଫାଟ ସୃଷ୍ଟି ହେବ। ଏହାକୁ ନେଇ ଡିଏମକେ ଦ୍ୱନ୍ଦ୍ୱରେ ରହିଛି। ସେହିଭଳି ୭୯ ବର୍ଷୀୟ ସୁଦର୍ଶନଙ୍କୁ ନେଇ ଆନ୍ଧ୍ରରେ କ୍ଷମତାସୀନ ଟିଡିପି ମଧ୍ୟ ଦ୍ୱନ୍ଦ୍ୱରେ। କାରଣ ଟିଡିପି ଏନ୍‌ଡିଏର ଅଂଶୀଦାର ଥିବା ବେଳେ ସେହି ରାଜ୍ୟର ପ୍ରାର୍ଥୀଙ୍କୁ ବିରୋଧ କରିବା ଏତେ ସହଜ ହେବନାହିଁ। ପୁଣି ସୁଦର୍ଶନ ଦୀର୍ଘ ବର୍ଷ ଧରି ଟିଡିପି ସହିତ ସଂପୃକ୍ତ ଅଛନ୍ତି। ସେ ଟିଡିପିର ସମସ୍ତ ଆଇନଗତ ମାମଲା ପରିଚାଳନା କରୁଥିଲେ। କେବଳ ଏତିକି ନୁହେଁ, ଟିଡିପିର ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କର ସେ ହେଉଛନ୍ତି ଖାସ୍ ଲୋକ। ତେଣୁ ତାଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ଟିଡିପି। ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ଆନ୍ଧ୍ରର ଅନ୍ୟତମ ଦଳ ଜଗନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ଏବଂ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ସମର୍ଥନ ଘୋଷଣା କରିଥିଲେ ମଧ୍ୟ ସୁଦର୍ଶନଙ୍କ ପ୍ରାର୍ଥିତ୍ୱ ଘୋଷଣା କରେ ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ତେବେ ସେମାନେ ମଧ୍ୟ ମତ ପରିବର୍ତ୍ତନ କରିପାରନ୍ତି ବୋଲି କୁହାଯାଉଛି।

### ରେଳଯାତ୍ରୀ ଦେବେ...

କମ୍ ଓଜନ ସତ୍ତ୍ୱେ ଏହାର ଆକାର ଅଧିକ ହୋଇଥାଏ, ତେବେ ଏଥିପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ। ଉତ୍ତର ଏବଂ ଉତ୍ତର କେନ୍ଦ୍ରୀୟ ରେଳବାଇ ଅଧୀନସ୍ଥ ଲକ୍ଷ୍ନୌ ଓ ପ୍ରୟାଗରାଜ ଡିଭିଜନର ପ୍ରମୁଖ ଷ୍ଟେସନଗୁଡ଼ିକରୁ ଏହି ନୂଆ ନିୟମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ନୌ, ଚାରବାଗ, ବନାରସ, ପ୍ରୟାଗରାଜ ଜଙ୍କସନ, କାନପୁର ସେଣ୍ଟ୍ରାଲ, ମିର୍ଜାପୁର, ଆଲିଗଡ, ଗୋବିନ୍ଦପୁରୀ ଏବଂ ଇଟାୱା ଭଳି ଷ୍ଟେସନରେ ଏହା କାର୍ଯ୍ୟକାରୀ କରାଯିବ। ଏହି ଷ୍ଟେସନଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଲଗେଜ୍ ମେସିନ୍ ଲଗାଯିବ। ପ୍ଲାଟଫର୍ମରେ ପ୍ରବେଶ କରିବା ପୂର୍ବରୁ ବ୍ୟାଗର ଓଜନ ଏବଂ ଆକାର ଯାଞ୍ଚ କରାଯିବ। ଏ ସମ୍ପର୍କରେ ପ୍ରୟାଗରାଜ ଡିଭିଜନ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଡିସିଏମ) ହିମାଂଶୁ ଶୁକ୍ଳା କହିଛନ୍ତି ଯେ ଯାତ୍ରୀମାନଙ୍କ ଲଗେଜ ଓଜନ କରାଯିବା ପରେ ସେମାନଙ୍କୁ ପ୍ଲାଟଫର୍ମକୁ ଯିବାକୁ ଅନୁମତି ଦିଆଯିବ। ଏହି ବ୍ୟବସ୍ଥା ୨୦୨୬ ଡିସେମ୍ବର ମାସରୁ ଲାଗୁ ହେବ ଏବଂ ରେଳ ଷ୍ଟେସନରେ ବିମାନବନ୍ଦର ପରି ବୋର୍ଡିଂ ପାସ୍ ବ୍ୟବସ୍ଥା ରହିବ। ଅଣ ଟ୍ରେନ୍ ଯାତ୍ରୀମାନେ ପ୍ଲାଟଫର୍ମ ଟିକେଟ ପରି ପରିଦର୍ଶକ ପାସ୍ ନେଇ ରେଳ ଷ୍ଟେସନରେ ପ୍ରବେଶ କରିବେ।

ବର୍ତ୍ତମାନ ପ୍ରଥମଶ୍ରେଣୀ ଶୀତତାପ ନିୟନ୍ତ୍ରିତ ଯାତ୍ରୀମାନେ ୭୦ କିଲୋ ପର୍ଯ୍ୟନ୍ତ ସାମଗ୍ରୀ ବିନା ଶୁଳ୍କରେ ନେଇ ପାରିବାର ବ୍ୟବସ୍ଥା ରହିଛି। ସେହିପରି ଦ୍ୱିତୀୟ ଶ୍ରେଣୀ ଯାତ୍ରୀମାନେ ୫୦ କିଲୋ, ଏସି ତୃତୀୟ ଶ୍ରେଣୀ ଓ ସ୍ଲିପର ଯାତ୍ରୀଙ୍କ ପାଇଁ ଏହି ସୀମା ୪୦ କିଲୋ ରହିଛି। ସାଧାରଣ ଯାତ୍ରୀ ସାଥୀରେ ସର୍ବାଧିକ ୩୫ କିଲୋ ସାମଗ୍ରୀ ନେଇ ପାରିବେ। ଏହାଠାରୁ ଅଧିକ ଓଜନର ସାମଗ୍ରୀ ସାଥୀରେ ନେଲେ ସେ ସମ୍ପୃକ୍ତ ଯାତ୍ରୀଙ୍କୁ ଧାର୍ଯ୍ୟ ଲଗେଜ୍ ଓଜନ ବ୍ୟତିରେକ ଅବଶିଷ୍ଟ ଓଜନ ନିମନ୍ତେ ଦେୟ ଦେବାକୁ ପଡ଼ିବ।

### ରାମେଶ୍ୱର-ଟାଙ୍ଗୀ...

ଏହା ସଂଯୋଗ କରିବ। ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ବିମାନ ବନ୍ଦର ଓ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇ ଦେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ।

କୋଲକାତାରୁ ଜାତୀୟ ରାଜପଥ-୧୬ ଦେଇ ଆସୁଥିବା ଯାତ୍ରୀ ଟାଙ୍ଗୀ ଟୋଲ ଗେଟରୁ ଡାହାଣକୁ ଯାଇ ସିଧା ଢେଙ୍କାନାଳ, ଆଠଗଡ଼, ବାଙ୍କୀ, ଖୋର୍ଦ୍ଧା-ବେଗୁନିଆ ଦେଇ ସିଧା ରାମେଶ୍ୱରରେ ପହଞ୍ଚିବେ। ଏହି ବାଇପାସ୍ ସିଧା କୋଲକାତାରୁ ଚେନ୍ନାଇକୁ ସଂଯୋଗ କରିବ। ଜମି ଅଧିଗ୍ରହଣ ବାବଦରେ ୧ହଜାର ୨୯ କୋଟି ଟଙ୍କାର କ୍ଷତିପୂରଣ ଦେବେ କେନ୍ଦ୍ର ସରକାର। ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀଯାନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନ କରି ବିକଳ୍ପ ରାସ୍ତା ଭାବେ ଏଥିରେ ଯାତାୟାତ କରିବେ। ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିବ। ଏହାଦ୍ୱାରା ମାଲ୍ ପରିବହନ କ୍ଷମତା ବୃଦ୍ଧି ପାଇବା ସହ ପରିବହନ ଖର୍ଚ୍ଚ ହ୍ରାସ ପାଇବ। ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ। ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ।

ବାଇପାସ୍ ରାସ୍ତା ସମ୍ପୂର୍ଣ୍ଣ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ କରିବ। ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ସମ୍ବଳ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ଲୋକଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ରାଜଧାନୀର ଭିତରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ୧୫ ବର୍ଷ ତଳୁ ଏହି ରିଙ୍ଗ୍ ରୋଡ୍‌ର ପରିକଳ୍ପନା ହୋଇଥିଲା। ତତ୍କାଳୀନ ରାଜ୍ୟ ସରକାର ଏଥିପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ। ମାତ୍ର ସେତେବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭିନ୍ନ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ଏହା ବିଶେଷ ଆଗେଇ ପାରି ନ ଥିଲା। ପରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବି କାମ ହୋଇପାରିନଥିଲା।

ଏହି ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ଏକ୍ସ ଜରିଆରେ ଧନ୍ୟବାଦ ଜଣାଇଛନ୍ତି।

### ସିଇସିଙ୍କୁ ଭେଟିଲା...

ସିଇସି। ଦଳୀୟ ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧିମାନଙ୍କୁ ଫର୍ମ-୧୭ ସି ଯୋଗାଇଦେବା ଆବଶ୍ୟକ ଥିଲା ବୋଲି କମିଶନ ମତପ୍ରକାଶ କରିଛନ୍ତି।

୨୦୨୪ ମସିହାରେ ଅନୁଷ୍ଠିତ ଏକକାଳୀନ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭୋଟରେ ଗଭୀର ଭାବେ ଭୋଟ ଅସଙ୍ଗତି ଦେଖାଯାଇଥିବା ବିଜେଡି ସିଇସିଙ୍କୁ ଅବଗତ କରିଛି। ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ରହିବା, ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମୁଦା ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ, ନିର୍ବାଚନ ଶେଷ ପରେ ଅର୍ଥାତ୍ ସନ୍ଧ୍ୟା ୫ଟା ପରେ ହଠାତ୍ ଭୋଟ ପ୍ରତିଶତ ବୃଦ୍ଧିକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛି। ବିଜେଡି ପୂର୍ବରୁ ନିର୍ବାଚନ କମିଶନଙ୍କ ସହ ଆଲୋଚନା ବେଳେ ଉଦବେଗ ପ୍ରକାଶ କରିବା ସହ ଗତ ଡିସେମ୍ବରରେ ଏକ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରିଥିଲା। ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ବିଜେଡି ପକ୍ଷରୁ ଏହି ପ୍ରଶ୍ନଗୁଡ଼ିକ ଉଠାଯାଉଛି। ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଅନେକ ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ଦେଖାଦେଇଥିବା ଅସଙ୍ଗତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଉଲ୍ଲେଖ କରାଯାଇଛି। ସେହିପରି ଗତ ନିର୍ବାଚନରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାର ଦାୟିତ୍ୱ କେବଳ ବୁଥ୍ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ପୋଲିଂ ଏଜେଣ୍ଟଙ୍କ ଉପରେ ଅସାମାନ୍ୟ ଭାବରେ ନ୍ୟସ୍ତ କରାଯାଇଥିଲା। ଯାହାକୁ ନେଇ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ଅବସରରେ ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ(ଏସଆଇଆର)କୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ବିଜେଡି। ଓଡ଼ିଶାରେ ଏସ୍‌ଆଇଆର୍ ସମୟରେ ନିର୍ବାଚନ ଆୟୋଗ କୌଣସି ଆଇନଗତ ଭୋଟର; ବିଶେଷକରି ପ୍ରବାସୀ ଏବଂ ଅସ୍ଥାୟୀ କର୍ମଚାରୀ ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି ସେ ସମ୍ପର୍କରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିବା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଧାରା ୨୦ଏ(୧-ସି)ର ବ୍ୟବସ୍ଥା ଅନୁଯାୟୀ ପ୍ରବାସୀ ଭାରତୀୟମାନେ ସେମାନଙ୍କର ମୂଳ ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ସେମାନଙ୍କର ନାମ ପଞ୍ଜିକରଣ କରିବାର ଅଧିକାର ପାଇଥିବାରୁ, ଓଡ଼ିଶା ବାହାରେ କାମ କରୁଥିବା ପ୍ରବାସୀ ଏବଂ ଅସ୍ଥାୟୀ ଶ୍ରମିକମାନଙ୍କ ପ୍ରତି କଠୋର ଦୃଷ୍ଟିକୋଣ ଗ୍ରହଣ କରାଯିବା ଉଚିତ୍ ନୁହେଁ। ଏପରି କରିବା ଦ୍ୱାରା ଯଦି ସେମାନେ ଯଦି ଭୋଟଦାନ ଅଧିକାରରୁ ବଞ୍ଚିତ ହୁଅନ୍ତି ତେବେ ସେମାନଙ୍କ ମୂଳ ଗ୍ରାମରେ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ଯଦି କମିଶନ ବିହାର ଭଳି ସମାନ ଆଭିମୁଖ୍ୟ ଅନୁସରଣ କରିବେ ଯେଉଁଠାରେ ଶୀଘ୍ର ପ୍ରକ୍ରିୟା ଏବଂ ପର୍ଯ୍ୟାପ୍ତ ସମୟ ଅଭାବ ଯୋଗୁଁ ପ୍ରକୃତ ଭୋଟରମାନେ ଭୋଟଦାନରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଆସୁଛି, ତେବେ ବିଜେଡି ଏହାର ତୀବ୍ର ବିରୋଧ କରିବ ବୋଲି ଦଳର ବରିଷ୍ଠ ନେତା ଡ. ଅମର ପଟ୍ଟନାୟକ କହିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସଠିକ୍ ଉଦ୍ଦେଶ୍ୟ ନେଇ ଏସଆଇଆରକୁ କାର୍ଯ୍ୟକାରୀ କରାଯିବା ଉଚିତ୍। ଭୋଟର ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବା ବାହାନାରେ କୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟଦାନରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ। ପ୍ରକୃତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ କମିଶନ ପଦକ୍ଷେପ ନନେଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିପାରେ ବୋଲି ବିଜେଡି କହିଛି। ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ. ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।

# ମହାପ୍ରସାଦ ନାଁରେ ଭକ୍ତଙ୍କୁ ଠକୁଛି ସପିଂ ସର୍ଭିସ୍

**ଖଜା କେଜି ୧୨୦୦ ଟଙ୍କା, ସାଇବର ଥାନାରେ ଅଭିଯୋଗ**

ପୁରୀ,୧୯।୮(ସମିସ): ମହାପ୍ରସାଦ ନାଁରେ ଭକ୍ତଙ୍କୁ ଲୁଟୁଛନ୍ତି ବିଭିନ୍ନ କମ୍ପାନୀ। ଅନ୍‌ଲାଇନରେ ବିଜ୍ଞାପନ ଦେଇ ଶ୍ରଦ୍ଧାଳୁଙ୍କୁ ଶୋଷଣ କରୁଛନ୍ତି। ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ବିଶ୍ୱାସ ରଖିଥିବା ଭକ୍ତ ଠକେଇର ଶିକାର ହେଉଛନ୍ତି। କିଛି ବର୍ଷ ହେବ ବିଭିନ୍ନ କମ୍ପାନୀ ଅନ୍‌ଲାଇନରେ ମହାପ୍ରଭୁଙ୍କୁ ଅପମାନିତ କରୁଥିବା ବେଳେ ମହାପ୍ରସାଦର ମାହାତ୍ମ୍ୟ ସହିତ ଖେଳୁଛନ୍ତି। ହେଲେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିବା ଫଳରେ ଏଭଳି ଠକେଇ ଏବଂ ଶୋଷଣ ବଢ଼ିବାରେ ଲାଗିଛି। ଏବେ ମହାପ୍ରସାଦ ନାଁରେ ଖଜା ଏବଂ ନିର୍ମାଲ୍ୟ ବିକି ଭକ୍ତଙ୍କୁ ଠକୁଛି ବ୍ରଜ ମେଳା ସପିଂ ସର୍ଭିସ। ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଏନେଇ ଅଭିଯୋଗ କରିଛି। ଖଜା କେଜି ପିଛା ୧,୨୦୦ ଟଙ୍କାରେ ବିକ୍ରି ଲାଗି ଏହି ଅନ୍‌ଲାଇନ ସପିଂ ସର୍ଭିସ ବିଜ୍ଞାପନ ଦେଇଛି, ଯାହାକୁ ନେଇ ମଙ୍ଗଳବାର ସାଇବର ଥାନାରେ ଫେରାଦ ହୋଇଛି ଆପ୍।

ଅଭିଯୋଗ ଅନୁଯାୟୀ, ଜଗନ୍ନାଥ ମହାପ୍ରସାଦ କହି ଖଜା ବିକୁଛି ବ୍ରଜମେଳା ନାମକ ସପିଙ୍ଗ ସର୍ଭିସ୍। ବ୍ରଜ ମେଳାର ଫେସବୁକ୍ ଆକାଉଣ୍ଟରେ ରହିଛି ଖଜା ଏବଂ ନିର୍ମାଲ୍ୟର ବିଜ୍ଞାପନ। ଅର୍ଡର କରିବା ପାଇଁ ଦିଆଯାଇଛି ଯୋଗାଯୋଗ ନମ୍ବର୍ ଓ ହ୍ୱାଟ୍ସଆପ ନମ୍ବର୍। ଶୁଦ୍ଧ ଘିଅରେ ଖଜା ପ୍ରସ୍ତୁତ ହେଉଛି ବୋଲି ବିଜ୍ଞାପନ ଦିଆଯାଇଛି, ଯାହାକୁ ଲୋକେ ଘରେ ବସି ପ୍ରାପ୍ତ କରିବେ ବୋଲି ସେଥିରେ ଦର୍ଶାଯାଇଛି। ତେବେ ମହାପ୍ରଭୁଙ୍କ ମହାପ୍ରସାଦ କିମ୍ବା ଶୁଖିଲା ଭୋଗ ପ୍ରସାଦ କେବଳ ନିର୍ଦ୍ଦିଷ୍ଟ ସୁଆର ସେବକଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ବେଳେ ଏହା କେବଳ ଶ୍ରୀମନ୍ଦିରରେ ମିଳିଥାଏ। ଏହାକୁ ଅନ୍‌ଲାଇନରେ ଏଭଳି ବିଭ୍ରାନ୍ତି କରି ଭକ୍ତଙ୍କୁ ଠକାଯାଉଛି ବୋଲି ଆପ୍ ଅଭିଯୋଗ ଆଣିଛି। ପୂର୍ବରୁ ଭକ୍ତଙ୍କୁ ମହାପ୍ରଭୁଙ୍କ ନାଁରେ ବିଭିନ୍ନ ବାଟରେ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। ଏକ କମ୍ପାନୀ ଅନ୍‌ଲାଇନରେ ମହାପ୍ରଭୁଙ୍କ ପତିତପାବନ ବାନା ବିକ୍ରି କରୁଛି। କିନ୍ତୁ ବାନାର ମୂଲ୍ୟ ଯାହା ରଖିଛି ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡି ବିକ୍ରି କରାଯିବାର ନଜିର ରହିଛି। ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି।

ଏବେ ବ୍ରଜ ମେଳା ଖଜା ୧ କିଗ୍ରାକୁ ୧,୨୦୦ ଟଙ୍କା ବୋଲି ତା' ସାଇଟ୍‌ରେ ବିଜ୍ଞାପନ ଦେଇଛି। ପୁରୀରେ ଯଦି ବି ଘିଅରେ ପ୍ରସ୍ତୁତ ହେଉଥିବ ତେବେ ସେହି ଖଜା କେଜି ପିଛା ୪୦୦ରୁ ୫୦୦ ଟଙ୍କା ରହୁଛି। ନଚେତ୍ ସାଧାରଣତଃ ୨୦୦ରୁ ୨୨୦ ଟଙ୍କାରେ ଭଲ ଖଜା ବିକ୍ରି ହେଉଛି। କିନ୍ତୁ ବ୍ରଜ ମେଳା କେଜି ପିଛା ୧,୨୦୦ ଟଙ୍କା ନେଇ ଭକ୍ତଙ୍କୁ ଠକୁଛି। ଧର୍ମ ନାମରେ ଯଦି ଭକ୍ତଙ୍କୁ ଏଭଳି ଠକେଇ ଚାଲିବ ତେବେ ଆଗାମୀ ଦିନରେ ଖଜା ବ୍ୟବସାୟୀଙ୍କୁ ଧରି ଆପ୍ ଆନ୍ଦୋଳନକୁ ଓହ୍ଲାଇବ। ସବୁଠୁ ବଡ଼ କଥା ହେଉଛି ଏହି ଶପିଂ ସର୍ଭିସ ହରେକୃଷ୍ଣ ସହ ଟ୍ୟାଗ କରିଛି। ତେଣୁ ଏଥିରେ ଇସ୍କନର ସମ୍ପୃକ୍ତି ଥାଇପାରେ ବୋଲି ଆପ୍ ଜିଲ୍ଲା ସଭାପତି ସଂଜୀବ ମହାନ୍ତି କହିଛନ୍ତି। ଯଦି ଇସ୍କନର ଏଥିରେ ସମ୍ପୃକ୍ତି ଥିବା ପ୍ରମାଣ ମିଳେ ତେବେ ପୁରୀରେ ଇସ୍କନକୁ ପ୍ରବଳ ବିରୋଧ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ବଳଙ୍ଗା ପୀଡ଼ିତାଙ୍କ ଭିଡିଓ ଭାଇରାଲ ପ୍ରସଙ୍ଗ

# ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ: କଂଗ୍ରେସ

ଭୁବନେଶ୍ୱର,୧୯।୮(ସମିସ): ବଳଙ୍ଗା ତିନିଜଣ ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ଟେକିନେଇ ଜାଳିଦେଲେ। ଛାତ୍ରୀଜଣଙ୍କ ନିଜ ମୃତ୍ୟୁକାଳୀନ ଜମାନବନ୍ଦୀରେ ଏହି କଥା କହିଛନ୍ତି। ଏହି ଘଟଣାକୁ ମାସେ ହୋଇଗଲା ପଛେ, ପୁଲିସ ଅପରାଧୀଙ୍କୁ ଗିରଫ କରିପାରି ନାହିଁ। କଂଗ୍ରେସ ନାରୀନ୍ୟାୟ କ୍ଷେତ୍ରରେ କୌଣସି ସାଲିସ କରିବ ନାହିଁ, ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ସଂଗ୍ରାମ ଜାରି ରଖିବ ବୋଲି କଂଗ୍ରେସ କହିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବୟାନ ଭିଡିଓ ସତ କି ନୁହେଁ ବୋଲି ପ୍ରଶ୍ନ ଉଠିଛି। ଯଦି ଏହା ସତ, ସେଇ ଭିଡିଓରେ ଦୁର୍ବୃତ୍ତଙ୍କୁ ଗିରଫ କରିବା

**ଭାଇରାଲ ନୋଟ୍‌ପ୍ୟାଡକୁ ନେଇ ପ୍ରଶ୍ନ ଉଠାଇଲା ଦଳ**

ଦିଗରେ ପୁଲିସ କି ପଦକ୍ଷେପ ନେଇଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଘଟଣାକୁ ନେଇ ମୁଖପାତ୍ର ନିଶିକାନ୍ତ ମିଶ୍ର ଆଇନଗତ ଦିଗ ତର୍ଜମା କରି କହିଛନ୍ତି, ଭାରତୀୟ ସାକ୍ଷ୍ୟ ବିଧି ଆଇନ ଉପଧାରା ୨୬(କ) ଅନୁଯାୟୀ ମୃତ୍ୟୁକାଳୀନ ଜମାନବନ୍ଦୀ ବା ବୟାନକୁ ପ୍ରାୟତଃ ସତ୍ୟ ଭାବରେ ଗ୍ରହଣ କରାଯାଇ ଥାଏ। ଭାଇରାଲ ହୋଇଥିବା ଭିଡିଓରେ ପୀଡ଼ିତା ତିନିଜଣ ଦୁର୍ବୃତ୍ତଙ୍କୁ ଇସାରା ଉଲ୍ଲେଖ କରିଥିବା ସ୍ପଷ୍ଟ ଜଣାପଡୁଛି। ପୁଲିସ ଏହି ସ୍ପର୍ଶକାତର ଘଟଣା ଉପରେ ଏକାଧିକ ଥର ବୟାନ ଦେଲାଣି ଏବଂ ସେଇ ବୟାନ ମଧ୍ୟରେ କୌଣସି ତାଳମେଳ ରହୁନି। ପୁଲିସ ହାତରେ ବଡ଼ ତଥ୍ୟ ଲାଗିଛି ବୋଲି ପୁରୀ ଆରକ୍ଷୀ ଅଧୀକ୍ଷକ କହିଥିବାବେଳେ ପୁଲିସ ମୁଖ୍ୟାଳୟ ଏହି ଛାତ୍ରୀପୋଡ଼ି ଘଟଣାରେ କାହାରି ସମ୍ପୃକ୍ତି ନ ଥିବା ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛି। ଏଫଆଇଆର, ସାକ୍ଷୀଙ୍କ ମିଡିଆ ବାଇଟ, ପୁରୀ ଏସପିଙ୍କ ବୟାନ ମଧ୍ୟରେ ବିସଙ୍ଗତି ଏବଂ ପୀଡ଼ିତାଙ୍କ ଭାଇରାଲ ବୟାନ ପୁଲିସର କାର୍ଯ୍ୟକଳାପକୁ ସନ୍ଦେହ ଘେରକୁ ଟାଣିନେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଛାତ୍ରୀ ପୋଡ଼ି ଘଟଣାରେ ଦୁର୍ବୃତ୍ତମାନେ ନିଆଁ ଲଗାଇଲା ପରେ ଛାତ୍ରୀଜଣକ ସାହାଯ୍ୟ ପାଇଁ ପ୍ରଥମେ ପହଞ୍ଚିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତି କୁଆଡ଼େ ଗଲେ ବୋଲି ପ୍ରଶ୍ନ




କରିଛନ୍ତି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର। ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଦୁଇ ଆନୁଗତଙ୍କୁ କାହିଁକି ଦିଲ୍ଲୀ ପଠାଇଥିଲେ ବୋଲି ପ୍ରଶ୍ନ କରିବା ସହ କାହିଁକି ଏହି ଦୁଇ ଜଣ ପୀଡ଼ିତାଙ୍କ ପରିବାରକୁ ଆଢୁଆଳରେ ରଖୁଥିଲେ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଭାଇରାଲ ଭିଡିଓରେ ବୟାନ ଗ୍ରହଣ କରୁଥିବା ମହିଳା ଜଣକ ଯେଉଁ ପ୍ୟାଡ୍‌ରେ ଲେଖୁଛନ୍ତି, ସେଇ ପ୍ୟାଡ୍‌ରେ "୨୦/୭/୨୦୨୫' ସହ "ଆଇଆଇସି ବଳଙ୍ଗା' ବୋଲି ମଧ୍ୟ ଲେଖାହୋଇଛି। ଯଦି ପୁଲିସ ବୟାନ ରେକଡର୍‌ଡ଼ିଂ କରୁଥିଲା, ପୁଲିସଠାରୁ କେମିତି ଭିଡିଓ ଲିକ ହୋଇ ଭାଇରାଲ ହେଲା? ଯଦି ପୁଲିସ ବୟାନ ରେକର୍ଡ କରିନାହିଁ, ଏତେ କଡ଼ା ସୁରକ୍ଷା ଥାଇ ସୁଦ୍ଧା କିଏ ବୟାନ ଭିଡିଓ ରେକର୍ଡିଂ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଭାଇରାଲକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

**ଫେସ୍‌ବୁକ ଓ ଗୁଗଲକୁ ଚିଠି ଲେଖିଲା ପୁରୀ ପୁଲିସ**

ପୁରୀ, ୧୯।୮(ସମିସ): ବଳଙ୍ଗା ପୀଡ଼ିତାଙ୍କର ବୟାନ ରେକର୍ଡ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ନେଇ ରାଜ୍ୟବ୍ୟାପୀ ବେଶ୍ ଚର୍ଚ୍ଚା, ଆଲୋଚନା ଚାଲିଥିବା ବେଳେ ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ପିନାକ୍ ମିଶ୍ର। ସେ କହିଛନ୍ତି, ଯିଏ ବଳଙ୍ଗା ପୀଡ଼ିତାଙ୍କ ବୟାନ ସମୟର ଭିଡିଓ ଭାଇରାଲ କରିଛନ୍ତି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜୁଭେନାଇଲ୍ କୋର୍ଟ ଆଧାରରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେଥିପାଇଁ ଫେସ୍‌ବୁକ୍ ଓ ଗୁଗଲ୍‌କୁ ଚିଠି ଲେଖାଯାଇଛି। ସୋସିଆଲ ମିଡିଆର ସୋର୍ସ ଆସିବା ପରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଛି ଯେ କୌଣସି ନାବାଳିକା ବା ନାବାଳକର ଫଟୋ ଭାଇରାଲ୍ ହୋଇପାରିବ ନାହିଁ। ତେଣୁ ଏଭଳି ସମ୍ବେଦନଶୀଳ ଘଟଣାରେ ସାଇବର କ୍ରାଇମ୍ ବିଭାଗକୁ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି।

ସୋସିଆଲ ମିଡିଆରେ ଭାଇରାଲ ଭିଡିଓଟି ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କ ଚିକିତ୍ସା ସମୟର ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୀଡ଼ିତାଙ୍କର ୪ଥର ବୟାନ ରେକର୍ଡ କରାଯାଇଥିଲା। ଦିଲ୍ଲୀ ଏମ୍ସରେ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସମସ୍ତ ଆଇନଗତ ନିୟମକୁ ଅନୁସରଣ କରାଯାଇ ବୟାନ ରେକର୍ଡ ହୋଇଥିଲା। ତଦନ୍ତ ଏବେ ଶେଷ ହୋଇଛି ଓ ସମସ୍ତ ତଥ୍ୟ ପ୍ରମାଣ ଖୁବ୍‌ଶୀଘ୍ର କୋର୍ଟରେ ପ୍ରଦାନ କରାଯିବ। ପୀଡ଼ିତା ନାବାଳିକାଙ୍କ ଭିଡିଓ କିଏ ଏବଂ କାହିଁକି ଭାଇରାଲ କଲେ ତା'ର ଅନୁସନ୍ଧାନ ଆରମ୍ଭ ହୋଇଛି। ସାଇବର ଟିମ୍ ଏବଂ କ୍ରାଇମ୍‌ବ୍ରାଞ୍ଚର ସହଯୋଗରେ ଭାଇରାଲ ଭିଡିଓର ତଦନ୍ତ ହେବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

■ **ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ମୃତ୍ୟୁର କାରଣ ଅଗ୍ନିକାଣ୍ଡଜନିତ: ପୁଲିସ

ପଟ୍ଟାମୁଣ୍ଡାଇ, ୧୯।୮(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗାଁର କଲେଜ ଛାତ୍ରୀ ପି.ଡି ସଂଗୀତା ଆତ୍ମାହୁତି ଘଟଣାରେ ଆଜି ନୂଆ ତଥ୍ୟ ପୁଲିସ୍‌ର ହସ୍ତଗତ ହୋଇଛି। ଘଟଣାର ୧୪ଦିନ ପରେ, ସଂଗୀତାଙ୍କ ମୃତ୍ୟୁର କାରଣ ଅଗ୍ନିକାଣ୍ଡ ଜନିତ ଏବଂ ସେ ଆତ୍ମାହୁତି କରିଛନ୍ତି ବୋଲି ପୁଲିସ୍ କହିଛି। ଏଫଏମ୍‌ଟି ଓ ଭିସେରା ରିପୋର୍ଟ ଆଧାରରେ ପୁଲିସ ଏହି ତଥ୍ୟ ଦେଇଛି। ନିଆଁ ଲାଗିବା ଯୋଗୁଁ ସଂଗୀତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ିଯାଇଥିବା ଓ ତାଙ୍କ ଶ୍ୱାସନଳୀରେ

■ **ଏବେ ବି ବହୁ ପ୍ରଶ୍ନ ଅସମାହିତ**
■ **କିଏ ଗ୍ରିଲରେ ବାନ୍ଧିଥିଲା?**

କାର୍ବନ କଣିକା ରହିଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଛି। ତେଣୁ ଛାତ୍ରୀଙ୍କ ମୃତ୍ୟୁର କାରଣ ଅନ୍ୟ କିଛି ହୋଇପାରେନା ବୋଲି ପୁଲିସ୍ ସ୍ପଷ୍ଟ କରିଛି।

କିନ୍ତୁ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଛାତ୍ରୀ ଶିଡିର ଲ୍ୟାଣ୍ଡିଙ୍ଗ ଉପରେ ବସିଥିବା ବେଳେ ଶିଡ଼ିଘରର ଲୁହା କାବଟ ସହ ସଂଗୀତାଙ୍କ ଅଣ୍ଟା ଏକ କେବୁଲ ତାର ଜରିଆରେ ବନ୍ଧା ହୋଇଥିଲା। ସଂଗୀତା ବସିବା ମୁଦ୍ରାରେ ଥିଲେ। ତେଣୁ, ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା।

ତେଣୁ, ପୁଲିସ୍ ଏହାକୁ ଅଗ୍ନିକାଣ୍ଡଜନିତ କହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ବସିଥିବା ବେଳେ ଏବେ ବି ବହୁ ପ୍ରଶ୍ନ ଅସମାହିତ ହୋଇ ରହିଛି। ଘର ଗ୍ରିଲରେ ତାଙ୍କୁ କିଏ ବାନ୍ଧିଲା ଏବଂ ତାଙ୍କୁ ପେଟ୍ରୋଲ ଓ ଦିଆସିଲି କିଏ ଆଣିଦେଲା, ତାହା ଉପରୁ ପରଦା ହଟିପାରିନାହିଁ।

# ବିଜୟୱାଡ଼ାରୁ କପିଳେନ୍ଦ୍ରଦେବଙ୍କ ସମୟର ଶିଳାଲେଖ ସନ୍ଧାନ

ଭୁବନେଶ୍ୱର, ୧୯।୮(ସମିସ): ଆନ୍ଧ୍ରପ୍ରଦେଶ ବିଜୟୱାଡା ସହରର ଜାକାମପୁଡ଼ି ଗ୍ରାମରୁ ୧୫ଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ସମୟର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଶିଳାଲେଖର ସନ୍ଧାନ ମିଳିଛି। ଏହି ଶିଳାଲେଖ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଏକ ଧାନବିଲ ନିକଟରେ ପଡ଼ି ରହିଥିବା ବେଳେ ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପର ଐତିହ୍ୟ ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ ଏହାକୁ ଖୋଜି ପାଇଛନ୍ତି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ସଦସ୍ୟ ରବୀନ୍ଦ୍ର କୁମାର ରାଣା ଓ ବିକ୍ରମ କୁମାର ନାୟକ ଏହି ଅନୁସନ୍ଧାନରେ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ଐତିହ୍ୟ ଗବେଷକ ରବୀନ୍ଦ୍ର କୁମାର ରାଣା କହିଛନ୍ତି, ଶିଳାଲେଖଟି ଆମକୁ ଜାକାମପୁଡ଼ି ଗ୍ରାମର ଜନୈକ ବ୍ୟକ୍ତି ଗଣ୍ଡମ ଶିବାଜୀଙ୍କ ଅଧୀନ ଭୂମିରେ ଥିବା ଏକ ଧାନକ୍ଷେତ ନିକଟରେ ପଡ଼ି ରହିଥିବା ଅବସ୍ଥାରେ ମିଳିଥିଲା। ଏହା ନିକଟରେ ଏକ ପ୍ରାଚୀନ ଶ୍ରୀଗଣେଶଙ୍କ ମୂର୍ତ୍ତି ଓ ଏକ ବୀରାଶିଳା ମଧ୍ୟ ରହିଛି। ଅଭିଲେଖଟି ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ପୁତ୍ର ତଥା ମହାନ ବୀର କୁମାର ହମ୍ବୀର ଦେବ ମହାପାତ୍ରଙ୍କ ପ୍ରଦତ୍ତ ଏକ ଦାନ ସମ୍ପର୍କୀୟ ସୂଚନା ଦେଉଛି। ପଥରଟିର ଗୋଟିଏ ପାର୍ଶ୍ୱରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃଷଭଙ୍କ ଚିତ୍ର ଖୋଦିତ ହୋଇଛି। ସେ ସମୟରେ ଏହି ଅଞ୍ଚଳ ଓଡ଼ିଆ ସୂର୍ଯ୍ୟବଂଶୀ ଗଜପତିଙ୍କ ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ଥିଲା। ଦକ୍ଷିଣାତ୍ୟରେ ଓଡ଼ିଆ ସାମ୍ରାଜ୍ୟର ବିସ୍ତୃତି ନିମନ୍ତେ କୁମାର ହମ୍ବୀର ଦେବଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ବୋଲି ଗବେଷକ ଶ୍ରୀ ରାଣା କହିଛନ୍ତି।

ଦକ୍ଷିଣ ଭାରତରେ କଳିଙ୍ଗ ଐତିହ୍ୟର ସନ୍ଧାନ ତଥା ଗବେଷଣା କରି ଆସୁଥିବା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ଜାକାମପୁଡ଼ିରେ ହମ୍ବୀର ଦେବଙ୍କ ଅଭିଲେଖ ସମ୍ପର୍କରେ ସୂଚନା ଆମକୁ ୧୯୧୩ ମସିହାରେ ପ୍ରକାଶିତ 'ଆନୁଆଲ ରିପୋର୍ଟ ଅନ ସାଉଥ ଇଣ୍ଡିଆନ ଏପିଗ୍ରାଫି' ପୁସ୍ତକରୁ ମିଳିଥିଲା। ତେଲୁଗୁ ଲିପିର ଏହି ଶିଳାଲେଖଟିରେ ସମୁଦାୟ ୧୭ ଧାଡ଼ିର ଅଭିଲେଖ ରହିଛି। ଏହି ଅଭିଲେଖଟିରୁ ମିଳୁଥିବା ତଥ୍ୟ ଅନୁସାରେ, ବୀରଶ୍ରୀ ଗଜପତି ଗୌଡେଶ୍ୱର ପ୍ରତାପ କପିଳେଶ୍ୱର ଦେବ (କପିଳେନ୍ଦ୍ର ଦେବ)ଙ୍କ ପୁତ୍ର ହମ୍ବୀରଦେବରାଜ ବେଜୱାଡା (ବିଜୟୱାଡା)ର ପାପବିନାଶନ ଦେବ ଏବଂ ରୁଦ୍ରଦେବଙ୍କ ଧୂପ, ଦୀପ ଓ ନୈବେଦ୍ୟ ସେବା ନିମିତ୍ତ ଜାକିରେଡିପାଲ୍ଲୀ (ଜାକାମପୁଡ଼ି) ଗ୍ରାମ ଦାନ ଦେଇଥିଲେ। ଏହା ବ୍ୟତୀତ ଜଙ୍ଗମ ଓ ବ୍ରାହ୍ମଣମାନଙ୍କ ଭୋଜନ ନିମିତ୍ତ ପୃଥକ ଭୋଜନ ଗୃହର ପରିଚାଳନା ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ଜାକିରେଡିପାଲ୍ଲୀ ଗ୍ରାମର ଉଲ୍ଲେଖ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଅନ୍ୟ ଏକ ଶିଳାଲେଖରେ ମଧ୍ୟ ରହିଛି ବୋଲି ଶ୍ରୀ ନାୟକ ମତ ଦେଇଛନ୍ତି।

ଏପରି ଐତିହାସିକ ସ୍ମାରକୀ ସୁରକ୍ଷା ଓଡ଼ିଶା ଇତିହାସ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି 'ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ'ର ପ୍ରତିଷ୍ଠାତା ସଦସ୍ୟ ବିକାଶ ପ୍ରସାଦ ଦାସ କହିଛନ୍ତି। ଶିଳାଲେଖଟିକୁ କୌଣସି ସଂଗ୍ରହାଳୟକୁ ସ୍ଥାନାନ୍ତରିତ କରିବାକୁ ଅନୁରୋଧ କରି ସଂଗଠନ ପକ୍ଷରୁ ଉଭୟ ରାଜ୍ୟର ବିଭାଗୀୟ ଅଧିକାରୀଙ୍କୁ ଖୁବ ଶୀଘ୍ର ପତ୍ର ଲେଖାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

**ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର**

# ଜେଲ୍ ଗଲେ ବ୍ୟାଙ୍କ୍ ଅଧିକାରୀ

ସୋହେଲା, ୧୯।୮(ସମିସ): ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ବରଗଡ଼ ଜିଲ୍ଲା ପଦ୍ମପୁର ଏସ୍‌ଡିସିସି ବ୍ୟାଙ୍କ ଅଧିକାରୀ ପ୍ରଭଞ୍ଜନ ମାଝୀ ଜେଲ୍ ଯାଇଛନ୍ତି। ପ୍ରଭଞ୍ଜନ କିଛି ଦିନ ତଳେ ପଦ୍ମପୁର ବ୍ରାଞ୍ଚ ବ୍ୟାଙ୍କ୍‌ରୁ ସୋହେଲା ଏସ୍‌ଡିସିସି ବ୍ୟାଙ୍କ୍‌କୁ ବଦଳି ହୋଇ ଆସିଥିଲେ। କିନ୍ତୁ ସେ ପଦ୍ମପୁର ବ୍ରାଞ୍ଚରେ ତାଙ୍କ କାର୍ଯ୍ୟକାଳ ସମୟରେ ସେ ସେଠାକାର ଜଣେ ମହିଳା କର୍ମଚାରୀଙ୍କୁ ମୋବାଇଲରେ ବିଭିନ୍ନ ଆପତ୍ତିଜନକ ମେସେଜ୍ ଦେବା ସହ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ପଦ୍ମପୁର ଥାନାରେ ମହିଳାଜଣଙ୍କ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ପ୍ରଭଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି,
ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ନିମପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) **ସଞ୍ଜିବ ନାୟକ**, ପିତା: ଶଙ୍କର୍ଷଣ ନାୟକ, ୨) **ରାଜୀବ ନାୟକ**, ପିତା: ଶଙ୍କର୍ଷଣ ନାୟକ, ଉଭୟଙ୍କ ଠିକଣା- ନଜରପୁର, ଜଗତପୁର, କଟକ, ପିନ୍-୭୫୪୦୨୧ | ଟ.୧୪,୭୯,୪୯୦.୭୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୨୫ / ୧୯.୦୮.୨୦୨୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (କ) ଖାତା ନଂ.: ୭୭୨/୧୭୦୨, ପ୍ଲଟ୍ ନଂ.: ୨୬୮୩/୬୨୯୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ଧରଣୀ ମହାନ୍ତି, ପଶ୍ଚିମ: କ୍ରେତା, ଉତ୍ତର: ରାସ୍ତା, ଦକ୍ଷିଣ: ବିଦ୍ୟାଳୟ, (ଖ) ଖାତା ନଂ.: ୭୭୨/୧୫୯୭, ପ୍ଲଟ୍ ନଂ.: ୨୬୮୩/୬୨୦୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ରମେଶ ମହାନ୍ତି, ପଶ୍ଚିମ: କେନାଲ, ଉତ୍ତର: କେନାଲ, ଦକ୍ଷିଣ: ଭୁବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ |

ତାରିଖ: ୧୯.୦୮.୨୦୨୫, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ବିଧାୟକଙ୍କ ପ୍ରତିଶ୍ରୁତି ପାଣିର ଗାର

# ଖଣ୍ଡପଡ଼ା ଉପକାରାଗାର ହେବ ସ୍ଥାନାନ୍ତର

ନୟାଗଡ଼, ୧୯।୮ (ସମିସ)


ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ପ୍ରାୟ ୮୭ ବର୍ଷର ପୁରୁଣା ଉପକାରାଗାରକୁ ନୟାଗଡ଼ ସ୍ଥାନାନ୍ତର ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ବିଗତ ଦିନରେ ଏହାକୁ ନେଇ ଖଣ୍ଡପଡ଼ାରେ ତୁମ୍ବିତୋଫାନ ହୋଇଥିବା ବେଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଜେଲ ସ୍ଥାନାନ୍ତର ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ନେଇ ସେ ଖଣ୍ଡପଡ଼ା ବାସୀଙ୍କୁ କହିଥିଲେ। ମାତ୍ର ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ହେବା ପ୍ରସଙ୍ଗ ଆଜି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଗତ ମାସ ୮ ତାରିଖରେ ଗୃହବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳବାସୀ ମଧ୍ୟରେ ଏ ନେଇ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ଇତି ମଧ୍ୟରେ ଘଟଣାକୁ ପ୍ରାୟ ଦେଢ଼ ମାସ ବିତିଥିବା ବେଳେ ନିଷ୍ପତ୍ତି ବାତିଲ ନେଇ ଚିଠି ବାହାରିପାରିଲା ନାହିଁ। ଫଳରେ ଉପକାରାଗାର ଉଠିଯିବା ପ୍ରସଙ୍ଗକୁ ନେଇ ଏବେ ମଧ୍ୟ ଆଶା ଆଶଙ୍କାରେ ରହିଛନ୍ତି ଅଞ୍ଚଳବାସୀ।

ଗୃହ ବିଭାଗ ପତ୍ର ସଂଖ୍ୟା ୨୮୩୭୦ ମାଧ୍ୟମରେ ଖଣ୍ଡପଡ଼ା ଉପକାରାଗାରକୁ ସବୁ ଦିନ ପାଇଁ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କମ ସଂଖ୍ୟକ କଏଦୀ ଏବଂ ପରିଚାଳନା ଗତ ଖର୍ଚ୍ଚ ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବେଳେ ଏଠାରେ ଥିବା କଏଦୀ ଓ କର୍ମଚାରୀଙ୍କୁ ନୟାଗଡ଼ ଜିଲ୍ଲା କାରାଗାରକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ରହିଥିଲା। ଏହି ଘଟଣାକୁ ନେଇ କିଛିଦିନ ପର୍ଯ୍ୟନ୍ତ ଶାସକ ଦଳ ଓ ବିରୋଧୀ ମୁହାଁମୁହିଁ ହୋଇଥିବା ବେଳେ ସ୍ଥାନାନ୍ତର ପ୍ରସଙ୍ଗରେ ଆନ୍ଦୋଳନକୁ ଓହ୍ଲାଇଥିଲେ ଏକାଧିକ ସଂଗଠନ। ଭାରତୀୟ ବିକାଶ ପରିଷଦ ପକ୍ଷରୁ ତହସିଲ ଘେରଉ କରାଯାଇଥିବା ବେଳେ ଖଣ୍ଡପଡ଼ା ବାର ଆସୋସିଏସନ ପକ୍ଷରୁ ମଧ୍ୟ ସ୍ଥାନୀୟ ଅଞ୍ଚଳର ଆଇନଜୀବୀ, ସାମ୍ବାଦିକ, ବରିଷ୍ଠ ନାଗରିକଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ପ୍ରତିବାଦ କରାଯାଇଥିଲା। ସମାନଭାବେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ୍ୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ମଧ୍ୟ ସମାଲୋଚନା କରାଯାଇଥିଲା। ଏଯାବତ ଏ ଦିଗରେ କୌଣସି ଅଗ୍ରଗତି ହୋଇନଥିବା ଜେଲ ସୂତ୍ରରୁ ସୂଚନା ମିଳିଛି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ବାତିଲ ନେଇ ଆଜିଯାଏଁ କୌଣସି ଚିଠି ପ୍ରକାଶ ପାଇନଥିବା ଜଣାପଡ଼ିଛି। ଫଳରେ କାରାଗାର ସ୍ଥାନାନ୍ତର ବାବଦରେ ଏବେ ଆଶା ଆଶଙ୍କାରେ ରହିଛନ୍ତି ଖଣ୍ଡପଡ଼ା ଅଞ୍ଚଳବାସୀ। ଏପରିକି ଆଜି ଦିନତମାମ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି ବିରୋଧୀ। ଗୃହ ବିଭାଗ ଖଣ୍ଡପଡ଼ା ଉପକାରାଗାର ପ୍ରସଙ୍ଗରେ ଅସମ୍ଭବ ନୀରବତାକୁ ସାଧାରଣ ଲୋକେ ସମାଲୋଚନା କରିଥିବା ବେଳେ ନିଷ୍ପତ୍ତି ବାତିଲ କରିବାକୁ ଦାବି କରିଛନ୍ତି। ଏହା ସହିତ ସିଧାସଳଖ ଖଣ୍ଡପଡ଼ା ବିଧାୟକଙ୍କୁ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି। ଏଥିସହିତ ଏହି ସମ୍ପର୍କିତ ଚିଠି ମଧ୍ୟ ଜାରି କରିବାକୁ ଦାବି କରିଛନ୍ତି ସହରାଞ୍ଚଳର ଆଇନଜୀବୀ, ସାମ୍ବାଦିକ, ତଥା ବରିଷ୍ଠ ନାଗରିକ। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେବାକୁ ସାଧାରଣରେ ଦାବି ହୋଇଛି।

### ଗଣମାଧ୍ୟମର କଣ୍ଠରୋଧ କରୁଛନ୍ତି ବିଧାୟକ

ନୟାଗଡ଼: ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ପ୍ରସଙ୍ଗରେ ବିଗତ ଦିନରେ ଏକ ଆଲୋଚନା ବୈଠକ ଖଣ୍ଡପଡ଼ାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ଏହାକୁ ଜୋରଦାର ବିରୋଧ କରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ଖଣ୍ଡପଡ଼ା ବିଧାୟକ ଉତ୍‌କ୍ଷିପ୍ତ ହୋଇ ତାଙ୍କ ବ୍ୟକ୍ତିଗତ ସହାୟକ ଜରିଆରେ ତିନି ଜଣ ସାମ୍ବାଦିକଙ୍କ ନାମରେ ମାମଲା ରୁଜ୍ଜୁ କରିଥିଲେ। ଫତେଗଡ଼ ଥାନା ଅଧୀନସ୍ଥ ଟିକିରିପଡ଼ା ଗ୍ରାମର ଯୋଗୀନାଥ ପ୍ରଧାନଙ୍କ ପୁଅ ବବୁଲ ପ୍ରଧାନ ଏନେଇ ଥାନାରେ ଅଭିଯୋଗ କରିଥିଲେ। ବିଧାୟକଙ୍କ ମାନ ସମ୍ମାନ ହାନୀ କରିଥିବା ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଖଣ୍ଡପଡ଼ା ପୁଲିସ ଗତ ଜୁଲାଇ ୧୩ ତାରିଖରେ ଏକ ଖଣ୍ଡପଡ଼ାର ସାମ୍ବାଦିକ ସତ୍ୟନାରାୟଣ ସୁରଜଗଦେବ, ଜନ୍ମେଜୟ ଦଲେଇ ଏବଂ ଭାପୁର ବ୍ଲକ ସାମ୍ବାଦିକ ପ୍ରଭାତ କୁମାର ବରାଡ଼ଙ୍କ ନାମରେ ମାମଲା ରୁଜ୍ଜୁ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ସାମ୍ବାଦିକଙ୍କୁ ଉଚ୍ଚ ନ୍ୟାୟାଳୟରୁ ଜାମିନ ପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଖଣ୍ଡପଡ଼ାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ କଣ୍ଠରୋଧ କରାଯିବାକୁ ବିଧାୟକ କିଛି ନ୍ୟସ୍ତ ସ୍ୱାର୍ଥ ଓ ଚକ୍ରାନ୍ତକାରୀଙ୍କ ବୁଦ୍ଧିରେ ଏଭଳି କରିଥିବା ସାମ୍ବାଦିକ ମହଲରେ ଜୋରଦାର ଆଲୋଚନା ହେଉଛି। ଖଣ୍ଡପଡ଼ା ଉପକାରଗାର ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ ଯଦି ବିରୋଧ ଉଚିତ ଭାବେ ହୋଇଥାନ୍ତା, ତେବେ କିଛି ପ୍ରଭାବ ପଡ଼ିଥାନ୍ତା। ମାତ୍ର ଗଣମାଧ୍ୟମ କଣ୍ଠରୋଧ କାରଣରୁ ଏହା ଏବେ ସ୍ଥାନାନ୍ତର ହେବ ସୁନିଶ୍ଚିତ ବୋଲି ଆଲୋଚନା ହେଉଛି।

## ଗୋରୁଙ୍କ ବେକରେ ଲାଗିଲା ରେଡିୟମ୍ ଫିତା



ନୟାଗଡ଼, ୧୯।୮ (ସମିସ): ଆଜିକାଲି ରାଜରାସ୍ତାରେ ଅଧିକାଂଶ ଗାଈଗୋରୁ, ଷଣ୍ଢ ପ୍ରଭୃତି ପଶୁମାନେ ବିଚରଣ କରିବା ହେତୁ ରାତ୍ର ସମୟରେ ଗାଡ଼ି ଚାଳକ ମାନେ ଦେଖି ନପାରି ବହୁତ ଗୁଡ଼ାଏ ଦୁର୍ଘଟଣା ଘଟୁଛି। ଏହାକୁ ନଜରରେ ରଖି ଦେବଦୂତ ସେବା ପରିଷଦର ସଦସ୍ୟମାନେ ମିଶି ଜନ୍ମାଷ୍ଟମୀଠାରୁ ପ୍ରାୟ ୫ ନିଆରା ଉଦ୍ୟମ ଆରମ୍ଭ କରିଛନ୍ତି। ନୟାଗଡ଼ ଜଗନ୍ନାଥ ମନ୍ଦିର ଠାରୁ ଇଟାମାଟି ପର୍ଯ୍ୟନ୍ତ ଏବଂ ବଲାଙ୍ଗୀ ବନ୍ଧ ଠାରୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାଜରାସ୍ତାରେ ବୁଲୁଥିବା ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ବେକରେ ରେଡିୟମ ଫିତା ପିନ୍ଧାଇଛନ୍ତି। ଏହାଦ୍ୱାରା ଅନ୍ୟାୟାଶାରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ନିରୀହ ପଶୁ ଗୁଡ଼ିକର ରକ୍ଷା କରାଯାଇପାରିବ ବୋଲି ସମସ୍ତ ସଦସ୍ୟ ମତ ବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଉମାକାନ୍ତ ମହାପାତ୍ର ଓ ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତେ ଏକତ୍ରିତ ହୋଇ ଏହି କାର୍ଯ୍ୟ ସମ୍ପାଦାନ କରିଛନ୍ତି।

## ବିଶ୍ୱ ଫଟୋଗ୍ରାଫି ଦିବସ



ନୟାଗଡ଼, ୧୯।୮ (ସମିସ): ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ଓଡଗାଁ ବ୍ଲକ ଫଟୋଗ୍ରାଫି ଆସୋସିଏସନ ତରଫରୁ ଶରଣକୁଳସ୍ଥିତ ମା' ଝାଡେଶ୍ୱରୀଙ୍କ ପୀଠରେ ନୟାଗଡ଼ ଜିଲ୍ଲାର ପ୍ରତି ବ୍ଲକରୁ ଫଟୋଗ୍ରାଫରଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମା' ଝାଡେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ରୁ ଆସିଥିବା ବରିଷ୍ଠ ଫଟୋଗ୍ରାଫର ମାନବ କିଶୋର ରାୟ, ବିରେନ୍ଦ୍ର ଦାଶ, ନରସିଂହ ବେହେରା, ନାରାୟଣ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଫଟୋଗ୍ରାଫି ସମ୍ପର୍କରେ ସୁବିଧା ଅସୁବିଧା ସବୁ ଆଲୋଚନା କରାଯାଇଥିଲା। ଆସୋସିଏସନ ସଭାପତି ବଳଭଦ୍ର ସ୍ୱାଇଁ ଫଟୋଗ୍ରାଫି ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆଗକୁ କରିବା ପାଇଁ ଆଲୋଚନା କରିଥିଲେ। ସମ୍ପାଦକ ପାଣୁ ଚରଣ ଖଟୋଇ ଆସୋସିଏସନ ବାର୍ଷିକ ବିବରଣୀ ଦେଇଥିଲେ। ପରିଶେଷରେ ସୁରେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ

ଗଣିଆ, ୧୯।୮ (ସମିସ): ଗଣିଆରେ ଥିବା ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ବିଶ୍ୱମୋହନ ଜେନା, ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ଦାଶ, ଜିଲ୍ଲା ସଂଯୋଜକ, ଜାତୀୟ ସେବା ଶିବିର, ବିଦ୍ୟାଳୟର ଅଧ୍ୟକ୍ଷା ସଲିଲା ସେଠୀ, ପ୍ରୋଗ୍ରାମ ଅଧିକାରୀ ସୁନିଲ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣିଆରେ ଦୀର୍ଘ ଦୁଇ ବର୍ଷ ହେବ ଜାତୀୟ ସେବା ଯୋଜନା ବନ୍ଦ ହୋଇଯାଇଥିବା ବେଳେ ନୂତନ ଅଧ୍ୟକ୍ଷାଙ୍କ ଅନୁରୋଧରେ ପୁଣିଥରେ ସେବା ଯୋଜନା ଆରମ୍ଭ ହୋଇଛି ବୋଲି ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ କରିଥିଲେ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ବାଘେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପାଇବାରୁ ବୃଦ୍ଧା ବଞ୍ଚିତ

ଭାପୁର, ୧୯।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ କୁଞ୍ଜବନପ୍ରସାଦ ଗ୍ରାମର ୮୦ ପ୍ରତିଶତ ଭିନ୍ନକ୍ଷମ ବୃଦ୍ଧା ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁଞ୍ଜବନପ୍ରସାଦ ଗ୍ରାମର ବ୍ରଜକିଶୋର ମହାପାତ୍ରଙ୍କ ସ୍ତ୍ରୀ ସରୋଜିନୀ ମହାପାତ୍ର ବର୍ତ୍ତମାନ ମାସିକ ଏକ ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ମାସିକ ୩୫୦୦ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ମାତ୍ର, ବାସ୍ତବରେ ସବୁଲୋକ ଏହାର ସୁଫଳ ପାଉନାହାନ୍ତି। ସରୋଜିନୀ ଏହି ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ହେଁ ଏ ପର୍ଯ୍ୟନ୍ତ ସେ ଏହି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ସୋମବାର ସରୋଜିନୀ ଘୁଷୁରୀ ଘୁଷୁରୀ ହୋଇ ଆସି ଭାପୁର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ତାଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମସ୍ତିଷ୍କାଘାତରେ ସମାଜସେବୀଙ୍କ ପରଲୋକ

ଭାପୁର, ୧୯।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନିମାଣୀ ପଞ୍ଚାୟତ ଅରଖପଲ୍ଲୀ ଗ୍ରାମର ପ୍ରଫୁଲ୍ଲ କୁମାର ବାରିକ ମସ୍ତିଷ୍କାଘାତରେ ମୃତ୍ୟୁବରଣ କରିଛନ୍ତି। ପ୍ରଫୁଲ୍ଲଙ୍କୁ ପାଞ୍ଚ ଦିନ ପୂର୍ବେ ବ୍ରେନ୍‌ଷ୍ଟ୍ରୋକ ହେବାରୁ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମଙ୍ଗଳବାର ଦିନ ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ଗାଁ ଶ୍ମଶାନରେ ଶେଷ କୃତ୍ୟ କରାଯାଇଛି। ବଡପୁଅ ବୁଲୁ ମୁଖାଗ୍ନି ଦେଇଛନ୍ତି। ମୃତ ପ୍ରଫୁଲ୍ଲଙ୍କ ସ୍ତ୍ରୀ ମନୋରମା ବାରିକ ଜଣେ ଆଶାକର୍ମୀ ଭାବେ କାର୍ଯ୍ୟ କରନ୍ତି। ସେ ବିଜୁ ଜନତା ଦଳର ଜଣେ ଦୃଢ଼ ସମର୍ଥକ ଥିଲେ।

## ଅନୁଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ




ଗଣିଆ, ୧୯।୮ (ସମିସ): ଓଡ଼ିଶା ରାଜ୍ୟ ଅଧ୍ୟାପକ ଅଧ୍ୟାପିକା ସଂଘ ଡାକରାରେ ଗଣିଆ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଅନୁଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ସଂଘ ତରଫରୁ ଏନେଇ ସରକାରଙ୍କୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନଥିବାରୁ ଅଧ୍ୟାପକ ଅଧ୍ୟାପିକାମାନେ କାର୍ଯ୍ୟବନ୍ଦ କରି ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଅଧ୍ୟାପକ ରାକେଶ କୁମାର ବରାଡ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଧ୍ୟାପକ ଭଗବାନ ପୃଷ୍ଟି ପ୍ରକାଶ କରିଛନ୍ତି।

ଓଡ଼ଗାଁ: ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ କାର୍ଯ୍ୟ ବନ୍ଦ କରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନରେ ବସି ରହିଛନ୍ତି। ସଂଘ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ଏହାକୁ ସମର୍ଥନ କରି ଓଡ଼ଗାଁ କଲେଜରେ କାର୍ଯ୍ୟରତ ଅଧ୍ୟାପକ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଅଧ୍ୟାପକ ବିପିନ କୁମାର ମହାପାତ୍ର କହିଛନ୍ତି।

## ଶିଳ୍ପୀ ମହାସଂଘ ପକ୍ଷରୁ ବିକ୍ଷୋଭ




ନୟାଗଡ଼, ୧୯।୮ (ସମିସ): ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ ହଜାର କୋଟି କାରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ଓଡ଼ିଶା ଶିଳ୍ପୀ ମହାସଂଘ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଆଜିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ବହୁ କାରିଗର ସାମିଲ ହୋଇଥିବା ବେଳେ ଟ୍ରାଫିକ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, କାର୍ଯ୍ୟକାରୀ ସମିତି ସଦସ୍ୟ କଳ୍ପତରୁ ପଣ୍ଡା, ନୟାଗଡ଼ ଜିଲ୍ଲା ସଂଯୋଜକ ଶୁଶାନ୍ତ କୁମାର ମହାରଣା, ପବିତ୍ର ମହାରଣା, ହରେକୃଷ୍ଣ ମୁଦୁଲି, ନିର୍ମଳ ଚନ୍ଦ୍ର ସାହୁ, ଭୀମସେନ ମହାରାଣା, ଗୀତାଞ୍ଜଳି କର, ପ୍ରମିଳା ମହାରଣା, ସତ୍ୟନାରାୟଣ ବେହେରା, ଦୀନବନ୍ଧୁ ମୁଦୁଲି, ଅଚ୍ୟୁତ ମହାରଣା, ସୁବାସ ମହାରଣା, ବଂଶୀଧର ମୁଦୁଲି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଦବିଗଲାଣି କଲେଜ ରୋଡ୍ ନୂଆ ପିଚୁରାସ୍ତା



ଓଡ଼ଗାଁ, ୧୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନୟାଗଡ଼ ଭଞ୍ଜନଗର ୨୧ ନମ୍ବର ରାଜ୍ୟ ମୁଖ୍ୟ ସଡ଼କ କଲେଜ ରୋଡ଼ ସନ୍ତୋଷୀ ମା' ମନ୍ଦିର ନିକଟ ଦବି ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଗମନାଗମନ କରୁଥିବା ଯାନବାହାନ ଚଳାଚଳଙ୍କ ସୂଚନା ନିମନ୍ତେ ଗର୍ତ୍ତ ମଧ୍ୟରେ ଏକ ଡାଳପୋତି ସଙ୍କେତ ଦିଆଯାଇଛି। ମାତ୍ର ୨୦ ଦିନ ତଳେ ଉକ୍ତ ରାସ୍ତାରେ ପିଚୁ ପଡ଼ିଥିବା ବେଳେ ଏବେ ସେହି ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହେବାକୁ ନେଇ ନିର୍ମାଣ କାର୍ଯ୍ୟ ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ଗାଁ ଏନ୍‌ଏସି ଅଞ୍ଚଳ ମଧ୍ୟ ଦେଇ ଯାଇଥିବା ରାଜ୍ୟ ରାଜପଥର ପ୍ରଶସ୍ତି କରଣ କାର୍ଯ୍ୟ ବିଭିନ୍ନ ସମୟରେ ଚାଲିଥିବା ବେଳେ ସଡ଼କର ଉଭୟ ପାର୍ଶ୍ୱରେ ନିକଟରେ ପକାଯାଇଥିବା ଫେଭର ବ୍ଲକ ଅବସ୍ଥା କଥା ନକହିବା ଭଲ। ଅନ୍ୟପକ୍ଷରେ ଗୋଟିଏ ପାର୍ଶ୍ୱରେ ପାଣିପାଇପ୍ ଓ ଅନ୍ୟ ପାର୍ଶ୍ୱରେ ଭୂତଳ ବିଦ୍ୟୁତ୍ ଲାଇନ୍ ପଡ଼ିବା କାରଣରୁ ରାସ୍ତା ପାର୍ଶ୍ୱକୁ ଖୋଳା ଯାଉଥିବାରୁ ଏହାର ଭିତିଭୂମି ମଧ୍ୟ ଅଧିକ ଦୁର୍ବଳ ହେଉଛି। ରାସ୍ତା ଦବିବା ସମ୍ପର୍କରେ ପଚାରି ବାରୁ ଆମେ ଖୁବଶୀଘ୍ର ମରାମତି କରାଇଦେବୁ ବୋଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ବେହେରା କହିଛନ୍ତି।

## ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପାଇବେ ଶତ୍ରୁଜିତ

ନୟାଗଡ଼, ୧୯।୮ (ସମିସ): ସପ୍ତମ ଶ୍ରେଣୀ ପାଠ ପଢ଼ି ଡ୍ରଇଁ ଶିକ୍ଷକରୁ ଅଧ୍ୟାପକ ହେବା ସହ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଅନେକ ଗବେଷଣାତ୍ମକ ପୁସ୍ତକ ରଚନା କରିଥିବା ନୟାଗଡ଼ ଜିଲ୍ଲାର ଗର୍ବ ଓ ଗୌରବ ଅନନ୍ୟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅଗଷ୍ଟ ୨୭ ତାରିଖ ୨୦୨୫ରେ ନୟାଗଡ଼ଠାରେ ଅନୁଷ୍ଠିତ ହେବ। ସମାରୋହରେ ଚଳିତ ବର୍ଷ ତଥାସ୍ତୁ ତରଫରୁ କବି, ପ୍ରାବନ୍ଧିକ ଓ ସମ୍ପାଦକ ଶତ୍ରୁଜିତଙ୍କୁ ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ପାଳନ ପାଇଁ କଳା, ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ତଥାସ୍ତୁ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତଥାସ୍ତୁର ସଭାପତି ବସିରନ୍ ବିବିଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ବ୍ୟାପକ ଭାବେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ତଥାସ୍ତୁର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଜୟନ୍ତୀ ସମାରୋହରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ବକ୍ତୃତା, ସାଧାରଣ ଜ୍ଞାନ ଓ ସ୍ୱରଚିତ କବିତା ଲିଖନ ପ୍ରତିଯୋଗିତା କରାଯିବା ସହ କବିତା ପାଠ ଓ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନୀ ତଥା ସାହିତ୍ୟ କୃତି ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ତଥାସ୍ତୁ ତରଫରୁ କବି, ପ୍ରାବନ୍ଧିକ ଓ ସମ୍ପାଦକ ଶତ୍ରୁଜିତଙ୍କୁ



ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରସ୍ତୁତି ବୈଠକରେ ପ୍ରଫେସର ମହମ୍ମଦ ଓମାର ମଲ୍ଲିକ, ନିଳିମା ନନ୍ଦ, ହରପ୍ରିୟା ଦ୍ୱିବେଦୀ, ମମତା ମଞ୍ଜରୀ ଦେବୀ, ମଣିମାଳା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସହ ସମ୍ପାଦକ ଗୋକୁଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ନୀଳମାଧବ ପୀଠରେ ଲବଣି ଚୋରି ଓ କାଳୀୟଦଳନ ନୀତି



କଣ୍ଟିଲୋ, ୧୯।୮ (ସମିସ): ଭଗବାନ ଶ୍ରୀକୃଷ୍ଣଙ୍କ ଗୋପଲୀଳା କ୍ରମରେ ନୀଳମାଧବ ପୀଠରେ ଲବଣି ଚୋରି ଓ କାଳୀୟଦଳନ ନୀତି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି। ପୌରାଣିକ କଥାବସ୍ତୁ ଆଧାରରେ ପ୍ରତୀକାତ୍ମକ ଭାବେ କାଳୀୟ ଦଳନ ନୀତି ସମାପନ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଲବଣି ଚୋରି ନୀତି ପାଇଁ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ବାଳକୃଷ୍ଣ ସ୍ୱତନ୍ତ୍ର ଭାବେ ସଜ୍ଜିତ ମଣି ବିମାନରେ ଅଧିଷ୍ଠିତ ହୋଇ ଗୋପିକା ଗୃହ ବ୍ରାହ୍ମଣ ସାହିର ହୃଷୀକେଶ ମିଶ୍ରଙ୍କ ଘରକୁ ବିଜେ ହୋଇଥିଲେ। ସେଠାରେ ଲବଣି ଚୋରି ନୀତି ପରେ ନିକଟସ୍ଥ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ। ବଗିଚା ମଧ୍ୟରେ ଥିବା ପୁଷ୍କରିଣୀକୁ କାଳୀୟହ୍ରଦ ମନେ କରାଯାଇ ନୀତି ସମ୍ପନ୍ନ ହୋଇଥିଲା। ନୀଳମାଧବ ପୀଠରେ ଏଥିପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ପ୍ରଶାସନ ନିର୍ଦ୍ଦେଶକୁ ଫୁଁ'

# କାଠଚୁଲିରେ ମଧ୍ୟାହ୍ନ ଭୋଜନ ରୋଷେଇ

ଗଣିଆ, ୧୯।୮ (ସମିସ)



ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ କରିବା ତଥା ପରିବେଶର ସ୍ୱଚ୍ଛତା ପାଇଁ ସରକାର ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ବିଦ୍ୟାଳୟକୁ ରନ୍ଧନ ଗ୍ୟାସ ଯୋଗାଇ ଦେଇଛନ୍ତି। ରନ୍ଧନ ଗ୍ୟାସ ବଦଳରେ ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାଠଚୁଲିରେ ରୋଷୋଇ କରାଯାଉଛି। ପାଚିକାମାନେ କାଠ ଫୁଙ୍କି ଫୁଙ୍କି ରୋଷେଇ କରୁଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ୟାସ୍ ଦରବୃଦ୍ଧି ଆଳ ଦେଖାଇ ଖସି ଯାଇଛନ୍ତି। ସରକାର ମଧ୍ୟାହ୍ନ ଭୋଜନ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୧୦ ଟଙ୍କା ୧୫ ପଇସା ଦେଉଥିବା ବେଳେ ୬ଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪ ଟଙ୍କା ୭୪ ପଇସା ଓ ଦଶମ ଶ୍ରେଣୀ ପାଇଁ ୧୪ ଟଙ୍କା ୯୪ ପଇସା ଦେଉଛନ୍ତି। ଜାଳେଣି ପାଇଁ ପିଲା ପିଛା ୧ ଟଙ୍କା ପ୍ରଦାନ କରୁଛନ୍ତି। ବିଦ୍ୟାଳୟରେ ଏଲପିଜି ଗ୍ୟାସ ସଂଯୋଗ ଦିଆଯାଇଛି। ହେଲେ କେଉଁଠି ଗ୍ୟାସ ଖତ ଖାଉଛି ତ ଆଉ କେଉଁଠି ସିଲିଣ୍ଡର ବି ନାହିଁ। କାଠ ଚୁଲିରେ ଚାଲିଛି ମଧ୍ୟାହ୍ନ ଭୋଜନ। ପ୍ରଶାସନ ତରଫରୁ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଶିକ୍ଷକ ମାନେ ଏହାର ଫାଇଦା ଉଠାଇ ଖୁଲମଖୁଲା କାଠ ଚୁଲିରେ ରୋଷେଇ କରୁଛନ୍ତି। ଅଧିକାରୀଙ୍କ ନିର୍ଦ୍ଦେଶକୁ ଖୋଲା ଖୋଲି ଉଲ୍ଲଘଂନ କରାଯାଉଥିବା ବେଳେ ଶିକ୍ଷକ ମାନେ ଗ୍ୟାସ ଦରବୃଦ୍ଧିର ଆଳ ଦେଖାଇ ଉକ୍ତ ଘଟଣାକୁ ଏଡାଇ ଯାଉଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ଫଟୋଗ୍ରାଫର ସଂଘ ପକ୍ଷରୁ ଫଟୋଗ୍ରାଫି ଦିବସ



ଖୋର୍ଦ୍ଧା,୧୯।୮ (ସମିସ): ଜିଲ୍ଲା ଫଟୋଗ୍ରାଫର ସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରବୀର କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଶତାଧିକ ଷ୍ଟୁଡିଓର ଫଟୋଗ୍ରାଫର ଯୋଗଦେବା ସହ ସ୍ଥାନୀୟ ପରିବେଶକୁ ସଫାସୁତରା କରି ବୃକ୍ଷରୋପଣ କରିଥିଲେ। ପରେ ଆୟୋଜିତ ବୈଠକରେ ଜିଲ୍ଲାର ବରିଷ୍ଠ ଫଟୋଗ୍ରାଫର ଦୁର୍ଯ୍ୟୋଧନ ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଫଟୋଗ୍ରାଫରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା। ଫଟୋଗ୍ରାଫି ଏକ ପେସା ନୁହେଁ ବରଂ ଏହା ପ୍ରତିଟି ଫଟୋଗ୍ରାଫର ପାଇଁ ଏକ ଚ୍ୟାଲେଞ୍ଜ ବୋଲି ବରିଷ୍ଠ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଆଖି ସାମ୍ନାରେ ଘଟି ଯାଉଥିବା ଘଟଣାକୁ କିଛି ସେକେଣ୍ଡ ନିଜ କ୍ୟାମେରା ଲେନ୍ସରେ କଏଦ କରିବା ସହଜ କଥା ନୁହେଁ, ଏହା ଏକ ପ୍ରତିଭା। ଆଜିର ସୋସିଆଲ ମିଡିଆ ଓ ଏଆଇ ଯୁଗରେ ନିଜ ପ୍ରତିଭାକୁ ଅଧିକ କ୍ରିୟାଶୀଳ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ସଦସ୍ୟ ସନ୍ଦିପ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଦିବସକୁ କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ସାମନ୍ତରାୟ, ସାଧାରଣ ସମ୍ପାଦକ ଗଗନ ବିହାରୀ ମହାପାତ୍ର, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାପାତ୍ର, ଉପସଭାପତି ଦିଲ୍ଲୀପ ବିଧାର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଶ୍ରୀକାନ୍ତ ଜଗଦେବ, ନାଲୁ ମହାରଣା, ବିଷ୍ଣୁ ମୋହନ ପଟ୍ଟନାୟକ, ମନୋଜ ରାୟସିଂ ପ୍ରମୁଖ ସହଯୋଗ କରିଥିଲେ।

● ଗୋଦାବରୀଶ ମହାବିଦ୍ୟାଳୟ

## ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବାଣପୁର/ଗମ୍ଭାରୀମୁଣ୍ଡା,୧୯।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତଥା ଓସନାଳିଆର ଡକରାରେ ଗତ ୧୮ ତାରିଖଠାରୁ ସାରା ରାଜ୍ୟରେ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୦୮ ରୁ ୨୦୧୮ ମଧ୍ୟରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ପୂର୍ଣ୍ଣ ଅନୁଦାନ ତଥା ଜିଆଇଏ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ୍ ହୋଇ ମହାବିଦ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ସହ କର୍ମକର୍ତ୍ତା ସଙ୍ଘ ପକ୍ଷରୁ ଗତ ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ୨୪ ଚୋରା ମୋବାଇଲ୍ ଫେରାଇଲା ପୁଲିସ

ଖୋର୍ଦ୍ଧା,୧୯।୮ (ସମିସ): ଚୋରି ମୋବାଇଲ ଫେରାଇଛି ପୁଲିସ। ମୋବାଇଲ୍ ଫେରସ୍ତ ମେଳାର ଆୟୋଜନ କରି ଜିଲ୍ଲାର ବିଭିନ୍ନ ଥାନାରେ ଚୋରି ହୋଇଥିବା ମୋବାଇଲ୍ ଉଦ୍ଧାର କରି ଲୋକଙ୍କୁ ମଙ୍ଗଳବାର ଫେରାଇଛି ଜିଲ୍ଲା ପୁଲିସ। ପ୍ରକାଶ ଥାଉକି, ମୋବାଇଲ୍ ଚୋରି ଗଲେ କିମ୍ବା ହଜିଗଲେ ଆଉ ମିଳିବାର ସମ୍ଭାବନା କମ୍ ଥାଏ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାର ପ୍ରତିଦିନ ମୋବାଇଲ ହଜିବା କିମ୍ବା ଚୋରି ହୋଇଯିବା ସଂକ୍ରାନ୍ତରେ ଅନେକ ଏତଲା ମଧ୍ୟ ଦାୟର ହୋଇଛି। ୬ ମାସ ପୂର୍ବେ ଚୋରି ହୋଇଥିବା ମୋବାଇଲ ଜବତ କରି ପୁଲିସ ମାଲିକଙ୍କୁ ଫେରାଇବାରେ ସଫଳ ହୋଇଛି। ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମୋବାଇଲ ଫେରସ୍ତ ମେଳାରେ ଏସ୍‌ପି ସାଗରିକା ନାଥ ୨୪ଟି ଚୋରି କିମ୍ବା ହଜିଥିବା ମୋବାଇଲକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଜବତ କରି ସେଗୁଡ଼ିକ ଚିହ୍ନଟ କରି ମୋବାଇଲ ମାଲିକଙ୍କୁ ଫେରାଇଛନ୍ତି। ମୋବାଇଲ ପାଇ ଲୋକମାନେ ଖୁସି ହୋଇ ଜିଲ୍ଲା ପୁଲିସକୁ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସମେତ ଅତିରିକ୍ତ ଏସ୍‌ପି ଅମ୍ରିତ ପାଲ ସିଂ, ଇନ୍ସପେକ୍ଟର ସୁଚିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ତେଜୁଛି ପୌରନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

ଖୋର୍ଦ୍ଧା,୧୯।୮ (ସମିସ)

ପୁଣି ବିବାଦରେ ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀ। ତାଙ୍କ ଅତୀତ ଏବଂ ବର୍ତ୍ତମାନର ଆଚରଣ ଉଚ୍ଚାରଣ କାର୍ଯ୍ୟକଳାପ ବିରୋଧରେ ଅସନ୍ତୋଷ ପୁଞ୍ଜିଭୂତ ହେବାକୁ ଯାଉଛି। ସାଧାରଣ ଲୋକଙ୍କ ପ୍ରତି ଆଚରଣ, ଉଚ୍ଚାରଣ ଏବଂ ପୌରାଧ୍ୟକ୍ଷା, ନିର୍ବାଚିତ କାଉନ୍‌ସିଲ ବିନା ଅନୁମୋଦନରେ ବ୍ୟାପକ ଅନିୟମିତତା କାର୍ଯ୍ୟ କରୁଥିବା ଯାହା ପୌରବାସୀଙ୍କୁ ବ୍ୟଥିତ କରୁଛି। ତେଣୁ ସମ୍ପୃକ୍ତ ଅଧିକାରିଣୀଙ୍କୁ ତୁରନ୍ତ ବଦଳି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମେରି ରାୟ ନୀତିରେ ନିର୍ଦ୍ଦିଷ୍ଟ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କୁ ହାତବାରିଶି କରି କ୍ୟାବିନ୍ ବ୍ୟବସାୟୀଙ୍କୁ ଥଇଥାନ ଆଳରେ ବ୍ୟାପକ ଅନିୟମିତତା ହୋଇଥିବା ବିଭିନ୍ନ ସମୟରେ ଖବର ପ୍ରକାଶିତ ହୋଇଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷା କିମ୍ବା କାଉନ୍‌ସିଲର ଅବଗତ ନ ଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଶୌଚାଳୟ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ପୂର୍ବରୁ ଗଣମାଧ୍ୟମରେ ଲୋକଲୋଚନକୁ ଆସିବା ପରେ ଉଚିତ୍ ତଦନ୍ତ ପାଇଁ ପୌରବାସୀ ଦାବି ରଖିଛନ୍ତି।

୨୨ଟି ୱାର୍ଡର ସଫେଇ କାର୍ଯ୍ୟକୁ ଘରୋଇକରଣ କରାଯାଇଛି। ଘରୋଇ ଠିକାସଂସ୍ଥାକୁ ଟେଣ୍ଡର ଯୋଗେ ଦିଆଯାଇଥିଲା। ମାତ୍ର ଦୀର୍ଘଦିନ ହେଲା ସମ୍ପୃକ୍ତ ଠିକା ସଂସ୍ଥାର ଟେଣ୍ଡର ଅବିଧି ଶେଷ ହୋଇଯାଇଥିଲେ ମଧ୍ୟ ନୂଆ ଟେଣ୍ଡର କରାନଯାଇ ଉକ୍ତ ସଂସ୍ଥାକୁ ଅହେତୁକ



DM20251299114 Detail Information

| | | | |
|---|---|---|---|
| Registration No. | DM20251299114 | Received By | Collector, Khordha |
| Name | Sourya Ranjan Mohanty | Received Date | 07-Aug-2025, 4:52 PM |
| Contact No | 7008659898 | Email Address | – |
| Address | Khordha (M) - Ward No.12,Khordha (m) - ward no.12,Khordha mpl,Khordha,ODISHA | Current Status | Open |
| Grievance Details | On behalf of ward no 12 of kmc khurda we want to transfer of Executive Officer immediately. Because she is doing all the work without taking approval of Elected Chairperson and councils. So she is disrespecting the rules and acts of people's representation act. Also all the general public of khurda municipality are very very dissatisfy on her work. Kindly take it as a prayer towards wellness of khurda people. | | |

Action History Details

| Sl# | Action Date | Description | Sent By | Case Presently with |
|---|---|---|---|---|
| 1 | 07-Aug-2025 04:52 PM | Complaint Register | Sourya Ranjan Mohanty | Collector, Khordha |
| 2 | 08-Aug-2025 11:25 AM | Complaint Assigned | Collector, Khordha | Executive Officer , Khordha MPL |

Remark : Appropriate action may be taken in the matter.

ଅନୁକମ୍ପା ପ୍ରଦର୍ଶନ କରିବା ସହିତ ଭିତିରିଆ ଭାବେ କାର୍ଯ୍ୟାଦେଶ ପ୍ରଦାନ ପାଇଁ ମସୁଧା ଚାଲିଥିବାର ମଧ୍ୟ ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବିନା ଠିକା ସଂସ୍ଥାରେ କିଏ ସଫେଇ କାର୍ଯ୍ୟ କରୁଛି ଏବଂ ସେଥିପାଇଁ ଆର୍ôଥକ ଅନୁଦାନ କିପରି ମଞ୍ଜୁର କରାଯାଉଛି ତାହା ମଧ୍ୟ ସନ୍ଦେହ ଘେରରେ, ଯାହା ତଦନ୍ତ ସାପେକ୍ଷ। ଏହିଭଳି ଅନିୟମିତତାର ଲମ୍ବା ତାଲିକା ସମ୍ପୃକ୍ତ ଅଧିକାରିଣୀଙ୍କ ବିରୋଧରେ ଯୋଡ଼ି ହୋଇଯାଉଛି। ଯାହା ସମ୍ପର୍କରେ ପୌରାଧ୍ୟକ୍ଷା କିମ୍ବା କାଉନ୍‌ସିଲ୍ ଅବଗତ ନ ଥିବା ଅଭିଯୋଗ ହୋଇଛି। କ୍ୟାବିନ୍ ବ୍ୟବସାୟୀଙ୍କ ଭାଗ୍ୟକୁ ନିର୍ଦ୍ଦିଷ୍ଟ ଜଣେ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କ ହାତରେ ଅଧିକାରିଣୀ ଜଣକ ଟେକି ଦେଇଥିବା ଅଭିଯୋଗ ହେଉଛି। ଏଭଳି ଅନେକ ବିବାଦରେ ଥିବା ଅଧିକାରିଣୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ପୌରବାସୀ। ଅଣନିଃଶ୍ୱାସୀ ହୋଇ ପଡ଼ିଥିବା ପୌରବାସୀ ସମ୍ପୃକ୍ତ ପୌରନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ

- ■ ଆଚରଣ, ଉଚ୍ଚାରଣ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ
- ■ ବଦଳି ଦାବି ଜିଲ୍ଲା କାର୍ଯ୍ୟାଳୟରୁ ରାଜ୍ୟ କାର୍ଯ୍ୟାଳୟକୁ ବ୍ୟାପିବା ଆଶଙ୍କା
- ■ ଆଜି କାଉନ୍‌ସିଲ୍ ବୈଠକରେ ହୋଇପାରେ ହଙ୍ଗାମା

ବଦଳି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଏକ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଛି।

ଅଭିଯୋଗ ମୁତାବକ, ଉକ୍ତ ଅଭିଯୋଗ ଗତ ୭ ତାରିଖ ଅପରାହ୍ଣରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଥିବାବେଳେ ପଞ୍ଜୀକରଣ ସଂଖ୍ୟା ଡିଏମ୍୨୦୨୫୧୨୯୯୧୪୪ ବୋଲି ଉଲ୍ଲେଖ ରହିଛି। ୮ ତାରିଖରେ ବିଭାଗୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠନ ଗ୍ରହଣ ସଂକ୍ରାନ୍ତରେ ପୌରନିର୍ବାହୀ ଅଧିକାରିଣୀଙ୍କୁ ଅବଗତ କରାଯାଇଥିବା ପ୍ରାମାଣିକ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ କୌଣସି କାରଣରୁ ପୌର କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହିବା ଘଟଣା ପୌରାଧ୍ୟକ୍ଷା ଏବଂ କାଉନ୍‌ସିଲ୍ ମଧ୍ୟରେ ଚାଲିଥିବା ବିବାଦକୁ ପଦାରେ ପକାଇଛି। ପୌରନିର୍ବାହୀ ଅଧିକାରୀଙ୍କ ତୁରନ୍ତ ବଦଳି ଦାବି ଜିଲ୍ଲାପାଳଙ୍କ ନିକଟରେ କରିବା ଚର୍ଚ୍ଚା ଏହାକୁ ବେଶ୍ ଖୋରାକ ଯୋଗାଇଛି। ପୌରବାସୀଙ୍କର ପୌରନିର୍ବାହୀ ଅଧିକାରୀଙ୍କ ପ୍ରତି ଅଦୃଶ୍ୟ ଭାବେ ଥିବା ଅସନ୍ତୋଷ ଦୃଶ୍ୟମାନ ହୋଇଛି। ବୁଧବାର ହେବାକୁ ଥିବା କାଉନ୍‌ସିଲ ବୈଠକରେ ଏହି ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି।

ପୂର୍ବରୁ ପୌର ପରିଷଦ ସାଧାରଣ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ କାର୍ଯ୍ୟ ବିରୋଧରେ ପ୍ରଶ୍ନ ଉଠିଥିବାବେଳେ ଉପସ୍ଥିତ ଥିବା ପୌରାଧ୍ୟକ୍ଷା ଏବଂ ବରିଷ୍ଠ କାଉନ୍ସିଲରଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ହୋଇଥିବା ଅନେକ ନଜିର ରହିଛି। ମାତ୍ର କୁହୁଳୁଥିବା ଅବସ୍ଥାରେ ଥିବା ଜନଅସନ୍ତୋଷ ବର୍ତ୍ତମାନର ଅଗଷ୍ଟ ୧୫ ଏବଂ ତୁରନ୍ତ ବଦଳି ଦାବି ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ଅବସ୍ଥାକୁ ଚାଲି ଆସିଛି। ଜିଲ୍ଲା କାର୍ଯ୍ୟାଳୟଠାରୁ ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହା ବ୍ୟାପିବାର ଆଶଙ୍କା ରହିଛି। କାରଣ ଏହି ଅସନ୍ତୋଷ ବର୍ତ୍ତମାନ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଥିବାବେଳେ ଆଗକୁ ରାଜ୍ୟ ସରକାରଙ୍କ ନିକଟରେ ନ ପହଞ୍ଚିବ ଏଥିରେ ଦ୍ୱିମତ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ



ଜଟଣୀ,୧୯।୮ (ସମିସ): ଜଟଣୀ ଅଞ୍ଚଳର ଜଣାଶୁଣା ସଂଗଠକ ହେମନ୍ତ ମହାପାତ୍ର (କୁନେଇ)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ ବିଜୁ ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ଥିଲେ। ବର୍ତ୍ତମାନର ଜଟଣୀ ବିଧାୟକଙ୍କର ଅତ୍ୟନ୍ତ ଘନିଷ୍ଠ ରାଜନୈତିକ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ଜଟଣୀର ପୂର୍ବତନ ବିଧାୟକ ଶରତ ପାଇକରାୟଙ୍କର ମଧ୍ୟ ସେ ରାଜନୈତିକ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ବିଶେଷ ଭାବେ ଯେକୌଣସି ପ୍ରକାର ହସ୍ପିଟାଲଜନିତ ସମସ୍ୟା ହେଲେ ସେ ତୁରନ୍ତ ପହଞ୍ଚି ସାହାଯ୍ୟ ସହଯୋଗ କରିଥା'ନ୍ତି। ମଙ୍ଗଳବାର ହୃଦ୍‌ଘାତଜନିତ ସମସ୍ୟା ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନଈରେ ଭାସି ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୧୯।୮ (ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ଶାଳିଆ ନଈର ଶାଖା କଂଶାରୀ ନଈକୁ ଗାଧୋଇବାକୁ ଯାଇ ସୋମବାର ସକାଳେ ଜଣେ ଯୁବକ ଭାସିଯାଇ ନିଖୋଜ ହୋଇଯାଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ସହ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି ଚଳାଇଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଯୁବକଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ମଙ୍ଗଳବାର ସକାଳୁ ଅଗ୍ନିଶମ ବାହିନୀ ସହ ଓଡ୍ରାଫ୍ ଟିମ ପୁଣି ଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବାବେଳେ ଅପରାହ୍ଣ ପ୍ରାୟ ୧ଟା ସମୟରେ ଯୁବକ ବୁଡ଼ିଥିବା ସ୍ଥାନର ଅନତିଦୂର ଦଳ ମଧ୍ୟରେ ମୃତଦେହ ଭାସୁଥିବାର ଦେଖି ଉଦ୍ଧାର କରିଥିଲେ। ବାଲୁଗାଁ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକ ଜଣକ ହେଲେ ବାଲୁଗାଁ ଥାନା ବାଙ୍କିଆପଲ୍ଲି ଗ୍ରାମର ସ୍ୱର୍ଗତ ବାବୁଲା ବେହେରାଙ୍କ ପୁଅ ଆଶୀର୍ବାଦ ବେହେରା ଓରଫ କାର୍ତ୍ତିକ (୨୦)।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ବେଗୁନିଆ,୧୯।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ସୁଜିତ କୁମାର ନାଗଙ୍କ ତତ୍ତ୍ୱାବଧାନରେ ଚଢ଼ଉ ହୋଇଛି। ତେବେ ଗୁରୁଜଙ୍ଗ ଗ୍ରାମ ଟାଙ୍ଗୀ ସାହିର ଅଜୟ ସୁନ୍ଦରାୟ ନାମକ ଜଣେ ବ୍ୟକ୍ତି ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଶିଳ୍ପାଞ୍ଚଳରେ ବ୍ରାଉନ୍‌ସୁଗର୍ ବ୍ୟବସାୟ କରୁଥିଲେ। ଏଥିରେ ଭ୍ରାମ୍ୟମାଣ ଅବକାରୀ ବିଭାଗର କର୍ମଚାରୀମାନେ ଚଢ଼ଉ କରି ୫୩ ଗ୍ରାମ୍ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବେଗୁନିଆକୁ ଏନ୍‌ଏସି ଦାବିରେ ୨୨ରେ ବିଜେଡିର ବିକ୍ଷୋଭ

ବେଗୁନିଆ,୧୯।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବେଗୁନିଆକୁ ଏନ୍‌ଏସି କରିବା ପାଇଁ ଘୋଷଣା କରାଯାଇଥିଲା। ତେବେ ବିଜେପି ଶାସନ କ୍ଷମତାକୁ ଆସି ବେଗୁନିଆକୁ ବାଦ୍ ଦେଇ ୧୨ଟି ଏନ୍‌ଏସି ଘୋଷଣା କରାଯାଇଛି। ଏଥିରେ ବେଗୁନିଆ ଏନ୍‌ଏସିର ନାମ ନ ଥିବାରୁ ଆସନ୍ତା ୨୨ ତାରିଖରେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବ ବୋଲି ସୂଚନା ମିଳିଛି। ଏ ନେଇ ବେଗୁନିଆ ସଦର ମହକୁମାସ୍ଥିତ ଡାକବଙ୍ଗଳାଠାରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଆବାହକତ୍ୱରେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବ୍ଲକ୍ ବିଜେଡି ସଭାପତି ପ୍ରଶାନ୍ତ ବେହେରା, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ସମାଜସେବୀ ନୀଳକଣ୍ଠ ସ୍ୱାଇଁଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଭୁ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଭାତ ସାହୁ ଓ ପଞ୍ଚାୟତର ୱାର୍ଡ ସଭ୍ୟ ସହ ସଚେତନ ନାଗରିକମାନେ ଉପସ୍ଥିତ ରହି ବେଗୁନିଆ ବନ୍ଦ ଡକରାକୁ ସମର୍ଥନ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରି ଗିରଫ

ବାଣପୁର,୧୯।୮ (ସମିସ): ଟ୍ୟୁସନ ସାରି ରାତିରେ ଘରକୁ ଫେରୁଥିବାବେଳେ ଜଣେ ନାବାଳିକା ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଦର୍ଶନ ବାରିକ (୪୩)।

ଅଭିଯୋଗ ମୁତାବକ, ବାଣପୁର ଏନ୍‌ଏସି ଅଞ୍ଚଳର ଛାତ୍ରୀ ଜଣକ(୧୫) ଗତ ୧୨ ତାରିଖ ରାତି ପ୍ରାୟ ୮ଟାରେ ଟ୍ୟୁସନ ସାରି ଘରକୁ ଫେରୁଥିଲେ। ତେବେ ତୁଳସୀଦେଇପୁର କମଳେଶ୍ୱର ମନ୍ଦିର ନିକଟରେ ତୁଳସୀଦେଇପୁର ଗ୍ରାମର ଦର୍ଶନ ବାରିକ ସମ୍ପୃକ୍ତ ଛାତ୍ରୀଙ୍କୁ ମାର୍‌ଧର୍ କରିବା ସହ ଏକ ବ୍ଲେଡ୍‌ରେ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ହାତରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିବା ସହ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଦର୍ଶନକୁ ଗିରଫ କରି ମଙ୍ଗଳବାର ଭୁବନେଶ୍ୱର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ମନ୍ଦିର ପ୍ରାଚୀର ଭାଙ୍ଗିଲା ବଣୁଆ ହାତୀ



ବେଗୁନିଆ,୧୯।୮ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ପ୍ରସିଦ୍ଧିଲାଭ କରିଥିବା ଶୈବ ପୀଠ ବାବା ଲୋକନାଥ ଦେବଙ୍କ ମନ୍ଦିର ପ୍ରାଚୀର ବଣୁଆ ହାତୀ ସୋମବାର ବିଳମ୍ବିତ ରାତିରେ ଭାଙ୍ଗି ଦେଇଛି। ଯାହାକି ୪୦ ହାତରୁ ଅଧିକ ପ୍ରାଚୀର ଭାଙ୍ଗି ଦେଇଛି ବୋଲି ଜଣାପଡ଼ିଛି। ଏହି ହାତୀଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲିଆସିଥିବା ବେଳେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ବନ ବିଭାଗ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖି ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

## ସମାଜସେବୀଙ୍କ ପରଲୋକ

ଟାଙ୍ଗୀ,୧୯।୮ (ସମିସ): ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପୂର୍ବତନ ଉପସଭାପତି ଦିଲ୍ଲୀପ କୁମାର ମହାନ୍ତିଙ୍କ (୭୧) ପରଲୋକ ଘଟିଛି। ତାଙ୍କ ବିୟୋଗରେ ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନଙ୍କ ପୌରୋହିତ୍ୟରେ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ଅମର ଆତ୍ମାର ସଦ୍‌ଗତି କାମନା ସହିତ ତାଙ୍କ ପରିବାରକୁ ପ୍ରଭୁ ମହାବୀର ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ମତବ୍ୟକ୍ତ କରିଥିଲେ। ଏଥିରେ ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହସମ୍ପାଦକ ରମେଶ ନାଇଡୁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସଚ୍ଚିଦାନନ୍ଦ ପ୍ରଧାନ, ଆନନ୍ଦ ରାଓ, ହରିବନ୍ଧୁ ସାମନ୍ତରାୟ, ରତ୍ନାକର ସାମନ୍ତରାୟ, ବିଭୂତି ଚମ୍ପତି, କେଦାର ପାତାଳସିଂହ, ବିପିନ ଉଦୟସିଂହ, ଲଳିତ ମୋହନ ବରାଳ, ହେମନ୍ତ ଜେନା, ସଞ୍ଜୟ ସ୍ୱାଇଁ, ବାବୁଲା ପାତ୍ର, ଲକ୍ଷ୍ମୀକାନ୍ତ ଦଳାଇ ଓ ସିଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀ ପ୍ରଣବାନନ୍ଦ ପାଠାଗାର ଉଦ୍‌ଘାଟିତ

ବେଗୁନିଆ,୧୯।୮ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଗ୍ରନ୍ଥାଗାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୁରୁକୂଳ ଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବେଙ୍ଗାଲୁରୁସ୍ଥିତ କମ୍ବିଅମ୍ ନେଟ୍‌ୱର୍କର ଉପସଭାପତି ବିଜୁ କୁଞ୍ଜୁକୁଞ୍ଜୁ ମୁଖ୍ୟ ଅତିଥି, ନେଟ୍‌ୱର୍କର ବରିଷ୍ଠ ନିର୍ଦ୍ଦେଶକ ସନ୍ଦୀପ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ପୁସ୍ତକ ଅଧ୍ୟୟନ ଦ୍ୱାରା ଉତ୍ତମ ଜ୍ଞାନ ଆହରଣ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଚଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ପ୍ରବୀର୍ ମଲ୍ଲିକ, ରତିକାନ୍ତ ସୁନ୍ଦରାୟ ଓ ସାଧକ ଗୋପାଳଜୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଲ ନିର୍ମାଣ ବନ୍ଦ; ପ୍ରଶାସନ ନୀରବଦ୍ରଷ୍ଟା

# ଗ୍ରାମର ୭୦ ବସ୍ତିର ପରିବାର ହନ୍ତସନ୍ତ

ବାଣପୁର/ଗମ୍ଭାରୀମୁଣ୍ଡା, ୧୯।୮ (ସମିସ)



ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ବେଲଡିହ ଗ୍ରାମର ମୁଖ୍ୟରାସ୍ତା ସ୍ଥିତ ଏକ ପୋଲ ନିର୍ମାଣ କାର୍ଯ୍ୟ ଏବେ ବନ୍ଦ ହୋଇଯାଇଥିବାରୁ ୭୦ଟି ବସ୍ତିର ପରିବାର ଲୋକଙ୍କ ଦୁଃଖ କହିଲେ ନସରେ। ବେଲଡିହ ଗ୍ରାମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବସ୍ତି ଥିବାବେଳେ ଗ୍ରାମର ପଶ୍ଚିମ ପାଖର୍ଶେ ପ୍ରାୟ ୭୦ ବସ୍ତିର ଲୋକେ ବସବାସ କରନ୍ତି। ସେହି ପଶ୍ଚିମ ପାଶ୍ୱର୍ ସାହିକୁ ଯିବା ରାସ୍ତାରେ ଜରିପଡ଼ା ନାମକ ନାଳ ପଡୁଥିବାବେଳେ ସେଠାରେ ଏକ ପରିତ୍ୟକ୍ତ ପୋଲ ଥିଲା। ଉକ୍ତ ପୋଲକୁ ପୁନରୁଦ୍ଧାର କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଆସୁଥିବା

ବେଳେ ବିଜେଡି ସରକାର ସମୟରେ ପ୍ରାୟ ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ପୋଲ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ଦୁଃଖ ଓ ପରିତାପର ବିଷୟ ଉକ୍ତ ପୋଲ ନିର୍ମାଣ ଗତ ମାର୍ଚ୍ଚ ମାସରେ ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରି ପୁରୁଣା ପୋଲଟିକୁ ଭାଙ୍ଗି ଦେଇଥିଲେ। କିନ୍ତୁ କାର୍ଯ୍ୟ ଏବେ ବନ୍ଦ ରହିଥିବାବେଳେ ଏଯାବତ୍ ସେଠାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପନ ହୋଇପାରିଲା ନାହିଁ। ବର୍ତ୍ତମାନ ବର୍ଷା ଦିନରେ ଉକ୍ତ ଜରିପଡ଼ା ନାଳ ଦେଇ ପ୍ରାୟ ୪ ଫୁଟ୍ ଉଚ୍ଚରେ ପାଣି ସୁଅ ଛୁଟୁଥିବାବେଳେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ୭୦ ବସ୍ତି ପରିବାର ଲୋକେ ଏକପ୍ରକାର ଅଞ୍ଚଳରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି। ଏପରିକି ପିଲାମାନେ ସ୍କୁଲ, କଲେଜ ଯିବାକୁ ଭୟ କରୁଥିବାବେଳେ, ରୋଗୀଙ୍କୁ ଡାକ୍ତରଖାନାକୁ ନେବାରେ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଲୋକଙ୍କ ଯାତାୟାତ ନିମନ୍ତେ ଠିକାଦାର ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ତାହା ଖାଲୁଆ ସ୍ଥାନରେ ହୋଇଥିବାରୁ ସ୍ୱଳ୍ପ ବର୍ଷାରେ ଉକ୍ତ ରାସ୍ତାରେ ପ୍ରାୟ ଆଣ୍ଠୁଏ ଉଚ୍ଚରେ ପାଣି ସୁଅ ଛୁଟୁଛି। ଫଳରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ପୋଲ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଗ୍ରାମବାସୀ ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭକରି ନେତା ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଅନ୍ୟପକ୍ଷେ ଏହି ପୋଲ ଭଙ୍ଗାଯିବାର ପ୍ରାୟ ୨ମାସ ପରେ ଆୟତପୁର ଦେଉଗାଁ ମଝିରେ ଥିବା ପୋଲଟି ଭଙ୍ଗାଯାଇଥିବାବେଳେ ବର୍ତ୍ତମାନ ତାହାର ନିର୍ମାଣ କାର୍ଯ୍ୟ ସରିଛି। ଲୋକଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଭୂମିହୀନଙ୍କୁ ଜମି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ



ଖୋର୍ଦ୍ଧା,୧୯।୮ (ସମିସ): ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଜମିରେ କାଜୁଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବାସିନ୍ଦାଙ୍କୁ ପ୍ରଶାସନ ଶିଳ୍ପ ନାଁରେ ଉଚ୍ଛେଦ କରୁଛି। ଜୋର୍‌ଜବରଦସ୍ତ ସେମାନଙ୍କୁ ତାଙ୍କ ଜମିରୁ ଉଚ୍ଛେଦ କରାଯାଉଛି। ମାତ୍ର ଉଚ୍ଛେଦ ହେଉଥିବା ଲୋକଙ୍କୁ ଥଇଥାନ କରାଯାଉନି। ପ୍ରଶାସନ ନିକଟକୁ ଦୌଡ଼ିଲେ ପ୍ରଶାସନ ଶୁଣୁନି। ଏହାର ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ବାସନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନା ପ୍ରକାରେ, ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ନାଳିପଡ଼ା ଅର୍ଜୁନପୁର ପଞ୍ଚାୟତ ହଳଦୀପଦା ଗ୍ରାମର ଆଦିବାସୀ ସମ୍ପ୍ରଦାୟ ୧୯୮୦-୮୧ ମସିହାରୁ ପ୍ରାୟ ୪୫ ବର୍ଷ ଧରି ସରକାରଙ୍କ ପକ୍ଷରୁ ପ୍ରାଖାପାଖି ୨୫ ଏକର ଜମି ପଟ୍ଟା ପାଇ କାଜୁ ବଗିଚା କରି ଭୋଗଦଖଲ କରିଆସୁଥିଲେ। ମାତ୍ର ଶିଳ୍ପ ସଂସ୍ଥା ପ୍ରତିଷ୍ଠା ନାଁରେ ସେମାନେ ଭୋଗଦଖଲ କରୁଥିବା ଜମିରୁ ଉଚ୍ଛେଦ କରାଯାଉଛି। ଏନେଇ କୌଣସି ଗ୍ରାମ୍ୟ କମିଟି ବୈଠକ ହୋଇନାହିଁ କି ଆଦିବାସୀଙ୍କ ମତାମତ ନିଆଯାଇନି। ସେମାନଙ୍କୁ ଥଇଥାନ ନ କରି ସେମାନଙ୍କ ଘରବାରି ଉଚ୍ଛେଦ କରାଯାଇଛି। ଏନେଇ ସେମାନେ ପ୍ରଶାସନ ନିକଟକୁ ଦୌଡୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଏହା ପ୍ରତିବାଦରେ ମଙ୍ଗଳବାର ବିକ୍ଷୋଭ କରି ପରେ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଭୂମିହୀନମାନଙ୍କୁ ଜମି ଯୋଗାଇଦେବାକୁ ଦାବି କରିଛନ୍ତି। ଏହି ବିକ୍ଷୋଭ ହଳଦୀପଦାର କେତେକ ଗ୍ରାମବାସୀ ଓ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ରାଜ୍ୟ କମିଟି ସଭ୍ୟ ତଥା ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରା, ଆଞ୍ଚଳିକ ସମ୍ପାଦକ କମ୍ରେଡ୍ ଅଶୋକ ସାହୁ, ଆଞ୍ଚଳିକ କମିଟି ସଭ୍ୟ ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ଅରୁଣ ନାୟକ, ସୁମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୫୦ ● ପାଉଣ୍ଡ ୧୧୭.୦୧
- ୟୁରୋ ୧୦୧.୩୫ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୬୪୪.୦୦
- ନିଫ୍ଟି ୨୪,୯୮୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘର ୪୭ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୯।୮ (ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ, ଭୁବନେଶ୍ୱର ମଣ୍ଡଳ ଏହାର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ସଂଘର ସଂସ୍ଥାପକ ସଦସ୍ୟ ଏନ୍.ଏନ୍. ଦାସ୍ ଓ ପି.ଭି.ଏସ୍. ମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରିଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହାପ୍ରବନ୍ଧକ କୌଶଳ କିଶୋର ସିଂ ଏସ୍‌ବିଆଇ ଅଧିକାରୀମାନଙ୍କର ସେବା-ସ୍ଥିତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧାସମୂହ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଉପମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘ ସାଧାରଣ ସଚିବ ଓ ଅଧ୍ୟକ୍ଷ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ସମାଜ ପ୍ରତି ସଂଘର ଦାୟିତ୍ୱବୋଧକୁ ପ୍ରକାଶ କରି, ଭୁବନେଶ୍ୱରର ୟୁନିଟ୍-୬ ର "ଆଶ୍ରୟ" ଡେଷ୍ଟିଟ୍ୟୁଟ୍‌ରେ ନିରାଶ୍ରୟଙ୍କ ପାଇଁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳିତ ହେଲା ତଥା ସହରରେ ଯାତାୟାତ ଓ ଶୃଙ୍ଖଳା ବ୍ୟବସ୍ଥାରେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାନୁଶାସନ ରକ୍ଷାରେ ସେବାଦାନ କରୁଥିବା ୪୧ ଜଣ ଟ୍ରାଫିକ୍ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜୋନ ଯଥା ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର ଓ ଭୁବନେଶ୍ୱର ଆଦି ଅଞ୍ଚଳରେ ମଧ୍ୟ ଅଧିକାରୀ ସଂଘର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା।

# ଟ୍ରମ୍ପ୍ ଶୁଳ୍କ ପ୍ରଭାବହୀନ; ୟୁକେ ବଜାର ଉପରେ ନାଲ୍‌କୋର ନଜର

ଭୁବନେଶ୍ୱର, ୧୯।୮ (ସମିସ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କର ପ୍ରଭାବ ନବରତ୍ନ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ବ୍ୟବସାୟ ଉପରେ ପଡୁନାହିଁ। ବର୍ତ୍ତମାନ କମ୍ପାନୀ ଆମେରିକା ବାହାରେ ଅନ୍ୟ ସ୍ଥାନରେ ବ୍ୟବସାୟ ସନ୍ଧାନରେ ରହିଛି। ସାମ୍ପ୍ରତିକ ସମୟରେ ନାଲ୍‌କୋ ୟୁକେ ସହ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛି। କାରଣ

- **ଇଭି, ସୌର ପ୍ୟାନେଲ୍ କ୍ଷେତ୍ରରେ କମ୍ପାନୀ ପାଇଁ ବଡ଼ ସୁଯୋଗ**
- **ପଟାଙ୍ଗୀ ବକ୍ସାଇଟ୍ ଖଣି ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ**
- **୨୦୩୦ ସୁଦ୍ଧା ଶେଷ ହେବ ୩୪,୬୦୦ କୋଟିର ସମ୍ପ୍ରସାରଣ କାର୍ଯ୍ୟ**

ୟୁକେରେ ବୈଦ୍ୟୁତିକ ଯାନ(ଇଭି) ଏବଂ ସୌର ପ୍ୟାନେଲ୍ ଉତ୍ପାଦନ କ୍ଷେତ୍ରରେ ଏକ ସୁଦୃଢ଼ ବଜାର ରହିଛି। ଏହି ଦୁଇ




କ୍ଷେତ୍ରରେ ଆଲୁମିନିୟମ୍‌ର ଜୋରଦାର ଚାହିଦା ରହିଥିବା ଭୁବନେଶ୍ୱରଠାରେ ମିଡିଆ କନେକ୍ଟ ୨୦୨୫ରେ ଯୋଗଦେଇ ନାଲକୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହା କହିଛନ୍ତି।

ନାଲ୍‌କୋ ଘରୋଇ ବଜାରରେସର୍ବାଧିକ ଆଲୁମିନା ଏବଂ ଆଲୁମିନିୟମ୍ ବିକ୍ରି କରି ନୂଆ ରେକର୍ଡ ସ୍ଥାପନ କରିଛି। କମ୍ପାନୀ କୋରାପୁଟ ସ୍ଥିତ ପଟାଙ୍ଗୀ ବକ୍ସାଇଟ୍ ଖଣିକୁ ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରଖିଛି। ଏଥିପାଇଁ ଜିଓ-ଟେଣ୍ଡରିଂ କାର୍ଯ୍ୟ ଚଳିତବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ। ଏହି ଖଣି ୬୯୭.୯୭୯ ହେକ୍ଟର ଜମିରେ ପରିବ୍ୟାପ୍ତ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩.୫ ନିୟୁତ ଟନ୍। ଏହି ଖଣିରେ କମ୍ପାନୀ ୧୯୬୧ କୋଟି ଟଙ୍କା ନିବେଶ କରିବ ବୋଲି ଶ୍ରୀ ସିଂହ କହିଛନ୍ତି। ସେହିପରି କମ୍ପାନୀ ଦାମନଯୋଡି ସ୍ଥିତ ଆଲୁମିନିୟମ୍ ବିଶୋଧନାଗାରର ୫ମ ସମ୍ପ୍ରସାରଣରେ ୫୬୦୦ କୋଟି ନିବେଶ କରିବ। ସେହିପରି ଅନୁଗୋଳ ପ୍ଲାଣ୍ଟର ଆଲୁମିନିୟମ୍ ସ୍ମେଲଟରରେ ୧୭ ହଜାର କୋଟି ଟଙ୍କା ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ନିର୍ମାଣରେ ନାଲ୍‌କୋ ୧୨,୦୦୦ କୋଟି ଟଙ୍କା ଖଟାଇବାକୁ ଯୋଜନା ରଖିଛି। ତେବେ ଏହି ସମ୍ପ୍ରସାରଣ ଯୋଜନା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ପ୍ରସ୍ତୁତ ହୋଇଯିବ। ପରେ ଏହାକୁ ଅନୁମୋଦନ ଲାଗି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିକଟକୁ ପଠାଯିବ ବୋଲି ସେ କହିଛନ୍ତି। ଏହାଛଡା ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ ନାଲ୍‌କୋର ନେଟ୍ ଲାଭ ରେ ୭୭% ବୃଦ୍ଧି ଘଟି ୧୦୬୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପରିଚାଳନାଗତ ରାଜସ୍ୱ ୩୮୦୭ କୋଟି ଟଙ୍କା ହୋଇଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ କମ୍ପାନୀର କାର୍ଯ୍ୟକଳାପ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ଏକରୁ ଅଧିକ କ୍ରେଡିଟ୍ କାର୍ଡରେ ଖରାପ ହେବ କି ସିବିଲ୍ ସ୍କୋର!

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆଜିକାଲି, ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡ ବ୍ୟବହାର କରିବା ଆରମ୍ଭ କରିବା ମାତ୍ରେ, ଅଳ୍ପ ସମୟ ମଧ୍ୟରେ ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ତାଙ୍କୁ କ୍ରେଡିଟ୍ କାର୍ଡ ଦେବା ପାଇଁ ଯୋଗାଯୋଗ କରିବା ଆରମ୍ଭ କରିଦେଉଛନ୍ତି। କିନ୍ତୁ ଏପରି ପରିସ୍ଥିତିରେ, ମନରେ ପ୍ରଶ୍ନ ଉଠେ ଯେ ଯେତେବେଳେ ଗୋଟିଏ କାର୍ଡ ଅଛି, ତେବେ ଜଣେ ଆଉ ଏକ କାର୍ଡ କାହିଁକି ନେବେ। ଏହାଛଡା ଦ୍ୱିତୀୟ କାର୍ଡ ନେବା ଠିକ୍ ହେବ କି ନାହିଁ? ଏହାର ଉତ୍ତର ପ୍ରାୟତଃ 'ନା' ହେବ। କିନ୍ତୁ କେତେକ ସମୟରେ ଗୋଟିଏରୁ ଅଧିକ କ୍ରେଡିଟ୍ କାର୍ଡ ରଖିବା ଲାଭଦାୟକ ହୋଇପାରେ। ତେବେ କେଉଁ ପରିସ୍ଥିତିରେ ଏକରୁ ଅଧିକ କ୍ରେଡିଟ୍ କାର୍ଡ ଲାଭ ଦେଇଥାଏ ଏବଂ କେଉଁ ପରିସ୍ଥିତିରେ ଏହାକୁ ଏଡାଇବା ଉଚିତ।

**ଏକ କ୍ରେଡିଟ୍ ଇତିହାସ ରଖିବା ପାଇଁ ଦ୍ୱିତୀୟ କାର୍ଡ ଉପଯୋଗୀ ହେବ**

ଯଦି ଆପଣ ସମ୍ପ୍ରତି ଏକ କ୍ରେଡିଟ୍ କାର୍ଡ ନେଇଛନ୍ତି ଏବଂ ଭବିଷ୍ୟତରେ ଆପଣ ଏକ କାର୍ ଋଣ, ଗୃହ ଋଣ କିମ୍ବା ବ୍ୟକ୍ତିଗତ ଋଣ ନେବାକୁ ଚାହୁଁଛନ୍ତି, ତେବେ ନିଜର ଏକ ଭଲ କ୍ରେଡିଟ୍ ଇତିହାସ ଗଠନ କରିବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆପଣ ସମୟସୀମା ମଧ୍ୟରେ ବିଲ୍ ପରିଶୋଧ କରୁଛନ୍ତି ଏବଂ କାର୍ଡକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ସେତେବେଳେ କ୍ରେଡିଟ୍ ଇତିହାସ ଗଠନ ହୁଏ। ଏପରି ପରିସ୍ଥିତିରେ, ଗୋଟିଏରୁ ଅଧିକ କାର୍ଡ ରଖିବା ଆପଣଙ୍କୁ ଅଧିକ କାରବାର କରିବାର ସୁଯୋଗ ଦିଏ, ଯାହା ଆପଣଙ୍କ ସିବିଲ୍ ସ୍କୋରକୁ ଆହୁରି ମଜବୁତ କରିଥାଏ।

**କ୍ରେଡିଟ୍ ସୀମା ବୃଦ୍ଧି କରିବାକୁ ହେଲେ ୨ଟି କାର୍ଡ ଲାଭଦାୟକ**

ଧରିନିଅନ୍ତୁ ଆପଣଙ୍କର ଗୋଟିଏ କ୍ରେଡିଟ୍ କାର୍ଡ ଅଛି, ଯାହାର କ୍ରେଡିଟ୍ ସୀମା ୨ ଲକ୍ଷ ଟଙ୍କା। ଏବେ ଯଦି ଆପଣ ଅନ୍ୟ ଏକ କାର୍ଡ ନିଅନ୍ତି ଯାହାର ସୀମା ସମାନ, ତେବେ ଆପଣଙ୍କର ମୋଟ କ୍ରେଡିଟ୍ ସୀମା ୪ ଲକ୍ଷ ଟଙ୍କା ହେବ। ଏହା କେବଳ ଅଧିକ ଖର୍ଚ୍ଚ କରିବାର ସୁବିଧା ଦେଇ ନ ଥାଏ, ବରଂ ଏହା ଜରୁରୀକାଳୀନ ପରିସ୍ଥିତିରେ ଆପଣଙ୍କ ପାଇଁ ମଧ୍ୟ ବହୁତ ଉପଯୋଗୀ ହୋଇପାରେ।

**କ୍ରେଡିଟ୍ ସ୍କୋର ଉନ୍ନତ କରିବା ପାଇଁ ସିୟୁଆର୍ ନିୟନ୍ତ୍ରଣ କରନ୍ତୁ**

କ୍ରେଡିଟ୍ ସ୍କୋରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କ୍ରେଡିଟ୍ ବ୍ୟବହାର ଅନୁପାତ (ସିୟୁଆର୍)। ସରଳ ଭାଷାରେ, ସିୟୁଆର୍ କହିଥାଏ ଯେ ଆପଣ ଆପଣଙ୍କର ମୋଟ କ୍ରେଡିଟ୍ ସୀମାର କେତେ ବ୍ୟବହାର କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ସୀମା ୨ ଲକ୍ଷ ଟଙ୍କା ଏବଂ ଆପଣ ୧.୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି, ତେବେ ଆପଣଙ୍କର ସିୟୁଆର୍ ୮୦% ଯାହା ବହୁତ ଅଧିକ। ଏହା ୩୦%ରୁ କମ୍ ହେବା ଉଚିତ। ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ଦ୍ୱିତୀୟ କାର୍ଡ ଥାଆନ୍ତା, ତେବେ ଆପଣ ଖର୍ଚ୍ଚକୁ ଦୁଇଟି ମଧ୍ୟରେ ବାଣ୍ଟି ପାରିଥାଆନ୍ତେ। ଏହା ଆପଣଙ୍କର ବ୍ୟବହାର ଅନୁପାତକୁ ହ୍ରାସ କରିଥାଆନ୍ତା ଏବଂ ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିଥାଆନ୍ତା।

**ଦୁଇଟି କ୍ରେଡିଟ୍ କାର୍ଡ ରଖିବା ସମସ୍ତଙ୍କ ପାଇଁ ଠିକ୍ ନୁହେଁ?**

କିଛି ଲୋକଙ୍କ ପାଖରେ କ୍ରେଡିଟ୍ କାର୍ଡ ଅଛି କିନ୍ତୁ ସେଗୁଡ଼ିକୁ ବହୁତ କମ୍ ବ୍ୟବହାର କରନ୍ତି। ଯେପରିକି ଲୋକେ କ୍ରେଡିଟ୍ କାର୍ଡକୁ କେବଳ ହୋଟେଲ ବୁକିଂ ପାଇଁ କିମ୍ବା ଆବଶ୍ୟକ ସମୟରେ ବ୍ୟବହାର କରିଥାନ୍ତି। ଏପରି ଲୋକଙ୍କ ପାଇଁ, ଦ୍ୱିତୀୟ କାର୍ଡ ରଖିବା ମୁଣ୍ଡବିନ୍ଧାର କାରଣ ହୋଇପାରେ। କାରଣ ପ୍ରତ୍ୟେକ କାର୍ଡ ସହିତ ସମୟସୀମା ମଧ୍ୟରେ ବିଲ୍ ପୈଠ କରିବା ଏବଂ ଏହାର ଟ୍ରାକ୍ ରଖିବା ଆବଶ୍ୟକ। ଯଦି ଆପଣ ଆପଣଙ୍କର ବିଦ୍ୟମାନ କାର୍ଡକୁ ବୁଦ୍ଧିମାନ ଭାବରେ ବ୍ୟବହାର କରନ୍ତି ଏବଂ ଆପଣଙ୍କର ଖର୍ଚ୍ଚ ଏହାର ମୋଟ ସୀମାର ୩୦% ରୁ କମ୍ ହୁଏ, ତେବେ ଦ୍ୱିତୀୟ କାର୍ଡ ରଖିବା ଆପଣଙ୍କ ଉପରେ ଅନାବଶ୍ୟକ ବୋଝ ପକାଇବ। ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିବା ପାଇଁ ଦ୍ୱିତୀୟ କାର୍ଡ ରଖିବାର କୌଣସି ଆବଶ୍ୟକତା ନାହିଁ।

**AFFIDAVIT**

I, Sahida Bano, W/o- Md Tisamuddin, At: Ward No 1, Dhubapada, Po/Ps- Kantabanji, Dist- Balangir, Pin-767039, Odisha. declare by this Affidavit no. 49333, Dated: 18.08.2025, that now onwards I shall be known as "SAHEDA BANO" for all future purposes

**LOST**

I, Ranjan Kumar Sahoo, aged 45 years, S/o Arttabandhu Sahoo, resident of Village/PO: Bidhanima, PS: Tigiria, Dist: Cuttack, Odisha do hereby declare that, my Original Sale Deed vide No: 10481200449, dated- 23/07/2012, Mouza- Bidhanima vide Khata No.97 have been lost in Nuapatna area on dated- 16/08/2025 in somewhere. If anyone finds it kindly contact to my number 9899263899 or above the address.

Ranjan Kumar Sahoo

**AFFIDAVIT**

I, Rabindra Kumar Kar, S/o- Satyananda Kar, resident of At-Bhanapur, Po- Tulasipur, Nimapara Dist- Puri, PIN-752113, Odisha declared by this affidavit No. 670, dtd- 19/08/2025 that now onwards I shall be known as **RABINDRA KAR** for all future purposes.

**AFFIDAVIT**

I, Sushree Sangita Nayak, W/o- Shitikantha Nayak, resident of Sani Mandira Basti, Near Sani Mandira, Bhoi Nagar, Po- Utkal University, Bhubaneswar, Dist- Khurda, PIN-751004, Odisha declared by this affidavit No. 671, dtd- 19/08/2025 that now onwards I shall be known as **SUSRI SANGITA NAYAK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 50 dt. 19.08.2025 I, Subhashree Priydarshnee Sahoo resident of Pratima Nivas, Paltanpadia, Near Hengulai temple, P.S.Khordha, Dist.Khordha Odisha declare that I have changed my name from Subhashree Priydarshnee Sethi to Subhashree Priydarshnee Sahoo. Henceforth I shall be known as Subhashree Priydarshnee Sahoo for all purposes.

Subhashree Priydarshnee Sahoo

**AFFIDAVIT**

By virtue of an affidavit dated 13.08.2025, No. 2583 sworn before Executive Magistrate Khordha, I, ABHIRAM MOHAPATRA, S/o-Duryodhan Mohapatra, Resident At-Thakurpada, Po:- Pubusahi, Ps/ Dist- Khordha, Odisha-752055, declare that I have changed my name from RABINDRA MOHAPATRA to ABHIRAM MOHAPATRA. Henceforth, I shall be known as **ABHIRAM MOHAPATRA** for all purposes.

**କବଲା ହଜିଛି**

ମୁଁ ନୟନା ସାହୁ, ପିତା- ଧନେଶ୍ୱର ସାହୁ, ସା- ହରିଶରଣପୁର, ବଙ୍ଗେଟିସାହି, ୱାର୍ଡ଼ ନମ୍ବର- ୧୦, ଜିଲ୍ଲା- କଟକ, ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରି ଜଣାଉ ଅଛି ଯେ ମୋର କବଲା ନମ୍ବର ୧୮୭ ଓ ଘରବାରୀ ଖାତା ନମ୍ବର ୩୪୯/୬୯୫ ଗତ ତା. ୦୫/୦୮/୨୦୨୫ ରିଖରେ ଆଠଗଡ଼ ବସଷ୍ଟାଣ୍ଡରେ ହଜି ଯାଇଛି। ଏଣୁ କୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ଆଠଗଡ଼ ଥାନା କିମ୍ବା ପ୍ରଭାକର ପଟ୍ଟନାୟକ (ଆଇନଜିବୀ) ମୋ- ୯୭୭୮୦୭୦୫୯୦, ୭୦୭୭୭୦୪୫୯୦ ରେ ଯୋଗାଯୋଗ କରିବାକୁ ଆନୁରୋଧ।

ନୟନା ସାହୁ

**AFFIDAVIT**

I, Dhananjaya Dash, aged about 37 years, S/o- Purna Chandra Dash, resident of At- Babalpur, Nandipur, Ps- Dasarathpur, Dist- Jajpur, Odisha, Pin- 755006 declare by this affidavit No. 1674, dtd- 19.08.2025, that now onwards I shall be known as **DHANANJAY DASH** for all future purposes.

**AFFIDAVIT**

I, Minati Mohanty, W/o-Late Baidhar Mohanty, resident of Village-Pubakhanda, PO/PS -Niali, Dist- Cuttack, PIN - 754004, Odisha, declare by this affidavit No-15, dated- 04.08.2025, that now onwards I shall be known as **SOUDAMINI BEWA** for all future purposes.

**AFFIDAVIT**

By virtue of an affidavit sworn before Notary Public, Jaleswar , No-1847, dated-18/08/2025. I , Ananta Kumar Pal, S/O- Madhusudan Pal, At:Kuanrpur, Po: Makidia, PS: Raibania, Dist: Balasore, Pin: 756033 declare that I have changed my name from Anant Kumar Pal to Ananta Kumar Pal . Henceforth , I shall be known as **Ananta Kumar Pal** for all Purposes.

Ananta Kumar Pal

**AFFIDAVIT**

By virtue of an affidavit sworn before Notary Public Titilagarh, dated 06.08.2025 I, Dulichand Jain, Adress At- Thikadar Para, Po/Ps- Titilagarh, Dist- Balangir, Odisha, Pin- 767033 declare that I have changed my son's name from Venkat Jain to Ved Jain. Henceforth, he shall be known as Ved Jain for all purposes.

Dulichand Jain

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 18.08.2025 I Mami Barik resident at Plot No- 1622/2309, Near Aerodrome area, Palaspalli. Ps- Airport, Bhubaneswar-751020, Dist- Khordha, declare that I have change my name from Mani Barik to Mami Barik. Henceforth I shall be known as MAMI BARIK for all purposes.

(Mami Barik)

**AFFIDAVIT**

I, Nita Nathsharma, W/o- Chandrasekhar Nathsharma, Resident of Duplex No. 57-A, Pristine Green, Pokhariput, Aerodrome Area, Bhubaneswar, Dist- Khurdha, Pin-751020, Odisha declare by this Affidavit No. 132, Dated 18.08.2025, that now onwards I shall be known as **NITA PATEL** for all future purposes.

**AFFIDAVIT**

I, Padmabati Mangaraj, W/o- Ajay Mangaraj, resident of Plot No -1162, Satya Vihar, Rasulgarh, PS - Mancheswar, Bhubaneswar, Dist - Khordha, Pin No - 751010, Odisha, declare by this affidavit No -107, dated- 22.07.2025, that now onwards I shall be known as **PADMABATI BISWAL** for all future purposes.

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 395 of 2000)**

Akupalli Uma Maheswar Rao .... Appellant
-Versus-
V. Rama Chandra Rao and others .... Respondents

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 395/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 23 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 98/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are hereby directed through this general publication to appear before this Court in person or through counsel on 2.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 7th day of August, 2025.

By order of the Court
Sd/-
Registrar (Judicial)

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 397 of 2000)**

Akupalli Papamma .... Appellant
-Versus-
V. Rama Chandra Rao and others .... Respondents

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 397/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 25 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 96/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are hereby directed through this general publication to appear before this Court in person or through counsel on 16.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 13th day of August, 2025.

By order of the Court
Sd/-
Registrar (Judicial)

**AFFIDAVIT**

By virtue of an affidavit sworn before Notary Public, Bhubaneswar, 18.08.2025, I Runubala Mahapatra, W-o- Prashana Kumar Mahapatra resident at Thanapalli, Po- Mardabadi, Ps- Ranpur, Dist- Nayagarh, Odisha PIN-752066 , declare that my Son's name from Manoj Mahapatra to Manoranjan Mahapatra . Henceforth, He shall be known as **MANORANJAN MAHAPATRA** for all purposes.

(Runubala Mahapatra)

**AFFIDAVIT**

By virtue of an affidavit sworn before Notary Public Titilagarh, dated 19.08.2025 I, Tulia Jani, Adress At- Budhipadar, Po- Goimund Ps- Sindhekela, Dist- Balangir, Odisha, Pin- 767040 declare that I have changed my son's name from Tushal Jani to Tushar Jani. Henceforth, he shall be known as Tushar Jani for all purposes.

Tulia Jani

**DOCUMENT LOST**

Notice is hereby given to general Public that, I Sri Naba Kishore Swain, father of SRI SUBRAT KUMAR SWAIN has lost the original link RSD bearing no. 11141101303 dt.11/03/2011, in the name of Guni Khan and Mahimud Khan, bearing plot no. 1610/1912, Mouza- Palla, Tahsil- Khurda, Khata no.- 866/146, 07/08/2025 at around 12:00 PM at Cosmopolis Square while I was travelling from my residence at Rajiv Nagar by bike to Khurda and could not retrive them despite my best efforts. Therefore, if anyone has found the same, please contact Advocate Sri N.C. Pattnaik, Mob.- 985331118 of LICHFL at Chandrasekharpur within 15 days from the date of the publication failing which the document will lose its legal force, and any misuse of the document will be punishable under law.

A-517

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-03/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 01 (One) No. of work. |
| 3 | Estimated Cost | Rs. 38.78 Lakhs |
| 4 | Period of Completion | 60 Days |
| 5 | Class of Contractor | "C" & "B" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Rs. 38,780 /- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 21.08.2025 from 10.00 Hours to 30.08.2025 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.01.09.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.09.09.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0030/2526

CIME BHUBANESWAR
उद्यमेन हि सिध्यन्ति

**COLLEGE OF IT & MANAGEMENT EDUCATION**
**(A Constituent College Biju Patnaik University of Technology, Rourkela)**
**Bhubaneswar**

KK-196

No 680 / 25 Date 16.08.2025

**SPOT ADMISSION FOR**
**MBA & MCA PROGRAMME : 2025-26**
**O-JEE, CAT, MAT, & XAT RANK HOLDERS ARE ELIGIBLE.**

For any query, please contact:
Mr Debidatta Acharya (MBA) 9937313519, Faculty
Mrs Bishnupriya Mallick (MCA) 7327094482, Faculty

PRINCIPAL

Visit: www.cime.ac.in OIPR-14087/11/0011/2526

Student Handbook, Fee Structure. and required documents for admission.

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୫୯୭-ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ।
- ୨୦୧୨- ଭେନେଜୁଏଲାର ରାଜଧାନୀ କାରାକସ୍‌ରେ ଦଙ୍ଗା ଯୋଗୁ ୨୦ ଜଣ ଲୋକଙ୍କ ପ୍ରାଣହାନି।

## ସଦ୍‌ଭାବନା ଦିବସ



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ଦେଶରେ ଶାନ୍ତି, ଜାତୀୟ ସଂହତି ଓ ସାଂପ୍ରଦାୟିକ ସଦ୍‌ଭାବ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ତାଙ୍କ ଜନ୍ମତିଥି ଅଗଷ୍ଟ ୨୦ ତାରିଖକୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯାଏ। ରାଜୀବଙ୍କ ଚିନ୍ତାଧାରା ଓ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ୨୦୦୮ ମସିହାଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ରାଜନୀତିରେ ଯୋଗଦେବା ପୂର୍ବରୁ ରାଜୀବ ଜଣେ ପେସାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ରାଜୀବ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ। ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ଯାଏ। ୧୯୮୪ ଅକ୍ଟୋବର ୩୧ରୁ ୧୯୮୯ ଡିସେମ୍ବର ୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା।

## ବିଶ୍ୱ ମଶା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ। ମଶା ଦ୍ୱାରା ହେଉଥିବା ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଶା ଦିବସ ପାଳନ କରାଯାଏ। ତେବେ ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଶା ଠାରୁ ଦୂରେଇ ରହିବା ଏବଂ ଏହାଦ୍ୱାରା ହେଉଥିବା ରୋଗ ବିଷୟରେ ଲୋକଙ୍କୁ ଅବଗତ କରିବା। ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍ଡ ରସ୍ ମାଇ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମାଈ ମଶାଙ୍କ ମାଧ୍ୟମରେ ମାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି। ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ। ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ। ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ।



## ଜାନୁୟାରୀ ୨୨ରେ 'ବର୍ଡର-୨'



ବଲିଉଡ୍ ଅଭିନେତା ସନ୍ନି ଦେଓଲଙ୍କ ଅଭିନୀତ 'ବର୍ଡର-୨'ର ଫାଷ୍ଟ ଲୁକ୍‌କୁ ସ୍ୱାଧୀନତା ଦିବସ ଅବସରରେ ଜାରି କରାଯାଇଛି। ଏହାସହ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି। ସନ୍ନିଙ୍କ ଏହି ଫିଲ୍ମ ଜାନୁଆରୀ ୨୨, ୨୦୨୬ରେ ଆସିବ। ସନ୍ନି ସାମାଜିକ ଗଣମାଧ୍ୟମରେ ଏହାର ମୋସନ୍ ପୋଷ୍ଟର୍ ଜାରି କରି ଲେଖିଛନ୍ତି- 'ହିନ୍ଦୁସ୍ତାନ ପାଇଁ ପୁଣି ଥରେ ଲଢ଼ିବୁ... ପୁଣି ଏକ ଯୁଦ୍ଧ ! 'ବର୍ଡର-୨' ୨୨ ଜାନୁଆରୀ, ୨୦୨୬ରେ ସିନେମା ହଲ୍‌କୁ ଆସିବ।' ପୋଷ୍ଟର୍‌ରେ ସନ୍ନି ଶତ୍ରୁ ପକ୍ଷ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ଥିବା ଦେଖାଯାଇଛି। ଆଖିରେ କ୍ରୋଧ ସ୍ପଷ୍ଟ ବାରି ହୋଇ ପଡ଼ୁଛି। ସନ୍ନି ଏଥିରେ ସେନା ପୋଷାକରେ ନଜର ନଜର ଆସିଛନ୍ତି। ପୂର୍ବରୁ ଏହା ଆସନ୍ତା ବର୍ଷ ଜାନୁଆରୀ ୨୩ରେ ରିଲିଜ୍ ହେବ ବୋଲି କୁହାଯାଉଥିଲା। ଏବେ ପୋଷ୍ଟର୍‌ରୁ ନୂଆ ରିଲିଜ୍ ଦିନ ସାମ୍ନାକୁ ଆସିଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଭୂଷଣ କୁମାର ଓ ଜେପି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଥିରେ ସନ୍ନିଙ୍କ ବ୍ୟତୀତ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍, ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର-୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ଫିଲ୍ମ 'ବର୍ଡର'ର ସିକ୍ୱେଲ।

## ଆଜି ବାହୁଡ଼ିଥିଲେ

## କାଳଜୟୀ କଥାଶିଳ୍ପୀ ଗୋପୀନାଥ ମହାନ୍ତି



ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଜଣେ ଔପନ୍ୟାସିକ ଓ ଗାଳ୍ପିକ ସମେତ କବି, ଗବେଷକ, ଅନୁବାଦକ, ଭାଷାବିତ୍ ଓ ପ୍ରାବନ୍ଧିକ ଭାବରେ ସେ ସାହିତ୍ୟର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରିଛନ୍ତି। ୧୯୧୪ ମସିହା ଅପ୍ରେଲ୍ ୨୦ ତାରିଖରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। 'ଅମୃତର ସନ୍ତାନ' ଉପନ୍ୟାସ ପାଇଁ ସେ ସର୍ବପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ। ପ୍ରଥମ ଓଡ଼ିଆ ଭାବେ 'ମାଟି ମଟାଳ' ପାଇଁ ୧୯୭୩ରେ ସେ ସମ୍ମାନଜନକ 'ଜ୍ଞାନପୀଠ ପୁରସ୍କାର'ର ଅଧିକାରୀ ହୋଇଥିଲେ। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଅବଦାନ ପାଇଁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଡିଗ୍ରୀ, ୧୯୭୯ ମସିହାରେ ୟୁ.ଜି.ସି. ଫେଲୋସିପ୍ ସହ ୧୯୮୧ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା। ୧୯୯୧ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ।

## ସମ୍ଭାବନା



## ଯୁବପିଢ଼ିଙ୍କ ସହ ଆଲୋଚନା



**ବର୍ତ୍ତମାନ ଯୁବପିଢ଼ିଙ୍କ ସହ ଯୋଗାଯୋଗ ବା କଥାବାର୍ତ୍ତା କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ସେମାନଙ୍କ ସହ କଥା ହେବା ପାଇଁ ସେମାନେ କ'ଣ ଚାହୁଁଛନ୍ତି, ସେକଥା ଜାଣିବା ଜରୁରି।**

ଯୁବପିଢ଼ିଙ୍କ ସହ ଆଲୋଚନା କରିବା ଲାଗି ସେମାନଙ୍କ ଶବ୍ଦ ଓ ଭାଷାକୁ ପ୍ରୟୋଗ କରନ୍ତୁ। ଏଇ ଯେମିତି 'କୁଲ୍', 'ଆମେଜିଂ', 'ଭାଇରାଲ' ଆଦି ଅନ୍ୟ ଶବ୍ଦ ବ୍ୟବହାର କରିପାରିବେ। ଏହାଦ୍ୱାରା ଅନ୍ୟମାନେ ସେମାନଙ୍କଠାରୁ ଅଲଗା ନୁହନ୍ତି ବୋଲି ସେମାନେ ଭାବନ୍ତି। ସେହିପରି ସେମାନଙ୍କୁ କେବଳ ଥିଓରି ଶିଖାନ୍ତୁ ନାହିଁ। କୌଣସି ସଫଳ ବ୍ୟକ୍ତିଙ୍କ କାହାଣୀ କୁହନ୍ତୁ। ବିଶେଷକରି ସଂଘର୍ଷ କରି ସଫଳତା ମିଳିଥିବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଅନ୍ତୁ। ସେହିପରି କଠିନ ପରିଶ୍ରମ ଓ ମନୋବଳ ଦ୍ୱାରା ସ୍ୱପ୍ନ ପୂରଣ ହୁଏ, ସେକଥା ବୁଝାନ୍ତୁ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ଖାସ୍ କଥା ଥିବା ମଧ୍ୟ ସେମାନଙ୍କୁ କହିପାରିବେ। କେବଳ ସେତିକି ନୁହେଁ, ଅସଫଳତା ତଥା ନିଜ ଭୁଲ୍‌ରୁ ଶିଖିବା ଲାଗି ପ୍ରେରିତ କରାନ୍ତୁ। କେବଳ ନିଜ କଥା ନ କହି, ସେମାନଙ୍କୁ କଥା କହିବାକୁ ସୁଯୋଗ ଦିଅନ୍ତୁ। ସେମାନଙ୍କ ସ୍ୱପ୍ନ ଓ ଦୁର୍ବଳତା ପଚାରି ବୁଝନ୍ତୁ। ଅନ୍ୟପଟେ ସେମାନଙ୍କୁ ଶୁଣିବା ଦ୍ୱାରା ସେମାନଙ୍କୁ ଲାଗିବ, ସେମାନଙ୍କ କଥା ଶୁଣିବା ଲାଗି କେହି ସେମାନଙ୍କ ପାଖରେ ଅଛନ୍ତି।

## କେମିତି କହିବେନି ମିଛ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ଅଭ୍ୟାସ ପ୍ରତି କଥାରେ ଅନ୍ୟକୁ ମିଛ କହିବା। କାରଣ ଭୁଲ୍ କରି ସତ କହିଲେ ଦଣ୍ଡ ମିଳିବା ଭାବି ଅନେକ ମିଛ କହନ୍ତି। ତେବେ ଏହି ମିଛ କହିବା ଉତ୍ତମ ବ୍ୟକ୍ତିତ୍ୱର ସ୍ୱଭାବ ହୋଇ ନ ଥାଏ। ମିଛ କହିବା ଅଭ୍ୟାସରୁ କିଭଳି ନିଜକୁ ବାହାର କରିବେ, ସେ ସମ୍ପର୍କରେ ଜାଣିବା।**

- ଛୋଟ ମୋଟ କଥାରେ ସତ କହିବାକୁ ଚେଷ୍ଟା କରନ୍ତୁ। ବାରମ୍ବାର ସତ କହିଲେ, ଏହା ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ମିଛ କହିବାକୁ ପଡ଼େ ନାହିଁ।
- କୌଣସି ଭୁଲ୍ କଲେ, ତାହାକୁ ସ୍ୱୀକାର କରନ୍ତୁ। ଭୁଲକୁ ସ୍ୱୀକାର କରିବା ଦ୍ୱାରା ଆଉ ମିଛ କହିବାକୁ ପଡ଼େ ନାହିଁ।
- କିଛି କହିବା ପୂର୍ବରୁ ଚିନ୍ତା କରନ୍ତୁ। ଏହାଦ୍ୱାରା ଅନ୍ୟକୁ କଥା ଦେଇ ରଖି ନ ପାରିବା ଜାଣିପାରିବେ।
- ମନରୁ ଦୃଢ଼ ନିଶ୍ଚୟ ହୁଅନ୍ତୁ, ସବୁବେଳେ ସଚ୍ଚୋଟ ରହିବା ଦ୍ୱାରା ମିଛ କହିବାକୁ ପଡ଼ି ନ ଥାଏ।
- ଅନେକ ସମୟରେ ବହୁ ଲୋକ ଅସହଜ ଲାଗୁଥିବା ପ୍ରଶ୍ନର ଉତ୍ତରରେ ମିଛ କହିଥାନ୍ତି। ଯଦି କୌଣସି ବିଷୟରେ କିଛି କହିବାକୁ ଚାହୁଁ ନାହାନ୍ତି, ଏ ବିଷୟରେ ଆଲୋଚନା କରିବାକୁ ଚାହୁଁ ନ ଥିବା ସ୍ପଷ୍ଟ ଭାବେ କୁହନ୍ତୁ।
- ଭାବବିହ୍ୱଳ ହୋଇ ବି ମଣିଷ ବେଳେ ବେଳେ ମିଛ କହେ। ତେଣୁ ନିଜ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ମିଛ କହିବାକୁ ପଡ଼ିବ ନାହିଁ।
- ମିଛ କହିବା ଅଭ୍ୟାସ ଛାଡ଼ି ହେବ ନାହିଁ ଭାବୁଥିଲେ, ନିଜ ଲୋକଙ୍କ ସହ ଏ ବିଷୟରେ ଆଲୋଚନା କରନ୍ତୁ। ଏହାଦ୍ୱାରା ସେମାନେ ଏହି ଅଭ୍ୟାସରୁ ବାହାରିବାରେ ସାହାଯ୍ୟ କରିବେ।

## ଆକର୍ଷଣୀୟ କ୍ୟାରିୟର ବିକଳ୍ପ ଏଆଇ ଗବେଷକ



**ବର୍ତ୍ତମାନ ସମୟରେ ଏଆଇ ଗବେଷକ ହେଉଛି ଏକ ଆକର୍ଷଣୀୟ ଓ ସୁନ୍ଦର କ୍ୟାରିୟର ବିକଳ୍ପ। ସମ୍ପ୍ରତି ଏଆଇ ଗବେଷକଙ୍କୁ ବଡ଼ ବଡ଼ ଟେକ୍ କମ୍ପାନି ହଜାରେ କୋଟି ଟଙ୍କାରୁ ଅଧିକ ପ୍ୟାକେଜ୍ ଅଫର୍ କରୁଛନ୍ତି। ମେଟା ଏଆଇ ବିଶେଷଜ୍ଞଙ୍କୁ କୋଟିଏ ଟଙ୍କା ପ୍ୟାକେଜ୍ ପ୍ରଦାନ କରି ନିଜ ଟିମ୍‌ରେ ସାମିଲ କରୁଛି। ତେବେ ଏଆଇ ଗବେଷକ ଜଣେ କିଭଳି ହେବେ, ଜାଣିବା ସେ ସମ୍ପର୍କରେ।**

ଏଆଇ ଗବେଷକ ହେବା ଲାଗି ଗଣିତ, କମ୍ପ୍ୟୁଟର ସାଇନ୍ସ, ଷ୍ଟାଟିଟିକ୍ସ ଏବଂ ଲଜିକ୍‌ରେ ଗଭୀର ଜ୍ଞାନ ରହିବା ଜରୁରି। ସେହିପରି ଅଧିକାଂଶ ଏଆଇ ଗବେଷକ ବି.ଟେକ୍/ ବିଇ (କମ୍ପ୍ୟୁଟର ସାଇନ୍ସ) ବା ଗଣିତରେ ଗ୍ରାଜୁଏସନ ଡିଗ୍ରୀ କରିଥାନ୍ତି। ଏହାପରେ ସେମାନେ ଏମ୍.ଟେକ୍, ଏମ୍‌ଏସ୍ ବା ପିଏଚ୍‌ଡି କରିଥାନ୍ତି। ବିଶେଷକରି ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ, ରୋବଟିକ୍ସ, ନ୍ୟୁରୋସାଇନ୍ସ କ୍ଷେତ୍ରରେ ସେମାନଙ୍କ ଭଲ ଜ୍ଞାନ ଥାଏ। ଏହି ଗବେଷକମାନେ ପ୍ରତିଷ୍ଠିତ ଏଆଇ କନଫରେନ୍ସରେ ନିଜ ପେପର୍ ପବ୍ଲିସ୍ କରିଥାନ୍ତି। ଏଆଇ ଗବେଷକ ଅନେକ ଥର ଗିଟ୍‌ହବ୍ ପ୍ଲାଟ୍‌ଫର୍ମରେ ଓପନ ସୋର୍ସ ଟୁଲ୍ ତିଆରି କରି ନିଜ ଦକ୍ଷତା ଦେଖାଇ ଥାନ୍ତି। ଗୁଗଲ୍ ଡିପ୍ ମାଇଣ୍ଡ, ଓପନ୍ ଏଆଇ, ମେଟା ଏଆଇ ଭଳି ସଂସ୍ଥାନରେ ଇଣ୍ଟର୍ଣ୍ଣସିପ୍ କରି ଅଭିଜ୍ଞତା ହାସଲ କରନ୍ତି। ଏହାପରେ ଉଚ୍ଚ ବେତନଯୁକ୍ତ ଦରମା ପାଇଁ ଆବେଦନ କରିଥାନ୍ତି। ଏହାବାଦ୍ କୃତ୍ରିମ ବୁଦ୍ଧିମତା ଉପରେ ସେମାନଙ୍କ ଭଲ ଦକ୍ଷତା ରହିଥାଏ। ଏ ଲାଗି ଭିନ୍ନ ଭିନ୍ନ ପ୍ରକାର କୋର୍ସ କରିଥାନ୍ତି।

## ପରୀକ୍ଷାରେ ପଛରେ ପଡ଼ିଲେ...



ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି। କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ। ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ। ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର।

- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି। ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର।
- ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି। ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି।
- ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର।

## ଏସିଆ କପ୍ ଭାରତୀୟ ଦଳରେ ସ୍ଥାନ ପାଇଲେନି ଜୟସ୍ୱାଲ, ଆୟର ଓ ସୁନ୍ଦର

# ବୁମ୍‌ରା ସାମିଲ୍, ଗିଲ୍ ଉପଅଧିନାୟକ

ମୁମ୍ବଇ,୧୯।୮ (ଏଜେନ୍ସି):

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଭାରତୀୟ ଚୟନ କମିଟି ଏସିଆ କପ୍ ଲାଗି ଘୋଷିତ ଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସମସ୍ତଙ୍କ ଆଶାକୁ ଅତିକ୍ରମ କରି ସଫଳତା ପାଇଥିବା ଗିଲ୍‌ଙ୍କୁ କେବଳ ଦଳରେ ସାମିଲ କରାଯାଇନାହିଁ, ବରଂ ତାଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଦୁଇଜଣ ଓପନର ସାମିଲ ହୋଇଛନ୍ତି। ଗିଲ୍‌ଙ୍କୁ ଉପଅଧିନାୟକ ଘୋଷଣା କରାଯିବା ପରେ ସେ ଏବେ ଓପନିଂରୁ ଗୋଟିଏ ସ୍ଥାନରେ ଖେଳିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡରେ ଗିଲ୍ ଯେପରି ଦଳର ନେତୃତ୍ୱ ନେବା ସହ ବ୍ୟାଟିଂ କଲେ ତାହା ଆମ ସମସ୍ତଙ୍କର ଆଶାକୁ ଅତିକ୍ରମ କରିଛି ବୋଲି ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର କହିଛନ୍ତି।

କିନ୍ତୁ ଅନ୍ୟତମ ଓପନର ଯଶସ୍ୱୀ ଜୟସ୍ୱାଲ, ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେୟସ ଆୟର ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଉତ୍ସାହଜନକ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଦଳରେ ସାମିଲ କରାଯାଇନାହିଁ। ବୋଲିଂ ଅପ୍ସନ ଲାଗି ଜୟସ୍ୱାଲଙ୍କ ସ୍ଥାନରେ ଅଭିଷେକ ସ୍ଥାନ ପାଇଛନ୍ତି। ଆୟରଙ୍କ ଲାଗି ବ୍ୟାଟିଂ ପୋଜିସନ ନାହିଁ ବୋଲି ଅଗରକର କହିଛନ୍ତି।


ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକରଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର

ସିରାଜଙ୍କ ସମ୍ପର୍କରେ ଆଦୌ ଆଲୋଚନା ହୋଇ ନଥିଲାବେଳେ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ବାଦ୍ ଦିଆଯାଇଛି। ଏହା ଫଳରେ ଦଳରେ କେହି ଅଫ୍ ସ୍ପିନର ନ ଥିଲାବେଳେ ୩ଜଣ ବାମହାତୀ ସ୍ପିନର ସ୍ଥାନ ପାଇଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଏହି ଫର୍ମାଟରେ ସଫଳତା ପାଇଥିବା ଅନ୍ୟ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଆୟରଙ୍କ ପ୍ରତି ସେହି ନିୟମ ଲାଗୁ ହୋଇନାହିଁ।

ମିଡିଲ ଓ ଲୋୟର ଅର୍ଡରରେ ପୂର୍ବପରି ତିଳକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ ରହିଛନ୍ତି। ଅଭିଷେକଙ୍କ ସହ ଗିଲ୍‌ଙ୍କୁ ଇନିଂସ ଓପନ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ, ସାମସନଙ୍କ ପରିବର୍ତ୍ତେ ଜିତେଶ ଶର୍ମାଙ୍କୁ ୱିକେଟକିପିଂ ଦାୟିତ୍ୱ ମିଳିପାରେ। ହାର୍ଦ୍ଦିକଙ୍କ ସହ ଶିବମ ଦୁବେ ଓ ଅକ୍ଷର ପଟେଲ ୩ଜଣ ଅଲରାଉଣ୍ଡର ରହିଛନ୍ତି। ସ୍ପେଶାଲିଷ୍ଟ ଫାଷ୍ଟ ବୋଲର ଭାବେ ଅଭିଜ୍ଞ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ସ୍ଥାନ ମିଳିଛି। ହର୍ଷିତ ମଧ୍ୟ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପେଶାଲିଷ୍ଟ ସ୍ପିନର ଭାବେ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କୁ ସ୍ଥାନ ମିଳିଛି।

ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ୫ଜଣ ଖେଳାଳି ରିଜର୍ଭରେ ରଖାଯାଇଛି। ଯଦି ଦଳରେ କୌଣସି ଖେଳାଳି ବାଦ୍ ପଡନ୍ତି, ତେବେ ଏହି ୫ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ସ୍ଥାନ ପୂରଣ କରିବେ। ସେମାନେ ହେଲେ ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ରିୟାନ ପରାଗ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ ସୁନ୍ଦର। ଯଶସ୍ୱୀଙ୍କ ଲାଗି ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଚୟନ କମିଟି ଅଧ୍ୟକ୍ଷ ଅଗରକର। ଗତ ଦୁଇବର୍ଷରେ ଅଭିଷେକ ଯେପରି ଦେଶ ଲାଗି ପ୍ରଦର୍ଶନ କରିଛନ୍ତି ତାଙ୍କୁ ଟି-୨୦ ଦଳରୁ ବାଦ୍ ଦେବା କଷ୍ଟକର। ତାଙ୍କ ନିକଟରେ ମଧ୍ୟ ବୋଲିଂ ଅପ୍ସନ ରହିଛି। ଏପରି ସ୍ଥିତିରେ ଯଶସ୍ୱୀଙ୍କୁ ସୁଯୋଗ ପାଇବା ଲାଗି ଅପେକ୍ଷା କରିବାକୁ ହେବ। ସେହିପରି ଶ୍ରେୟସ ଆୟରଙ୍କ ସମ୍ପର୍କରେ ସେ କହନ୍ତି, କାହା ସ୍ଥାନରେ ତାଙ୍କୁ ନିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ। ଉଭୟ ଖେଳାଳିଙ୍କ କୌଣସି ତ୍ରୁଟି ନାହିଁ କିମ୍ବା ଆମର ମଧ୍ୟ କିଛି ଦୋଷ ନାହିଁ। କେବଳ ସୁଯୋଗକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଅଗରକର କହିଛନ୍ତି।

ଜାନୁଆରୀରେ ଇଂଲଣ୍ଡ ସହ ଘରୋଇ ମାଟିରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ପରେ ଏହା ଭାରତ ଲାଗି ହେବ ପ୍ରଥମ ଟି-୨୦ ସିରିଜ୍। ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଏସିଆକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ଏ-ରେ ପାକିସ୍ତାନ, ଓମାନ ଓ ୟୁଏଇର ସ୍ଥାନ ପାଇଛି ଭାରତ। ସେପ୍ଟେମ୍ବର ୧୦ରେ ୟୁଏଇର ଖେଳି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ସେହିପରି ଦୁବାଇରେ ପାକିସ୍ତାନ ସହ ସେପ୍ଟେମ୍ବର ୧୪ରେ ଓ ଆବୁଧାବିରେ ଓମାନ ସହ ସେପ୍ଟେମ୍ବର ୧୯ରେ ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଭାରତୀୟ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ରିଜର୍ଭ ଖେଳାଳି:** ଯଶସ୍ୱୀ ଜୟସ୍ୱାଲ, ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ, ରିୟାନ ପରାଗ।

### ଭାରତର ଖେଳସୂଚୀ

୧୦।୯ : ବନାମ ୟୁଏଇ, ଦୁବାଇ
୧୪।୯ : ବନାମ ପାକିସ୍ତାନ, ଦୁବାଇ
୧୯।୯ : ବନାମ ଓମାନ, ଆବୁଧାବି

## ମହିଳା ବିଶ୍ୱକପ୍ କ୍ରିକେଟ

# ରେଣୁକା, ପ୍ରତୀକା ସାମିଲ


ଚୟନ କମିଟିର ଅଧ୍ୟକ୍ଷା ନୀତୁ ଡେଭିଡ୍‌ଙ୍କ ସହ ଅଧିନାୟିକା ହରମନପ୍ରୀତ୍

ମୁମ୍ବଇ,୧୯।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ସେପ୍ଟେମ୍ବର ୩୦ରୁ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଲାଗି ଜାତୀୟ ଚୟନ କମିଟି ଆଜି ଭାରତୀୟ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଦଳର ଅଧିନାୟିକା ଓ ସ୍ମୃତି ମନ୍ଧାନାଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ପେସ୍ ବୋଲର ରେଣୁକା ଠାକୁର ଓ ଓପନିଂ ବ୍ୟାଟର ପ୍ରତୀକା ରାୱଲଙ୍କୁ ସ୍ଥାନ ମିଳିଛି। କିନ୍ତୁ ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ। ଗତ କିଛିଦିନ ହେଲା ଶେଫାଳି ଫର୍ମରେ ନାହାନ୍ତି। ଯାହା ଫଳରେ ତାଙ୍କୁ ଏହି ମେଗା ଇଭେଣ୍ଟ ଲାଗି ଦଳକୁ ବାଦ୍ ଦିଆଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଗଠିତ ଦଳରେ ସ୍ମୃତି ମନ୍ଧାନା, ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟଷ୍ଟିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣାଙ୍କୁ ସ୍ଥାନ ମିଳିଛି। ଏହା ବ୍ୟତୀତ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ସହ ଭାରତ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଦଳରେ କେବଳ ଜଣେ ଖେଳାଳି ବଦଳିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଅମନଜୋତ କୌରଙ୍କ ସ୍ଥାନରେ ସାୟାଲି ସାତଘରେଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଦଳରେ ନିଆଯାଇଛି।

ଦିନିକିଆ ବିଶ୍ୱକପ୍‌ରେ ଭାରତ ଏଯାଏ ଟାଇଟଲ ଜିତିନାହିଁ। ଘରୋଇ ମାଟିରେ ଚତୁର୍ଥଥର ଖେଳିବାକୁ ଯାଉଥିବା ଭାରତ ଏଥର ପ୍ରଥମ ଟାଇଟଲ ଜିତିବାକୁ ଆଶା ରଖିଛି। ଭାରତ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଏହା ପରେ ଆଉ ଭଲ ଖେଳିପାରି ନାହିଁ। ଏବେ ଦଳ ଇଂଲଣ୍ଡକୁ ହରାଇବା ପରେ ବିଶ୍ୱକପ୍ ଜିତିବା ଆଶା ବୃଦ୍ଧି ପାଇଛି।

### ଭାରତୀୟ ମହିଳା ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟଷ୍ଟିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣା।

**ଷ୍ଟାଣ୍ଡବାଇ ଖେଳାଳି:** ତେଜଲ ହସନବୀସ, ପ୍ରେମା ରାୱତ, ପ୍ରିୟା ମିଶ୍ର, ଉମା ଛେତ୍ରୀ, ମିନୁ ମାନି ଓ ସାୟାଲି ସାତଘରେ।

### ଭାରତର ବିଶ୍ୱକପ୍ ଖେଳସୂଚୀ

୩୦।୯- ବନାମ ଶ୍ରୀଲଙ୍କା, ୫।୧୦- ବନାମ ପାକିସ୍ତାନ, କଲମ୍ବୋ, ୯।୧୦- ବନାମ ଦକ୍ଷିଣ ଆଫ୍ରିକା, ଭାଇଜାଗ୍, ୧୨।୧୦- ବନାମ ଅଷ୍ଟ୍ରେଲିଆ, ଭାଇଜାଗ୍, ୧୯।୧୦- ବନାମ ଇଂଲଣ୍ଡ, ଇନ୍ଦୋର, ୨୩।୧୦- ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ, ୨୬।୧୦- ବନାମ ବାଂଲାଦେଶ, ୨୯।୧୦- ପ୍ରଥମ ସେମିଫାଇନାଲ, ୩୦।୧୦- ଦ୍ୱିତୀୟ ସେମିଫାଇନାଲ, ୨।୧୧- ଫାଇନାଲ।

### ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍

୧୪।୯- ପ୍ରଥମ ଦିନିକିଆ, ନୂଆ ଚଣ୍ଡିଗଡ, ୧୭।୯- ଦ୍ୱିତୀୟ ଦିନିକିଆ, ନୂଆ ଚଣ୍ଡିଗଡ, ୨୦।୯- ତୃତୀୟ ଦିନିକିଆ, ନୂଆଦିଲ୍ଲୀ।

## ଅଶବୀର ସିଂହ ଇଂଲଣ୍ଡ ଫୁଟବଲ କ୍ଲବ୍‌ରେ ପ୍ରଥମ ଶିଖ୍ କୋଚ୍

ନୂଆଦିଲ୍ଲୀ,୧୯।୮ (ଏଜେନ୍ସି): ଅଶ୍ୱୀର ସିଂହ ସୋହାଲ ଇଂଲଣ୍ଡ ଫୁଟବଲରେ ପ୍ରଥମ ଶିଖ କୋଚ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଇଂଲଣ୍ଡର ୫ମ ଟାୟର ପେସାଦାର କ୍ଲବ୍ ମୋରେକାମ୍ବେର ହେଡ୍ କୋଚ୍ ଭାବେ ଆଜି ନିଯୁକ୍ତ ହୋଇଛନ୍ତି। ଏହା ସହ ୩୦ ବର୍ଷୀୟ ଅଶବୀର ମଧ୍ୟ ଇଂଲଣ୍ଡର ପେସାଦାର ଫୁଟବଲ ଇତିହାସରେ ସର୍ବକନିଷ୍ଠ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଜଣେ ଦୂରଦ୍ରଷ୍ଟା କୋଚ୍ ଭାବେ ତାଙ୍କର ସଫଳତାକୁ ସମସ୍ତେ ଜାଣିଛନ୍ତି। ଭବିଷ୍ୟତରେ ସେ ଖୁବ ଭଲ କରିବେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଲିସେଷ୍ଟର ସିଟି ଏକାଡେମୀରେ ୧୦ବର୍ଷ କାମ କରିଥିବା ଅଶବୀର ୱିଗାନ ଆଥଲେଟିକ୍ ଟିମ୍‌ରେ କୋଲୋ ଟୋରେଙ୍କ ଟିମ୍‌ରେ କୋଚିଂ ଷ୍ଟାଫ୍ ଭାବେ ରହିଥିଲେ। ନିକଟରେ ମୋରେକାମ୍ବେର ମାଲିକାନା ପଞ୍ଜାବ ୱାରିୟର୍ସ କନସୋର୍ଟିୟମ ନିକଟରୁ ଗଲାପରେ କୋଚ୍ ପଦରୁ ଡେରିକ୍ ଆଡାମ୍ସ ଇସ୍ତଫା ଦେଇଥିଲେ। ଗତବର୍ଷ କ୍ଲବ୍ ପେମେଣ୍ଟ କରିପାରି ନ ଥିବାରୁ ସସ୍‌ପେଣ୍ଡ ହୋଇଥିଲା। ନ୍ୟାସନାଲ ଲିଗ୍‌ରେ ଗତବର୍ଷ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିବା ମୋରୋକାମ୍ବେ ଟିମ୍ ଗଠନ କରିବାକୁ ଅଶବୀରଙ୍କ ଲାଗି କଷ୍ଟକର ହେବ। ସେ ୟୁଏଫା ପ୍ରୋ-ଲାଇସେନ୍ସ ହାସଲ କରିଛନ୍ତି।



## ଦ.ଆଫ୍ରିକାକୁ ଜିତାଇଲେ ମହାରାଜ, ମାର୍କରମ

କେର୍ନ୍ସ, ୧୯।୮ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୯୮ ରନର ବୃହତ୍ ବ୍ୟବଧାନରେ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୮ ୱିକେଟ୍ ହରାଇ ୨୯୬ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର୍ ଆଇଡେନ୍ ମାର୍କରମ ୮୧ ବଲରେ ସର୍ବାଧିକ ୮୨ ରନ କରିଥିଲେ। ସେହିଭଳି ଅଧିନାୟକ ଟେମ୍ବା ବାଭୁମା ୬୫, ମାଥ୍ୟୁ ବ୍ରିଜକେ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆର ପାର୍ଟଟାଇମ ସ୍ପିନର ଟ୍ରାଭିସ ହେଡ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ତଥା ଅଧିନାୟକ ମିଚେଲ୍ ମାର୍ଶଙ୍କ ୮୮ ରନ ସତ୍ତ୍ୱେ ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୯୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ତେବେ ମଧ୍ୟକ୍ରମରେ ମାର୍ନଶ ଲାବୁଶେନ (୧), କାମେରନ ଗ୍ରୀନ (୩), ଜୋଶ ଇଂଲିଶ (୫), ଆଲେକ୍ସ କାରୀ (୦) ଓ ଆରୋନ ହାର୍ଡି (୪ ରନ)ଙ୍କୁ ଆଉଟ୍ କରି କେଶବ ମହାରାଜ ଅଷ୍ଟ୍ରେଲିଆର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ପାଇଥିବା କେଶବ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## କାନାମୋ ଗିରିଶୃଙ୍ଗରେ ଜାତୀୟ ପତାକା ଉଡ଼ାଇଲେ ଗଣେଶ, ପ୍ରଭାସିନୀ




ଭୁବନେଶ୍ୱର, ୧୯।୮ (ସମିସ): ଓଡ଼ିଶାର ଅଗ୍ରଣୀ ଦୁଃସାହସିକ ଅନୁଷ୍ଠାନ ଆଶା ଓ ଚଣ୍ଡିଗଡ଼ସ୍ଥିତ ଜାତୀୟ ଦୁଃସାହସିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ପର୍ବତ ଆରୋହଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ହିମାଚଳ ପ୍ରଦେଶର କାନାମୋ ଗିରିଶୃଙ୍ଗକୁ ଆରୋହଣ ଲାଗି ଅଗଷ୍ଟ ୧୧ରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଅଗଷ୍ଟ ୧୭ରେ ୪ଜଣ ପର୍ବତାରୋହୀ ସଫଳତାର ସହ ଗିରିଶୃଙ୍ଗରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଚଳିତ ବର୍ଷ ସାରା ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଥିବାରୁ ୭୯ ଫୁଟର ଏକ ଜାତୀୟ ପତାକା କାନାମୋ ଶିଖରରେ ଉଡ଼ିଥିଲା। ସଫଳତାର ସହ ଆରୋହଣ କରିଥିବା ୪ଜଣ ପର୍ବତାରୋହୀ ହେଲେ ଓଡ଼ିଶାର ଗଣେଶ ଚନ୍ଦ୍ର ଜେନା ଓ ପ୍ରଭାସିନୀ ବେହେରା, ହରିୟାଣାର ସୁମିତ କୁମାର ଏବଂ ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର। ଗଣେଶ ବର୍ତ୍ତମାନ 'ଆଶା'ର ସମ୍ପାଦକ ରହିଛନ୍ତି। ଏହି ସଫଳତା ଲାଗି ଆଶା'ର ସଦସ୍ୟ ବିଜୟ କୁମାର ସାସମଲ, ଭାର୍ଗବ ବିହାରୀ, ଅଶୋକ ମହାନ୍ତି, ଅଜିତ ପାଢ଼ୀ, ହରେଶ ମିଶ୍ର, ଶକ୍ତିରଞ୍ଜନ ମହାନ୍ତି, ଶିବଶଙ୍କର ପଣ୍ଡା, ଚିନ୍ମୟ ମହାରଣା, ଦୀପକ କୁମାର ମହନ୍ତ, ବିକ୍ରମ କେଶରୀ ଦାସ, କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ କ୍ରୀଡ଼ା ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ସଂସଦରେ ପାରିତ କ୍ରୀଡ଼ା ପ୍ରଶାସନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଏନେଇ କେନ୍ଦ୍ର ସରକାର ମଙ୍ଗଳବାର ଗେଜେଟ ବିଜ୍ଞପ୍ତି ଜାରି କରିଛନ୍ତି। ଗତ ୧୧ ତାରିଖରେ ଏହି କ୍ରୀଡ଼ା ବିଲ୍ ଲୋକସଭାରେ ଏବଂ ଦିନ ପରେ ରାଜ୍ୟସଭାରେ ପାରିତ ହୋଇଥିଲା। ନୂତନ କ୍ରୀଡ଼ା ବିଲ୍ ଦେଶରେ ଥିବା ବିଭିନ୍ନ କ୍ରୀଡ଼ା ପ୍ରଶାସନକୁ ନିୟନ୍ତ୍ରଣ କରିବ। ଏହା ଅଧୀନରେ ଜାତୀୟ କ୍ରୀଡ଼ା ବୋର୍ଡ ଗଠନ କରାଯିବ। ଏହି ବୋର୍ଡ ବିସିସିଆଇ ସମେତ ସମସ୍ତ କ୍ରୀଡ଼ା ମହାସଂଘର କାର୍ଯ୍ୟର ତଦାରଖ କରିବ। ସେହିଭଳି ବିଭିନ୍ନ କ୍ରୀଡ଼ା ବିବାଦଗୁଡ଼ିକର ସମାଧାନ ଲାଗି ଏକ କ୍ରୀଡ଼ା ଟ୍ରିବ୍ୟୁନାଲ ଗଠନର ବ୍ୟବସ୍ଥା ନୂତନ ବିଲରେ ରହିଛି। ଏହାବାଦ ବିଭିନ୍ନ କ୍ରୀଡ଼ା ମହାସଂଘର ନିର୍ବାଚନକୁ ସୁପରିଚାଳନା ଲାଗି କ୍ରୀଡ଼ା ନିର୍ବାଚନ ପ୍ୟାନେଲ ମଧ୍ୟ ଗଠନ କରାଯିବ ବୋଲି ଜଣାପଡ଼ିଛି।

■ ଦୃଷ୍ଟିହୀନ ମହିଳା ଟି-୨୦

## ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୯



ଭୁବନେଶ୍ୱର, ୧୯।୮ (ସମିସ): ବେଙ୍ଗାଲୁରୁରେ ମଙ୍ଗଳବାରଠାରୁ ଜୋନାଲ ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଜୋନ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ୧୩ ଜଣିଆ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାର ଫୁଲ ସୋରେନ ଅଧିନାୟିକା ରହିଥିବାବେଳେ ବାସନ୍ତୀ ହାଁସଦା, ଝିଲ୍ଲି ବରୁଆ, ପଦ୍ମିନୀ ଟୁଡୁ, ଯମୁନାରାଣୀ ଟୁଡୁ, ମାମିନା ନାୟକ, ରଚନା ଜେନା, ପାର୍ବତୀ ମାରାଣ୍ଡୀ (ୱିକେଟକିପର) ଓ ସୁକାନ୍ତୀ ଦଳପତି ଦଳରେ ରହିଛନ୍ତି। ଏହି ପ୍ରତିଯୋଗିତାରୁ ୪ଟି ଜୋନରୁ ୫୬ଜଣ ଖେଳାଳିଙ୍କୁ ଚୟନ କରାଯିବ। ଏହାପରେ ପ୍ରଶିକ୍ଷଣ ଶିବିରରୁ ଭାରତୀୟ ଦୃଷ୍ଟିହୀନ ଦଳ ଚୂଡ଼ାନ୍ତ ୧୭ ଜଣିଆ ଦଳ ମନୋନୀତ କରାଯିବ। ନଭେମ୍ବରରେ ନେପାଳରେ ହେବାକୁ ଥିବା ପ୍ରଥମ ମହିଳା ଦୃଷ୍ଟିହୀନ ବିଶ୍ୱକପ୍‌ରେ ଏହି ଦଳ ଅଂଶଗ୍ରହଣ କରିବ।

## ପଞ୍ଚାୟତସ୍ତରରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ କରିବ କେଭିଡିସି

କଟକ,୧୯।୮ (ସମିସ): କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଜ୍ୟର ୩୧୪ଟି ବ୍ଲକରେ ଭଲିବଲ କ୍ରୀଡ଼ାର ବହୁଳ ପ୍ରଚାର, ପ୍ରସାର କରାଯିବ। ଏପରିକି ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ଯୋଜନା ରହିଛି। ପ୍ରତିଯୋଗିତା ଆୟୋଜନ ନିମନ୍ତେ ଆବଶ୍ୟକୀୟ କ୍ରୀଡ଼ା ଉପକରଣ କାଉନସିଲ ପକ୍ଷରୁ ଯୋଗାଇ ଦିଆଯିବ। ପଞ୍ଚାୟତସ୍ତରୀୟ ପ୍ରତିଯୋଗିତା ଶେଷ ପରେ ଶ୍ରେଷ୍ଠ ୮ଟି ଦଳକୁ ନେଇ ସୁପର ଲିଗ୍ ଆୟୋଜନ ହେବ। ତେବେ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପଞ୍ଜୀକରଣ ଶେଷ ଦିନ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ ହୋଇଛି। ଦଳ ପଞ୍ଜୀକରଣ ନିମନ୍ତେ ମୋବାଇଲ ନମ୍ବର ୯୧୧୪୬୮୪୪୯୮ ଏବଂ ୯୩୩୭୦୪୧୪୨୦ରେ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। କାର୍ଯ୍ୟକାରିଣୀ ବୈଠକରେ ପରିଷଦର ନିର୍ଦ୍ଦେଶିକା ଦିୟା ମଜୁମଦାର, ନିର୍ଦ୍ଦେଶକ ସାହିଲ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିପ୍ତୀରଞ୍ଜନ ମହାନ୍ତି, କୁମାରଶ୍ରୀ ସାହୁ, କଟକ ଜିଲ୍ଲା ସଂଯୋଜକ ଅମର କୁମାର ଭଞ୍ଜ, ଢେଙ୍କାନାଳ ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ, ଜାତୀୟ ଭଲିବଲ ଖେଳାଳି ମହମ୍ମଦ ଓବେଦୁର ରେହମା, ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଇନିଂସ୍ ପଛୁଆ

କଟକ,୧୯।୮ (ସମିସ):

ବେଙ୍ଗାଲୁରୁର ସିପିଟି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରୋଦା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ପଛୁଆ ରହିଛି। ବରୋଦାର ପାଳି ୩୮୧/୬ ଜବାବରେ ଭ୍ରମଣକାରୀ ଓଡ଼ିଶା ସମସ୍ତ ୱିକେଟ ହରାଇ ୩୫୨ ରନ କରିଥିଲା। ଅଧିନାୟକ ସ୍ୱସ୍ତିକ ସାମଲ ୧୧୪ ରନର ଶତକୀୟ ପାଳି ଖେଳିଥିଲେ। ବୁଧବାର ହେଉଛି ମ୍ୟାଚ୍‌ର ଅନ୍ତିମ ଦିବସ। ଉଭୟ ଦଳ ଦ୍ୱିତୀୟ ପାଳିରେ ୪୫ ଓଭର ଲେଖାଏ ଖେଳିବେ। ପ୍ରଥମ ପାଳିରେ ୨୯ ରନ ଆଗୁଆ ରହିଥିବା ବରୋଦାକୁ ଓଡ଼ିଶା ପରାସ୍ତ କରିବା ଲକ୍ଷ୍ୟରେ ରହିବ।

ଅଧିନାୟକ ସ୍ୱସ୍ତିକ ଏବଂ ଓମଟି ମୁଣ୍ଡେ ଓପନିଂ ଭାର ସମ୍ଭାଳିଥିଲେ। ମ୍ୟାଚ୍‌ର ୧୩ତମ ଓଭରରେ ଓଡ଼ିଶାକୁ ପ୍ରଥମ ଝଟକା ଲାଗିଥିଲା। ମାତ୍ର ୧୩ ରନରେ ମୁଣ୍ଡେ ପ୍ୟାଭିଲିୟନ ଫେରିଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧, ଶୁଭ୍ରାଂଶୁ ସେନାପତି ୩୩, ଆଶୀର୍ବାଦ ସ୍ୱାଇଁ ୧୯ ରନରେ ଆଉଟ ହୋଇଥିଲେ। ଗୋବିନ୍ଦ ପୋଦ୍ଦାର ଏବଂ ସ୍ୱସ୍ତିକଙ୍କ ମଧ୍ୟରେ ଦ୍ରୁତ ୪୯ ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ତେବେ ୧୫୫ ବଲରୁ ୧୨ ଚୌକା ଏବଂ ୩ଟି ଛକା ସହାୟତାରେ ୧୧୪ ରନ କରି ସ୍ୱସ୍ତିକ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୨୦ ରନରେ ଦଳ ୫ଟି ୱିକେଟ ହରାଇଥିବା ସତ୍ତ୍ୱେ ଗୋବିନ୍ଦ ଏବଂ ସମ୍ବିତ ବରାଳ ବଡସଟ୍ ଖେଳି ଓଡ଼ିଶା ଶିବିରକୁ ଚାପମୁକ୍ତ କରାଇଥିଲେ। ଗୋବିନ୍ଦ ୫୭ ବଲରୁ ୭୧ ରନ ଓ ସମ୍ବିତ ୫୯ ରନ କରିଥିଲେ। ସୁନୀଲ କୁମାର ରାଉଳ ୧୩, ବାଦଲ ବିଶ୍ୱାଳ ୧୨, ସୁମିତ ଶର୍ମା ୯ ରନରେ ଆଉଟ ହୋଇଥିଲେ। ବରୋଦା ପକ୍ଷରୁ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ସର୍ବାଧିକ ୫ଟି ୱିକେଟ ଦଖଲ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS